READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524



ବର୍ଷ-୯ | ସଂଖ୍ୟା-୨୮ | ୨୧ - ୨୭ ଜୁଲାଇ, ୨୦୨୫ | ଭୁବନେଶ୍ୱର | Monday Weekly | VOL-9 | ISSUE-28 | 21st - 27th JULY, 2025 | BHUBANESWAR | ₹ 5/- (8 Pages)

# ବିଜେଡିରେ ପୁଣି ପାଣ୍ଡିଆନ ଦମ୍ପତି ସକ୍ରିୟ !



**ଭୁବନେଶ୍ୱର :** ବିଜୁ ଜନତା ଦଳ (ବିଜେଡି) ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଅସୁସ୍ଥତା ଓ ସଂଗଠନ ପରିଚାଳନାରେ ଅନାଗ୍ରହର ଫାଇଦା ଉଠାଇ ଦଳର ଅଘୋଷିତ ସର୍ବେସର୍ବା ଭିକେ ପାଣ୍ଡିଆନଙ୍କ ପତ୍ନୀ ସୁଜାତା କାର୍ତ୍ତିକେୟନ ରାଉତ ଏବେ ଅଚାନକ ସକ୍ରିୟ ହୋଇଉଠିଛନ୍ତି । ଆଇଏଏସ୍ ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେବାର ପ୍ରାୟ ୪ମାସ ପରେ ସୁଜାତାଙ୍କର ବିଜେଡିର ଆଭ୍ୟନ୍ତରୀଣ ବ୍ୟାପାରରେ ଅଧିକ ସକ୍ରିୟତାକୁ ନେଇ ଦଳ ଭିତରେ ଚାପି ହୋଇ ରହିଥିବା ଅସନ୍ତୋଷ ପୁଣିଥରେ ଉଗ୍ର ରୂପ ଧାରଣ କରିବାର ଆଶଙ୍କା ଦେଖାଦେଇଛି । ବିଜେଡିର ସଚିବାଳୟ ଘେରାଉ କାର୍ଯ୍ୟକ୍ରମରେ ଆହତ ପ୍ରଣବପ୍ରକାଶ ଦାସଙ୍କୁ ଭେଟିବା ପାଇଁ ପାଣ୍ଡିଆନ ଦମ୍ପତି ହସ୍ପିଟାଲ ଯିବାପରେ ଦଳୀୟ ରାଜନୀତିରେ ତାଙ୍କର ସମ୍ପୃକ୍ତି ଓ ପ୍ରଚ୍ଛଦପଟରେ ରହି ଦଳକୁ ନିୟନ୍ତ୍ରଣ କରୁଥିବା ସ୍ପଷ୍ଟ ହେବାରେ ଲାଗିଛି । ବିଜେଡିରେ ନବୀନଙ୍କ ନିଷ୍କ୍ରିୟତା, ପାଣ୍ଡିଆନ ଦମ୍ପତିଙ୍କ ପତିଆରା ବୃଦ୍ଧି ଏବଂ ବିଶେଷକରି ରାଜ୍ୟ ଓ ରାଜ୍ୟବାସୀଙ୍କ ସ୍ୱାର୍ଥଜଡ଼ିତ ପ୍ରସଙ୍ଗରୁ ଦଳ ଦୂରେଇ ଯାଉଥିବାରୁ ଦଳୀୟ କର୍ମୀ-ନେତାଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି । ପାଣ୍ଡିଆନ ଦମ୍ପତି ନିଜର ଅସ୍ତିତ୍ୱ ରକ୍ଷା ପାଇଁ କରିଥିବା ଅଘୋଷିତ ରାଜନୀତିକ ଡିଲ୍ ଯୋଗୁ ବିଜେଡି ବ୍ୟାକଫୁଟରେ ଥିବାର ଫାଇଦା ଉଠାଇ କଂଗ୍ରେସ ରାଜ୍ୟରେ ନିଜକୁ ଶକ୍ତିଶାଳୀ ବିରୋଧୀ ଦଳ ଭାବେ ବିକଶିତ କରିବାରେ ସଫଳ ହେଉଥିବା ଜଣାପଡ଼ିଛି । ସୂଚନାଥାଉ କି, ବାଲେଶ୍ୱର ଛାତ୍ରୀ ଆତ୍ମଦାହ ଘଟଣାର ବିଚାରବିଭାଗୀୟ ତଦନ୍ତ ଆଦି ଦାବିରେ ସଚିବାଳୟ ଘେରାଉ କରିଥିବା ବିଜେଡି । ପ୍ରାୟ ଦୁଇରୁ ଅଢ଼େଇ ହଜାର କର୍ମୀ-ନେତାଙ୍କୁ ଧରି ଏହି ଘେରାଉକୁ ଓହ୍ଲାଇଥିବା ବିଜେଡି ନିଜର ବିକ୍ଷୋଭ ପ୍ରଦର୍ଶନ କାର୍ଯ୍ୟକ୍ରମକୁ ଘଣ୍ଟାଏରୁ ଅଧିକ ସମୟ ପର୍ଯ୍ୟନ୍ତ ଜାରି ରଖିପାରିନଥିଲା । ପୁଲିସର କାର୍ଯ୍ୟାନୁଷ୍ଠାନରେ ବିଜେଡି କର୍ମୀ-ନେତା ଛତ୍ରଭଙ୍ଗ ଦେଇଥିଲେ । ଆଉ ଦଳର ଯାଜପୁରର ୩ଜଣ ଆଗଧାଡ଼ିର ନେତା ପ୍ରଣବପ୍ରକାଶ ଦାସ, ପ୍ରୀତିରଞ୍ଜନ ଘଡ଼େଇ ଓ ସୁଲତା ଦେଓଙ୍କ ସମେତ ୧୦୦ରୁ ଅଧିକ କର୍ମୀ-ନେତା ଆହତ ହୋଇଥିବା ବିଜେଡି ପକ୍ଷରୁ ଆନୁଷ୍ଠାନିକ ସୂଚନା ଦିଆଗଲା । ଯଦିଓ ସୁଜାତା ସିଧାସଳଖ ବିଜେଡିର କୌଣସି ମଞ୍ଚରେ ଦୃଶ୍ୟମାନ ହେଉନାହାନ୍ତି କିନ୍ତୁ ପରଦା ପଛରେ ରହି ଏହି ନିର୍ଦ୍ଦେଶ ଦେଇଥିବା ବିଜେଡିର ନିର୍ଭରଯୋଗ୍ୟ ସୂତ୍ରରୁ ସୂଚନା ମିଳିଛି । ବିଜେଡିର ସଚିବାଳୟ ଘେରାଉ ପରେ ଦଳ ପକ୍ଷରୁ ଶଙ୍ଖଭବନରେ ସାମ୍ବାଦିକ ସମ୍ମିଳନୀ କରି ଗଣମାଧ୍ୟମ ଆଗରେ ତଥ୍ୟ ରଖିବାକୁ ନିଷ୍ପତ୍ତି ହୋଇଥିଲା । ଏହି ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ନେତ୍ରୀ ପ୍ରମିଳା ମଲ୍ଲିକ, ଅରୁଣ ସାହୁ ଓ ପ୍ରତାପ ଜେନା ଗଣମାଧ୍ୟମକୁ ସମ୍ବୋଧନ କରିବାକୁ ନିଷ୍ପତ୍ତି ହୋଇଥିଲା । ମାତ୍ର ସାଜାତାଙ୍କ ନିର୍ଦ୍ଦେଶରେ ଶେଷ ମୁହୂର୍ତ୍ତରେ ପ୍ରମିଳା ଓ ଅରୁଣଙ୍କ ବଦଳରେ ଶର୍ମିଷ୍ଠା ସେଠୀ ଓ ସୁଦାମ ମାରାଣ୍ଡିଙ୍କୁ ଧରି ପ୍ରତାପଙ୍କ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ କରାଯାଇଥିଲା ବୋଲି ନିର୍ଭରଯୋଗ୍ୟ ସୂତ୍ରରୁ ସୂଚନା ମିଳିଛି । ଏଥିପାଇଁ ଉପରୁ ନିର୍ଦ୍ଦେଶ ରହିଥିବା ଚର୍ଚ୍ଚା ହେଉଛି । ପୁଲିସର କାର୍ଯ୍ୟାନୁଷ୍ଠାନରେ ଆହତ ହୋଇଥିବାର ରାଜନୀତିକ ଡ୍ରାମା କରୁଥିବା

➤ ପୃ-୬

### ଫୋବର୍ସ ପକ୍ଷରୁ ବିଶ୍ୱର ସବୁଠୁ ଶକ୍ତିଶାଳୀ ଦେଶଙ୍କ ସୂଚୀ ଜାରି

# ୧୨ ତମ ସ୍ଥାନରେ ଭାରତ



**ନୂଆଦିଲ୍ଲୀ :** ଆମେ ୨୦୨୫ ରୁ ୨୦୨୬ ଆଡକୁ ଅଗ୍ରସର ହେଉଛେ । ଏଣୁ ବିଶ୍ୱରେ ଦେଶମାନେ ଏବେ ଆର୍ଥିକ, ସାମରିକ ଓ କୂଟନୈତିକ ରୂପେ ନିଜକୁ ମଜଭୁତ କରିବାରେ ଲାଗିଛନ୍ତି । ଏଥି ମଧ୍ୟରେ 'ଫୋର୍ବସ' ବିଶ୍ୱର ୧୦ ସବୁଠୁ ଶକ୍ତିଶାଳୀ ଦେଶଙ୍କ ସୂଚୀ ଜାରି କରିଛି । ଏହି ତାଲିକାରେ ଆମେରିକା ପୁଣି ଥରେ ୧ ନମ୍ବର ସ୍ଥାନରେ ଥିବା ବେଳେ ଚୀନ୍ ଦ୍ରୁତବେଗରେ ଆମେରିକା ନିକଟତର ହେବାରେ ଲାଗିଛି । ଏଥିରେ ଭାରତର ସ୍ଥିତିରେ ମଧ ବେଶ୍ ସୁଧାର ଆସିଛି । ତେବେ ଶକ୍ତିଶାଳୀ ଦେଶଙ୍କ ସୂଚୀର ସର୍ବାଗ୍ରେ ରହିଛି ଆମେରିକା । ୩୦.୩୪ଟ୍ରିଲିୟନ ଡଲାର ଜିଡିପି ଓ ୩୪.୫ କୋଟି ଜନସଂଖ୍ୟା ସହିତ ଆମେରିକା ଆଜିବି ବିଶ୍ୱର ସର୍ବ ବୃହତ୍ ଆର୍ଥିକ ଓ ସୈନ୍ୟ ଶକ୍ତି ରହିଛି । ବୈଷୟିକ, ସାଂସ୍କୃତିକ ଓ କୂଟନୀତି ଦେଶକୁ ବିଶ୍ୱର ୧ ନମ୍ବର କରି ରଖିଛି । ଏହାର ବୈଶ୍ୱିକ ସାମରିକ ଆଡ୍ଡା ଓ ମଜଭୁତ ମେଣ୍ଟ ଏହାର ସ୍ଥିତିକୁ ଆହୁରି ଦୃଢ କରିଛି । କେବଳ ଏସିଆ ନୁହେଁ ଚୀନ୍ ଏବେ ପୁରା ବିଶ୍ୱରେ ଆମେରିକାର ସବୁଠୁ ବଡ଼ ପ୍ରତିଦ୍ୱନ୍ଦ୍ୱୀରେ ପରିଣତ ହୋଇଛି । ଏହାର ଜିଡିପି ୧୯.୫୩ ଟ୍ରିଲିୟନ ଡଲାରକୁ ପହଞ୍ଚି ଯାଇଛି । ୧୪୧ କୋଟି ଜନସଂଖ୍ୟା ଏବେ ଏହି ଦେଶର ତାକତ ପାଲଟିଛି । ଚୀନ୍ର ବେଲ୍ଟ ଆଣ୍ଡ ରୋଡ ଇନିସିଏଟିଭ ଓ ବୈଷୟିକ ନିବେଶ ଏହାର ବୈଶ୍ୱିକ ସ୍ଥିତିକୁ ଆହୁରି ମଜଭୁତ କରୁଛି । ଯଦିଓ ଆର୍ଥିକ କ୍ଷମତାରେ ଋଷିଆ ଦୁର୍ବଳ ହେଲେ ଏହାର ସାମରିକ କ୍ଷମତା ଓ ପରମାଣୁ କ୍ଷମତା ଏହି ଦେଶକୁ ବିଶ୍ୱର ୩ ନମ୍ବର ଶକ୍ତିଶାଳୀ ଦେଶରେ ପରିଣତ କରିଛି ।

➤ ପୃ-୬

# ଆତ୍ମସମୀକ୍ଷା କରନ୍ତୁ ବିରୋଧୀ : ଅପରାଜିତା



**ଭୁବନେଶ୍ୱର :** ବାଲେଶ୍ୱର ଏଫ.ଏମ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶି ମୃତ୍ୟୁ ଘଟଣା ଅତ୍ୟନ୍ତ ଦୁଃଖଦାୟକ ଓ ହୃଦୟବିଦାରକ, ଯାହା ଆମ ସମସ୍ତଙ୍କୁ ବ୍ୟଥିତ କରିଛି । ବିରୋଧୀ ଦଳ ଭାବେ କଂଗ୍ରେସ ଓ ବିଜେଡିକୁ ଆନ୍ଦୋଳନ କରିବାର ସଂପୂର୍ଣ୍ଣ ଅଧିକାର ରହିଛି, ମାତ୍ର ଅସହିଷ୍ଣୁ ହୋଇ ହୀନ ରାଜନୀତି କରି ଅଗଣତାନ୍ତ୍ରୀକ ଉପାୟରେ ବାତାବରଣ ନଷ୍ଟ କରିବା ଅନୁଚିତ୍ । ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବା ପୂର୍ବରୁ ନିଜ ଶାସନ କାଳର କାର୍ଯ୍ୟକଳାପକୁ ଉଭୟ ବିଜେଡି ଓ କଂଗ୍ରେସ ଦଳ ଆତ୍ମସମୀକ୍ଷା କରିବା ଉଚିତ୍ ଥିଲା । ନିଜ ନିଜ ଶାସନ କାଳରେ କଂଗ୍ରେସ ଦଳ ୪୦ ବର୍ଷ ଏବଂ ବିଜେଡି ୨୪ ବର୍ଷ ଧରି ରାଜ୍ୟରେ ମହିଳା ସୁରକ୍ଷା ଓ ସଶକ୍ତିକରଣ ପାଇଁ କାର୍ଯ୍ୟ କରିଥିଲେ, ଏଭଳି ପରିସ୍ଥିତି ସୃଷ୍ଟି ହୋଇନଥାନ୍ତା । ନିଜ ଇତିହାସକୁ ଭୁଲି ଯାଇ ଉଭୟ ଦଳ ଦୋଷାରୋପଣ ରାଜନୀତି କରୁଛନ୍ତି । କଂଗ୍ରେସ ଦଳର ରାଷ୍ଟ୍ରୀୟ ସଭାନେତ୍ରୀ ଦିଲ୍ଲୀରୁ ବାତାବରଣ ଅଶାନ୍ତ କରିବାକୁ ଓଡିଶା ଆସିଛନ୍ତି । ନାରୀ ସୁରକ୍ଷା ପ୍ରସଙ୍ଗରେ ଅଶାନ୍ତି ସୃଷ୍ଟି କରିବାକୁ କଂଗ୍ରେସ ଓ ବିଜେଡିର କୌଣସି ପ୍ରକାର ନୈତିକ ଅଧିକାର ନାହିଁ । ସେମାନଙ୍କ ଆଚରଣ ଓ ଉଚାରଣରୁ ଏହା ସ୍ପଷ୍ଟ ହେଉଛି ଯେ; ବିରୋଧୀ ବିଜେଡି ଓ କଂଗ୍ରେସ "ଡାହାଣୀ ହୋଇ ଲାଗୁଛନ୍ତି ଓ ଗୁଣିଆ ହୋଇ ଝାଡୁଛନ୍ତି" । କେବଳ ଅସ୍ତିତ୍ୱ ବଜାୟ ରଖିବା ଓ ନ୍ୟୁଜରେ ରହିବା ହେଉଛି ଉଭୟ ଦଳର ପ୍ରକୃତ ଉଦ୍ଦେଶ୍ୟ ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସାଂସଦ ତଥା ରାଷ୍ଟ୍ରୀୟ ମୁଖପାତ୍ର ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ କହିଛନ୍ତି । ଶ୍ରୀମତୀ ଷଡଙ୍ଗୀ କହିଛନ୍ତି ଯେ, ମହିଳା ସୁରକ୍ଷା ଆମ ଦାୟୀତ୍ୱ ଓ ପ୍ରାଥମିକତା । ଏଫ୍.ଏମ୍ କଲେଜ ଘଟଣାର ଗଭୀରତା ଓ ସ୍ଥିତିକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଠୋର ପଦକ୍ଷେପ ନେଇଛନ୍ତି । ଏହି ଘଟଣା ରାଜ୍ୟ ସରକାରଙ୍କ ସଂଜ୍ଞାନକୁ ଆସିବା ପରେ ମୁଖ୍ୟମନ୍ତ୍ରୀଙ୍କ

➤ ପୃ-୬

# ଶକ୍ତି ପରିବର୍ତ୍ତନ ନୀତି କାର୍ଯ୍ୟକାରୀ କରିବାରେ ଓଡ଼ିଶା ପ୍ରଥମ : ଉପମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର :** ଭୁବନେଶ୍ୱରର ମେଫେୟାରରେ ଓଡ଼ିଶା ଶକ୍ତି ପରିବର୍ତ୍ତନ ନୀତି ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ସରକାରଙ୍କ ବିଭିନ୍ନ ବିଭାଗ, ଶିଳ୍ପ ଏବଂ ଅନ୍ତର୍ଜାତୀୟ ଆର୍ଥିକ ପ୍ରତିଷ୍ଠାନର ବିଶିଷ୍ଟ ବ୍ୟକ୍ତିବିଶେଷ ମାନେ ଏକାଠି ହୋଇଥିଲେ । ଏହି କର୍ମଶାଳା ଏକ ସ୍ଥାୟୀ, କମ୍ କାର୍ବନ ଭବିଷ୍ୟତ ପ୍ରତି ଓଡ଼ିଶାର ପ୍ରତିବଦ୍ଧକୁ ସୁନିଶ୍ଚିତ କରିଛି । ଏହି କର୍ମଶାଳାକୁ ମାନ୍ୟବର ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଉଦଘାଟନ କରିଥିଲେ । ବିଶାଳ କୁମାର ଦେବ, ପ୍ରମୁଖ ଶାସନ ସଚିବ, ଶକ୍ତି ବିଭାଗ, ଡ ସତ୍ୟ ପ୍ରିୟ ରଥ, ଏମ୍ଡି ଗ୍ରୀଡକୋ, ସୁଜାତା ଗୁପ୍ତା, ଦକ୍ଷିଣ ଏସିଆ (ଶକ୍ତି) ନିର୍ଦ୍ଦେଶକ ଏଡ଼ିବି (ଏଡିବି), ଶ୍ରେୟମ୍ବା ବୈରିଗଞ୍ଜନ, କାର୍ଯ୍ୟକ୍ରମ ମୁଖ୍ୟ, ଶକ୍ତି ସଷ୍ଟେନେବଲ୍ ଏନର୍ଜି ଫାଉଣ୍ଡେସନ୍, ଏବଂ ପଦମ ପ୍ରକାଶ, ପାର୍ଟନର, ପିଡବ୍ଲୁସି (ପିଡବ୍ଲୁସି) । ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଥିଲେ ଯେ, ଜାତୀୟ ଶକ୍ତି ପରିବର୍ତ୍ତନରେ ଓଡ଼ିଶା ନେତୃତ୍ୱ ନେଉଛି । ଶକ୍ତି ପରିବର୍ତ୍ତନ ନୀତି ଆପଣେଇବାରେ ଓଡ଼ିଶା ପ୍ରଥମ ରାଜ୍ୟ ଅଟେ । ଏହି ନୀତି ଏକ ରଣନୈତିକ ରୋଡମ୍ୟାପ୍ ଅଟେ ଯାହା ନବସୃଜନ ଓ ପ୍ରଗତିକୁ ଆଗେଇ ନେବା ପାଇଁ ଡିଜାଇନ୍ କରାଯାଇଛି । ଶକ୍ତି ବିଭାଗର ପ୍ରମୁଖ ସଚିବ ବିଶାଳ କୁମାର ଦେବ କହିଲେ ଯେ, ଓଡ଼ିଶା ଶକ୍ତି ପରିବର୍ତ୍ତନ ନୀତିର ଡ୍ରାଫ୍ଟ ଏକ ଭବିଷ୍ୟତମୁଖୀ ଢାଞ୍ଚା ଯାହା ନବୀକରଣୀୟ ଶକ୍ତି, ଶକ୍ତି ଦକ୍ଷତା ଏବଂ ସବୁଜ ନିଯୁକ୍ତିକୁ ସମନ୍ୱିତ କରିଥାଏ । ଡ ସତ୍ୟପ୍ରିୟ ରଥ, ଗ୍ରୀଡକୋ ପରିଚାଳନା ନିର୍ଦ୍ଦେଶକ, ଶକ୍ତି ପରିବର୍ତ୍ତନରେ ଗ୍ରୀଡକୋର କେନ୍ଦ୍ରୀୟ ଭୂମିକା ଉପରେ ଆଲୋକପାତ କରିଥିଲେ । ଏଡ଼ିବିର ଆଞ୍ଚଳିକ ନିର୍ଦ୍ଦେଶକ ସୁଜାତା ଗୁପ୍ତା, ଓଡ଼ିଶାର ଦୃଷ୍ଟିକୋଣ ପ୍ରତି ଦୃଢ଼ ସମର୍ଥନ ପ୍ରକାଶ କରିଥିଲେ । ଏଡ଼ିବି ବିଭିନ୍ନ ଦେଶରେ ବିଭିନ୍ନ ଶକ୍ତି ପରିବର୍ତ୍ତନ ପଦକ୍ଷେପକୁ ସମର୍ଥନ କରିଛି ଏବଂ ଓଡ଼ିଶାକୁ ସମାନ ସମର୍ଥନ ଦେବାକୁ ଆଗ୍ରହୀ ବୋଲି ମତବ୍ୟକ୍ତ କରିଥିଲେ । ଶକ୍ତି ସଷ୍ଟେନେବଲ୍ ଏନର୍ଜି ଫାଉଣ୍ଡେସନ୍ର କାର୍ଯ୍ୟକ୍ରମ ମୁଖ୍ୟ ଶ୍ରୀ ବୈରିଗଞ୍ଜନ୍, ଓଡ଼ିଶାର ସକ୍ରିୟ ଆଭିମୁଖ୍ୟକୁ ପ୍ରଶଂସା କରିଥିଲେ ।

➤ ପୃ-୬

### ବିଷ୍ଣୁପଦ ସେଠୀଙ୍କ ଆଗୁଆ ଜାମିନ ଆବେଦନ ମାମଲା

# ଶୁଣାଣି ଶେଷ, ରାୟ ସଂରକ୍ଷିତ



**କଟକ :** ବରିଷ୍ଠ ଆଇଏଏସ ଅଧିକାରୀ ବିଷ୍ଣୁପଦ ସେଠୀଙ୍କ ଆଗୁଆ ଜାମିନ ଆବେଦନର ହାଇକୋର୍ଟରେ ଶୁଣାଣି ଶେଷ ହୋଇଛି । ଜଷ୍ଟିସ ଭି.ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଶ୍ରୀ ସେଠୀଙ୍କ ଆବେଦନର ଆଜି ଚୂଡାନ୍ତ ଶୁଣାଣି ହୋଇଥିଲା । ସିବିଆଇ ତରଫରୁ ତଦନ୍ତର ସାନି ସ୍ଥିତି ନେଇ ଅବଗତ କରାଯାଇଥିଲା । ସିବିଆଇ ତରଫରୁ ସହଅଭିଯୁକ୍ତ

➤ ପୃ-୬

# 'ଓଡ଼ିଶା ଏବେ ପ୍ରଗତିଶୀଳ'



**ଭୁବନେଶ୍ୱର :** ଜାତୀୟ ସୁଶାସନ କର୍ମଶାଳାରେ ଓଡିଶା ମଡେଲ ରଖିଲେ ମୁଖ୍ୟମନ୍ତ୍ରୀ । ମୋହନ ମାଝୀ କହିଲେ, ବିପର୍ଯ୍ୟୟ ପ୍ରବଣ ରାଜ୍ୟରୁ ବାହାରି ଓଡ଼ିଶା ଏବେ ହୋଇଛି ପ୍ରଗତିଶୀଳ । ସୁଶାସନ ପ୍ରତ୍ୟେକ ଲୋକର ଅଧିକାର ଓ ଅଧିକାରୀଙ୍କ କର୍ତ୍ତବ୍ୟ । ଆଗକୁ ଲୋକଙ୍କୁ ସୁଶାସନ ଯୋଗାଇଦେବାକୁ ଏଆଇର କରାଯିବ ବ୍ୟବହାର । କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱରରେ ଆରମ୍ଭ ହୋଇଥିଲା ଜାତୀୟ ସୁଶାସନ ସମ୍ମିଳନୀ । ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଓଡ଼ିଶା ସୁଶାସନ ମଡେଲର କଥା କହିଥିଲେ । ସାଧାରଣ ଲୋକଙ୍କୁ ଅନଲାଇନରେ ଯୋଗାଇ ଦିଆଯାଉଛି ବିଭିନ୍ନ ମୌଳିକ ସେବା । ଅଟୋମେଟିକ ଲୋକଙ୍କ ଅଭିଯୋଗ ଶୁଣାଣି ଓ ସମାଧାନ କରାଯାଉଛି । ସରକାରୀ ଅଧିକାରୀ ଓ କର୍ମଚାରୀଙ୍କୁ କର୍ମଯୋଗୀ ବୋଲି ଅବସ୍ଥାପିତ କରାଯାଉଛି । ସରକାର ନାଗରିକ କେନ୍ଦ୍ରିକ ଭାବେ କାମ କରୁଛନ୍ତି । ଓଡ଼ିଶାରେ ଏଭଳି ଏକ କର୍ମଶାଳାର ଆୟୋଜନ ପାଇଁ କେନ୍ଦ୍ର ମନ୍ତ୍ରୀ ଏବଂ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଜଣାଇଥିଲେ ମୁଖ୍ୟମନ୍ତ୍ରୀ । କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ ସୁଶାସନରେ ପ୍ରଶାସକମାନଙ୍କ ଭୂମିକା ଉପରେ ଗୁରୁତ୍ୱ ଦେଇଛନ୍ତି ।

➤ ପୃ-୬

### ଏମ୍ସ ରିସର୍ଚ୍ଚରେ ଦାବି

# ଠିକ୍‌ରେ ବ୍ରସ ନକଲେ କ୍ୟାନସର !

**ନୂଆଦିଲ୍ଲୀ :** ପିତାମାତାମାନେ ସେମାନଙ୍କର ପିଲାଙ୍କୁ ଦିନକୁ ଦୁଇଥର ଦାନ୍ତ ସଫା କରିବାକୁ ପରାମର୍ଶ ଦେଇଥାନ୍ତି । ଏହାଦ୍ୱାରା ଦାନ୍ତ ପରିଷ୍କାର ରହିବା ସହ ଓରାଲ ହେଲଥ ମଧ ବଢ଼ିଆ ହୋଇଥାଏ । ଏହା ମଧ୍ୟରେ ଏମ୍ସ ଦିଲ୍ଲୀ ପକ୍ଷରୁ କରାଯାଇଥିବା ଏକ ରିସର୍ଚ୍ଚ ରିପୋର୍ଟ ସାମ୍ନାକୁ ଆସିଛି । ଯଦି ନିଜର ଓରାଲ ହେଲଥର ଯତ୍ନ ଠିକରେ ନେଉନାହାନ୍ତି, ତେବେ ଆପଣଙ୍କୁ କ୍ୟାନସର ସହିତ କିଛି ଗମ୍ଭୀର ବିମାରୀ ହୋଇପାରେ । ଯଦି ଓରାଲ ହେଲଥ ଠିକ୍ ଥିବ, ତେବେ ସବୁ ବିମାରୀର ଆଶଙ୍କା କମ୍ ହୋଇଯିବ । ଯଦି ମୁହଁକୁ ଠିକ୍ ଭାବେ ଦେଖାଶୁଣା କରାନଯାଏ, ତେବେ ଏହା କିଛି ଗମ୍ଭୀର ବିମାରୀର କାରଣ ସାଜିପାରେ । ଦାନ୍ତ ଓ ମାଢ଼ିକୁ ଦୈନିକ ସଫା କରିବା ଉଚିତ ବୋଲି ଏହି ରିସର୍ଚ୍ଚରେ ସ୍ପଷ୍ଟ ଭାବେ କୁହାଯାଇଛି । ରିସର୍ଚ୍ଚରେ କୁହାଯାଇଛି, ନିଜର ଦାନ୍ତକୁ ଓ ମାଢ଼ିର ଦେଖାଶୁଣା କରିବାର ଅର୍ଥ କେବଳ ଦୁର୍ଗନ୍ଧ ଦୂର କରିବା ନୁହେଁ । ଏହା ଆପଣଙ୍କର ଓଭରାଲ ହେଲଥ ସହ ଗଭୀର ଭାବେ ଜଡ଼ିତ ଓ ଅନେକ ଗମ୍ଭୀର ହେଲଥ ସମସ୍ୟାକୁ କମ୍ କରିବାର ସହାୟକ ହୋଇପାରେ । ସେଥିମଧ୍ୟରେ କ୍ୟାନସର, ହୃଦରୋଗ, ଡାଇବେଟିସ, ପ୍ରେଗନାନ୍ସି, ଅଲଜାଇମର ପରି

➤ ପୃ-୬

## ବକ୍ରବାଣୀ



କଲେଜରେ ଛାତ୍ରୀ ଦେହ ଜାଳିଲା
ଶିକ୍ଷକ କାଳେ ଫେବର ମାଗିଲା
ତେଲ ଦିଆସିଲି କିଏ ସେ ଦେଲା
କିଏ ପୁଣି ଦୃଶ୍ୟ ଭିଡିଓ କଲା
ଚାରିଆଡ଼େ ମିଛ କଳା ବାଦଲେ
ସତ ଲୁଚିଯିବ ମେଘର କୋଳେ
ତଦନ୍ତ କରିବ କ୍ରାଇମିବ୍ରାଞ୍ଚ
ରହିଯିବ ତହିଁ ଦୁନିଆ ପେଞ୍ଚ
ହାଲି କଲେଜରେ ଚୁନାବ ହେବ
ଜଣାନାହିଁ କେତେ ମୁଣ୍ଡ ଗଡ଼ିବ ।

—— ଟୁଟୁ

### ସ୍ୱଚ୍ଛ ସର୍ବେକ୍ଷଣ ୨୦୨୪-୨୫ ପୁରସ୍କାର ପ୍ରଦାନ କଲେ ରାଷ୍ଟ୍ରପତି

# ୩୪ ସହରକୁ ସମ୍ଭାବନାପୂର୍ଣ୍ଣ ସ୍ୱଚ୍ଛ ସହର ପୁରସ୍କାର



**ନୂଆଦିଲ୍ଲୀ, (ପିଆଇବି):** ଦେଶର ସ୍ୱଚ୍ଛ ସହରଗୁଡ଼ିକର ତାଲିକା ପ୍ରକାଶ ପାଇଛି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଆବାସ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ (ଏମଓଏଚୟୁଏ) ଦ୍ୱାରା ଆୟୋଜିତ ସ୍ୱଚ୍ଛ ସର୍ବେକ୍ଷଣ ୨୦୨୪-୨୫ ପୁରସ୍କାର ପ୍ରଦାନ କରିଛନ୍ତି । କେନ୍ଦ୍ର ମନ୍ତ୍ରୀ ମନୋହର ଲାଲ ଏବଂ ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ ଶ୍ରୀ ତୋଖନ ସାହୁଙ୍କ ଉପସ୍ଥିତିରେ ୨୩ଟି ସୁପର ସ୍ୱଚ୍ଛ ଲିଗ୍ ସହରକୁ ପୁରସ୍କାର ଦିଆଯାଇଛି । ଅହମ୍ମଦାବାଦ, ଭୋପାଳ ଏବଂ ଲକ୍ଷ୍ନୌ ଶ୍ରେଷ୍ଠ ସ୍ୱଚ୍ଛ ସହର ଭାବରେ ଉଭା ହେବା ସହିତ ଭାରତର ନୂତନ ପିଢ଼ିର ସ୍ୱଚ୍ଛ ସହର ରୂପେ ମାନ୍ୟତା ଲାଭ କରିଛନ୍ତି । ମହାକୁମ୍ଭ ପାଇଁ ଏକ ବିଶେଷ ସ୍ୱୀକୃତି ସହିତ ୪୩ଟି ଜାତୀୟ ପୁରସ୍କାର ଘୋଷଣା କରାଯାଇଛି । ପ୍ରମୁଖ ସୁପର ସ୍ୱଚ୍ଛ ଲିଗରେ ଇନ୍ଦୋର, ସୁରଟ, ନଭି ମୁମ୍ବାଇ ସ୍ଥାନ ପାଇଛନ୍ତି । ଓଡ଼ିଶାର ରାଜଧାନୀ ଭୁବନେଶ୍ୱରକୁ ସମ୍ଭାବନାପୂର୍ଣ୍ଣ ସ୍ୱଚ୍ଛ ସହର ବର୍ଗରେ ପୁରସ୍କୃତ କରାଯାଇଛି । ଏହାଛଡ଼ା ୨୦ ହଜାରରୁ ୫୦ ହଜାର ମଧ୍ୟରେ ଜନସଂଖ୍ୟା ଥିବା ସ୍ୱଚ୍ଛ ସହର ତାଲିକାରେ ଗଞ୍ଜାମ ଜିଲ୍ଲାର ଆସିକା ଏବଂ ୨୦ ହଜାରରୁ କମ୍ ଜନସଂଖ୍ୟା ଥିବା ସ୍ୱଚ୍ଛ ସହର ତାଲିକାରେ ଗଞ୍ଜାମର ଚିକିଟିକୁ ସ୍ୱତନ୍ତ୍ର ରାଷ୍ଟ୍ରପତି ପୁରସ୍କାର ପ୍ରଦାନ କରାଯାଇଛି । ସମ୍ମାନଜନକ ସ୍ୱଚ୍ଛ ସର୍ବେକ୍ଷଣ ୨୦୨୪-୨୫ ପୁରସ୍କାର ସମାରୋହରେ, କେନ୍ଦ୍ର ମନ୍ତ୍ରୀ ମନୋହର ଲାଲ ପ୍ରୟାଗରାଜକୁ ଶ୍ରେଷ୍ଠ ଗଙ୍ଗା ନଗର ପୁରସ୍କାର ପ୍ରଦାନ କରିଥିଲେ । ସିକନ୍ଦରାବାଦ କ୍ୟାଣ୍ଟନମେଣ୍ଟକୁ ଏହାର ଅନୁକରଣୀୟ ପରିମଳ ପ୍ରୟାସ ପାଇଁ ଶ୍ରେଷ୍ଠ କ୍ୟାଣ୍ଟନମେଣ୍ଟ ବୋର୍ଡ ଭାବରେ ସମ୍ମାନିତ କରାଯାଇଥିଲା । ସଫେଇ କର୍ମଚାରୀଙ୍କ ସୁରକ୍ଷା ଏବଂ ମର୍ଯ୍ୟାଦା ପ୍ରତି ଉଲ୍ଲେଖନୀୟ ପ୍ରତିବଦ୍ଧତା ପାଇଁ ଜିଭିଏମସି ବିଶାଖାପାଟଣା, ଜବଲପୁର ଏବଂ ଗୋରଖପୁରକୁ ଶ୍ରେଷ୍ଠ ସଫେଇ ମିତ୍ର ସୁରକ୍ଷିତ ସହର ଭାବେ ଘୋଷଣା କରାଯାଇଥିଲା । ବିଶ୍ୱର ସର୍ବବୃହତ ଧାର୍ମିକ ସମାଗମ ମହାକୁମ୍ଭ ସମୟରେ ଅସାଧାରଣ ସହରାଞ୍ଚଳ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ୟୁପି ରାଜ୍ୟ ସରକାର, ପ୍ରୟାଗରାଜ ମେଳା ଅଧିକାରୀ ଏବଂ ପ୍ରୟାଗରାଜ ମ୍ୟୁନିସିପାଲ କର୍ପୋରେସନକୁ ଏକ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା ।

➤ ପୃ-୬

## କେମିତି କଟିବ ଏ ସପ୍ତାହ

**ମେଷ** ସ୍ୱାସ୍ଥ୍ୟପ୍ରତି ଯତ୍ନବାନ ହେବେ। ଅନେକ ଦିଗରୁ ଧନପ୍ରାପ୍ତି ଯୋଗ ଅଛି। ରାତିରେ ବିଳମ୍ବ ପର୍ଯ୍ୟନ୍ତ ବାହାରେ ରହନ୍ତୁନାହିଁ। ଛାତ୍ରମାନଙ୍କୁ ଶିକ୍ଷକ ଓ ଅଭିଭାବକଙ୍କ ସହଯୋଗ ମିଳିବ। ପ୍ରତିକାର : ପ୍ରଭୁ ହନୁମାନଙ୍କ ଆଗରେ ହନୁମାନ ଚାଳିଶା ପାଠ କରନ୍ତୁ।

**ବୃଷ** ଅଧିକ ଓଜନ ଉଠାନ୍ତୁ ନାହିଁ। କଷ୍ଟ ଯୋଗ ଅଛି। ଅର୍ଥପ୍ରାପ୍ତି ହେବ। ପରିବାରରେ ଶାନ୍ତି ପାଇବେ। ଛାତ୍ରମାନେ ପ୍ରତ୍ୟେକ ପରୀକ୍ଷାରେ ସଫଳତା ପାଇବେ। ଦମ୍ପତିମାନଙ୍କ ସମ୍ପର୍କ ମଜବୁତ ହେବ। ପ୍ରତିକାର : ଛୋଟ ଝିଅ ପିଲାଙ୍କ ଚରଣ ସ୍ପର୍ଶ କରି ଆଶୀର୍ବାଦ ନିଅନ୍ତୁ।

**ମିଥୁନ** ଉତ୍ତମ ସ୍ୱାସ୍ଥ୍ୟ ରହିବ। ପୁରୁଣା ଋଣ ପରିଶୋଧ କରିବେ। କାର୍ଯ୍ୟକ୍ଷେତ୍ରରେ ସଠିକ୍ ନିଷ୍ପତ୍ତି ନିଅନ୍ତୁ। ଛାତ୍ରମାନଙ୍କ ପାଇଁ ସମୟ ଅନୁକୂଳ। ପ୍ରତିକାର : ବୁଧବାର ଦିନ ଗୋମାତାଙ୍କ ସେବା କରନ୍ତୁ ଓ ସବୁଜ ଘାସ ବା ଚାରା ଖୁଆନ୍ତୁ।

**କର୍କଟ** ମନ ଅସ୍ଥିର ରହିବ। ଆର୍ଥିକ ସ୍ଥିତି ମଜବୁତ ହେବ। ଘରକୁ ନୂଆ ବନ୍ଧୁ ଆସି ପାରନ୍ତି। ପ୍ରତିଯୋଗିତାତ୍ମକ ପରୀକ୍ଷାରେ ସଫଳତା ମିଳିବ। ପ୍ରତିକାର : ଭଗବାନ ଶିବଙ୍କ ରୁଦ୍ରାଭିଷେକ କରନ୍ତୁ।

**ସିଂହ** ଥଣ୍ଡା ଓ ଶ୍ୱାସ ଜନିତ ରୋଗ ହୋଇପାରେ। ଅର୍ଥ ସଙ୍କଟ ଦୂର ହେବ। କାର୍ଯ୍ୟକ୍ଷେତ୍ରରେ ସଫଳତା ଆପଣଙ୍କୁ ଅହଂକାରୀ ହୋଇପାରନ୍ତି। ପ୍ରତିକାର : ସୂର୍ଯ୍ୟ ଅଷ୍ଟକ ପାଠ କରନ୍ତୁ।

**କନ୍ୟା** ରକ୍ତଚାପ ଜନିତ ରୋଗ ହୋଇପାରେ। ପେଷାରୁ ଭଲ ଆୟର ଯୋଗ ଅଛି। ଅର୍ଥ ବିନିଯୋଗରୁ ଲାଭ ଆଶା ଅଛି। କାର୍ଯ୍ୟ କ୍ଷେତ୍ରରେ ସଫଳ ହେବେ। ପ୍ରତିକାର : ବିଷ୍ଣୁ ସହସ୍ର ନାମ ପାଠ କରନ୍ତୁ।

**ତୁଳା** ପୁରୁଣା ରୋଗରୁ ମୁକ୍ତି ମିଳିବ। ଅର୍ଥହାନୀ ହୋଇପାରେ। ପରିବାର ପାଇଁ ସମୟ ଦିଅନ୍ତୁ। କାର୍ଯ୍ୟ କ୍ଷେତ୍ରରେ ସଫଳତା ପାଇଁ ସଠିକ ପଦକ୍ଷେପ ନିଅନ୍ତୁ। ଉଚ୍ଚଶିକ୍ଷା ପାଇଁ ସମୟ ଅନୁକୂଳ। ପ୍ରତିକାର : ମହାଲକ୍ଷ୍ମୀଙ୍କ ମନ୍ତ୍ର ୧୦୮ଥର ଜପ କରନ୍ତୁ।

**ବିଛା** ଧନର ଅଭାବ ଅନୁଭବ କରିବେ। ଖରାପ ବ୍ୟବହାର ପାଇଁ ନିଜ ଲୋକ ସହ ମନାନ୍ତର ହୋଇପାରେ। ଉଚ୍ଚ ଅଧିକାରୀଙ୍କ ଠାରୁ ପ୍ରଶଂସା ପାଇଷବ। ପ୍ରତିକାର : ଛୋଟ ବାଳକଙ୍କୁ ମଙ୍ଗଳବାର ଦିନ ଚଣା ଗୁଡ ବାଣ୍ଟନ୍ତୁ।

**ଧନୁ** ଆଖି ରୋଗରୁ ମୁକ୍ତି ମିଳିବ। ଆୟ ଓ ବ୍ୟୟରେ ବୃଦ୍ଧି ହେବ। ଶୁଭ ଖବର ପାଇବେ। ଛାତ୍ରଙ୍କୁ ପରିଶ୍ରମର ଫଳ ମିଳିବ। ଜୀବନସାଥୀ ଉଦାସ ରହିପାରନ୍ତି। ପ୍ରତିକାର : ହଳଦିଆ ଟିକା ମଥାରେ ଲଗାନ୍ତୁ।

**ମକର** ନିଜେ ନିଜେ ଔଷଧ ଖାଆନ୍ତୁ ନାହିଁ। ପୂର୍ବରୁ ଆବେଦନ କରିଥିବା ଋଣ ମଞ୍ଜୁର ହୋଇପାରେ। ଛାତ୍ରମାନେ ସଫଳତା ପାଇବେ। ପ୍ରେମୀଙ୍କ ସହ ଅଧିକ ସମୟ କଟାଇବେ। ପ୍ରତିକାର : ଶନିବାର ଶନି ଶ୍ଲୋକ ପାଠ କରନ୍ତୁ।

**କୁମ୍ଭ** ପେଟ ସମସ୍ୟା ଦେଖା ଦେଇପାରେ। ଯାତ୍ରା ଯୋଗୁଁଖର୍ଚ୍ଚରେ ବୃଦ୍ଧି ହେବ। କାର୍ଯ୍ୟକ୍ଷେତ୍ରରେ ସହଯୋଗ ପାଇବେ। ଛାତ୍ରମାନେ ପାଠରେ ମନଦେବେ। ଜୀବନସାଥୀଙ୍କ ସହ ସମ୍ବନ୍ଧରେ ସରଳତା ଆସିବ। ପ୍ରତିକାର : ଶନିବାର ଓ ମଙ୍ଗଳବାର ଦିନ ବଜରଙ୍ଗ ବାଣ ପାଠ କରନ୍ତୁ।

**ମୀନ** ଜମିଜମାରୁ ଅର୍ଥ ପ୍ରାପ୍ତି ଯୋଗ ଅଛି। ଅନେକ ଦିଗରୁ ସୁଯୋଗ ମିଳିବ। ଛାତ୍ରମାନେ ଲକ୍ଷ୍ୟପ୍ରାପ୍ତି ପାଇଁ ମନ ଓ ଚିତ୍ତସ୍ଥିର ରଖନ୍ତୁ। ପ୍ରେମ ପାଇଁ ଆପଣ କୌଣସି କାର୍ଯ୍ୟରେ ଏକାଗ୍ରତା ରଖିପାରିବେ ନାହିଁ। ପ୍ରତିକାର : ଗୁରୁବାର ଦିନ ବ୍ରତ ରଖନ୍ତୁ କିମ୍ବା ଓସ୍ତଗଛ ଲଗାନ୍ତୁ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

### ୧୪ ବର୍ଷରେ ୧୧.୭ କୋଟି ଲୋକଙ୍କ ମୃତ୍ୟୁ

# ମୃତ୍ୟୁ ଆଧାରରେ ୧.୧୫ କୋଟି ଆଧାର ନମ୍ବର ଡିଲିଟ୍

**ନୂଆଦିଲ୍ଲୀ :** ଭାରତରେ ନାଗରିକ ପରିଚୟ ଆଧାରକାର୍ଡ। ଏହାକୁ ସବୁଠୁ ବଡ଼ ପ୍ରମାଣ ଭାବେ କରାଯାଉଛି ବ୍ୟବହାର। ଏକଥା ଆମେ କହୁନୁ ବରଂ ବର୍ତ୍ତମାନର ଆସିଥିବା ସଦ୍ୟ ସୂଚନାରୁ ତଥ୍ୟ ମିଳିଛି। କାରଣ ଆଧାରକାର୍ଡକୁ ନେଇ ଆରଟିଆଇ ସୂଚନା ଏବେ ସମସ୍ତଙ୍କୁ ଚକିତ କରିଦେଇଛି। ସୂଚନା ଅଧିକାର ବଳରେ ମିଳିଥିବା ତଥ୍ୟ ମୁତାବକ ଗତ ୧୪ ବର୍ଷ ମଧ୍ୟରେ ୧୧.୭ କୋଟି ଲୋକଙ୍କର ମୃତ୍ୟୁ ହୋଇଥିବା ବେଳେ ମାତ୍ର ୧.୧୫ କୋଟି ଲୋକଙ୍କ ଆଧାରକାର୍ଡ ମୃତ୍ୟୁ ଅଧାରରେ ଡିଲିଟ ହୋଇଛି। ସଂଯୁକ୍ତ ଜନସଂଖ୍ୟା କୋଷ ମୁତାବକ ୨୦୨୫ ଏପ୍ରିଲ ପର୍ଯ୍ୟନ୍ତ ଦେଶର ଜନସଂଖ୍ୟା ୧୪୬.୩୯ କୋଟି। ହେଲେ ଆଧାରକାର୍ଡ ଧାରକଙ୍କ ସଂଖ୍ୟା ୧୪୨.୩୯ କୋଟି। ଭାରତର ନାଗରିକ ପଞ୍ଜିକରଣ ସିଷ୍ଟମ ବା ସିଏସଆର ମୁତାବକ ୨୦୦୭-୨୦୧୯ ପର୍ଯ୍ୟନ୍ତ ପ୍ରତିବର୍ଷ ହାରାହାରି ୮୩.୫ ଲକ୍ଷ ଲୋକଙ୍କର ମୃତ୍ୟୁ ହୋଇଛି। ଏହି ଆଧାରରେ ଗତ ୧୪ ବର୍ଷ ମଧ୍ୟରେ ୧୧.୬୯ କୋଟି ଲୋକଙ୍କର ମୃତ୍ୟୁ ହୋଇଥାଇପାରେ। ହେଲେ ଆଧାର ପରିଚାଳନା ସଂସ୍ଥା ୟୁଆଇଡିଏଆଇ ମାତ୍ର ୧.୧୫ କୋଟି ଲୋକଙ୍କର ଆଧାରକାର୍ଡ ନିଷ୍କ୍ରିୟ ବା ଡିଲଟ୍ କରିଛି। ଅର୍ଥାତ ମୃତକଙ୍କ ତୁଳନାରେ ମାତ୍ର ୧୦ ପ୍ରତିଶତ ମୃତ ଲୋକଙ୍କର ଅଧାରକାର୍ଡ ଡିଲିଟ୍ କରାଯାଇଛି। ସବୁଠାରୁ ବଡ଼ ଦୁଃଖର କଥା କି ମୃତ୍ୟୁ ଆଧାରରେ କେତେ ଆଧାରକାର୍ଡକୁ ଗତ ୫ ବର୍ଷରେ ନିଷ୍କ୍ରିୟ କରାଯାଇଛି ତା'ର ତଥ୍ୟ ୟୁଆଇଡିଏଆଇ ପାଖରେ ଉପଲବ୍ଧ ନାହିଁ। ୟୁଆଇଡିଏଆଇ କେବଳ ଏତିକି ତଥ୍ୟ ଦେବାରେ ସମର୍ଥ ହୋଇଛି କି, ୨୦୨୪ ଡିସେମ୍ବର ୩୧ ପର୍ଯ୍ୟନ୍ତ ମୃତ୍ୟୁ ଆଧାରରେ ୧.୧୫ କୋଟି ଲୋକଙ୍କର ଅଧାରକାର୍ଡ ଡିଲିଟ୍ କରାଯାଇଛି। ଆରଟିଆଇ ତଥ୍ୟ ଅଧାରରେ ଏହା ସ୍ପଷ୍ଟ ହୋଇଛି କି, ୟୁଆଇଡିଏଆଇ ପାଖରେ ନା ଅଧାରକାର୍ଡ ନଥିବା ଲୋକଙ୍କର ତଥ୍ୟ ରହିଛି, ନା ମୃତ ଲୋକଙ୍କ ଅଧାରକାର୍ଡ ନିଷ୍କ୍ରିୟ କରିବାରେ ପ୍ରଭାବୀ ବ୍ୟବସ୍ଥା ରହିଛି। ଏହାଫଳରେ ତଥ୍ୟ ସଠିକତା ଉପରେ ପ୍ରଶ୍ନ ଉଠିଥିବା ବେଳେ ନୀତି ନିର୍ମାଣ, ଜନସଂଖ୍ୟା ପରିସଂଖ୍ୟାନରେ ଥିବା ତ୍ରୁଟିକୁ ଉଜାଗର କରିଛି।

## ୧୬ ବର୍ଷକୁ ହ୍ରାସ ପାଇବ ମତଦାନ ବୟସ



**ଲଣ୍ଡନ :** ବ୍ରିଟେନ ସରକାର ନିର୍ବାଚନ ପ୍ରକ୍ରିୟାରେ ବ୍ୟାପକ ସଂସ୍କାର ଆଣିବାକୁ ଯାଉଛନ୍ତି। ଏହି ପ୍ରସଙ୍ଗରେ ମତଦାନ ବୟସ ୧୬ ବର୍ଷକୁ ହ୍ରାସ କରିବାକୁ ପ୍ରସ୍ତାବ ଆଗତ କରାଯିବ। ବ୍ରିଟିଶ ପାର୍ଲାମେଣ୍ଟର ଅନୁମୋଦନ ପରେ ଏହା ଆଇନରେ ପରିବର୍ତ୍ତନ ହେବ। ବର୍ତ୍ତମାନ ୧୬ ଓ ୧୭ ବର୍ଷର ଯୁବଗୋଷ୍ଠୀ ସେନା ସମେତ ବିଭିନ୍ନ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିବାରୁ ସେମାନଙ୍କୁ ମତଦାନର ସୁଯୋଗ ମିଳିବା ଉଚିତ ବୋଲି ବ୍ରିଟେନ ପ୍ରଧାନମନ୍ତ୍ରୀ କେ?ର ଷ୍ଟାର୍ମର ଯୁକ୍ତି ଦର୍ଶାଇଛନ୍ତି। ଏହି ପ୍ରସ୍ତାବ ଆଇନରେ ପରିଣତ ହେଲେ ଇଂଲଣ୍ଡ, ସ୍କଟଲାଣ୍ଡ ଏବଂ ୱେଲସରେ ଏହାକୁ କାର୍ଯ୍ୟକାରୀ କରାଯିବ। ଯୁବବର୍ଗଙ୍କୁ ମତଦାନ ପ୍ରକ୍ରିୟାରେ ସାମିଲ କରାଗଲେ ଗଣତାନ୍ତ୍ରିକ ବ୍ୟବସ୍ଥା ଅଧିକ ସୁଦୃଢ଼ ହେବ ବୋଲି ବ୍ରିଟେନର ଉପ-ପ୍ରଧାନମନ୍ତ୍ରୀ ଆଞ୍ଜେଲା ରେନର ଆଶାବ୍ୟକ୍ତ କରିଛନ୍ତି। ପୁନଶ୍ଚ ଭୋଟର ପରିଚୟ ପତ୍ର ପ୍ରସ୍ତୁତିରେ ମଧ୍ୟ ପରିବର୍ତ୍ତନ କରାଯିବ। ଯାହାଦ୍ୱାରା ସେଥିରେ ଜାଲିଆତି ହୋଇପାରିବ ନାହିଁ। ଏହାବ୍ୟତୀତ ରାଜନୈତିକ ଦଳକୁ ମିଳୁଥିବା ଚାନ୍ଦା ନିୟମକୁ ମଧ୍ୟ ସଂଶୋଧନ କରାଯିବ। ୫୦୦ ପାଉଣ୍ଡରୁ ଅଧିକ ଅର୍ଥ ଦାନ କରୁଥିବା ବ୍ୟକ୍ତିବିଶେଷ ଏବଂ କମ୍ପାନୀକୁ ଯାଞ୍ଚ କରାଯିବ। ସୂଚନାଯୋଗ୍ୟ ୨୦୨୪ ସାଧାରଣ ନିର୍ବାଚନରେ ମତଦାନ ହାର ୫୯.୭ ପ୍ରତିଶତ ରହିଥିଲା। ୨୦୦୧ ପରଠାରୁ ଏହା ସର୍ବନିମ୍ନ ବୋଲି କୁହାଯାଇଛି। ଯଦି ୨୦୨୯ ନିର୍ବାଚନ ପୂର୍ବରୁ ଏଭଳି ସଂସ୍କାର ଅଣାଯାଏ, ତେବେ ମତଦାନ ହାର ନିଶ୍ଚିତଭାବେ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି। ବ୍ରାଜିଲ, ଆର୍ଜେଣ୍ଟିନା, ଇକ୍ୱେଡର, କ୍ୟୁବା, ଅଷ୍ଟ୍ରିଆ, ନିକାରାଗୁଆ ଏବଂ ମାଲଟା ଭଳି ଦେଶରେ ମତଦାନର ସର୍ବନିମ୍ନ ବୟସ ୧୬କୁ ଧାର୍ଯ୍ୟ କରାଯାଇଛି।

## 'ପୁରୁଣା ଅସ୍ତ୍ରଶସ୍ତ୍ରରେ ନୂଆ ଯୁଦ୍ଧ ଜିତାଯାଇ ପାରିବନି'

**ନୂଆଦିଲ୍ଲୀ :** ପ୍ରତିରକ୍ଷା ମୁଖ୍ୟ (ସିଡିଏସ) ଜେନେରାଲ ଅନିଲ ଚୌହାନ ଆଧୁନିକ ଯୁଦ୍ଧରେ ଡ୍ରୋନ ଓ କାଉଣ୍ଟର-ୟୁଏଭି ସମର୍ଥନର ଗୁରୁତ୍ୱ ଉପରେ ଜୋର ଦେଇଛନ୍ତି। ନୂଆଦିଲ୍ଲୀର ମାନେକଶ ସେଣ୍ଟରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସେ କହିଛନ୍ତି, ପୁରୁଣା ଅସ୍ତ୍ରଶସ୍ତ୍ରରେ ନୂଆ ଯୁଦ୍ଧ ଜିତାଯାଇ ପାରିବ ନାହିଁ। ସ୍ୱଦେଶୀ ଡ୍ରୋନ ଓ କାଉଣ୍ଟର-ଡ୍ରୋନ ପ୍ରଯୁକ୍ତି ଆମ ପାଇଁ ଅତ୍ୟନ୍ତ ଜରୁରୀ। ଜେନେରାଲ ଚୌହାନ 'ଅପରେସନ ସିନ୍ଦୂର'ର ଉଦାହରଣ ଦେଇ କହିଛନ୍ତି ଯେ, ମେ ୧୦ରେ ପାକିସ୍ତାନ ଡ୍ରୋନ ଓ ଲୋଇଟରିଂ ମ୍ୟୁନିସନ ବ୍ୟବହାର କରିଥିଲା, କିନ୍ତୁ ଭାରତୀୟ ସୈନ୍ୟ ଏହାକୁ କାଇନେଟିକ ଓ ଅନ-କାଇନେଟିକ ପଦ୍ଧତିରେ ନିଷ୍କ୍ରିୟ କରିଥିଲେ। ଏହି ଘଟଣା ନିମ୍ନ ଆକାଶକୁ ସୁରକ୍ଷିତ କରିବା ଓ ସମନ୍ୱିତ କାଉଣ୍ଟର-ୟୁଏଏସ ସିଷ୍ଟମ ବିକାଶର ଆବଶ୍ୟକତାକୁ ପ୍ରମାଣ କରିଛି। ସେ କହିଛନ୍ତି, ଡ୍ରନ ଗୁଡ଼ିକ ସହଜ, ସନ୍ଧାନ କରିବା କଷ୍ଟକର ଓ ଅତ୍ୟାଧୁନିକ। ଏହା ପାରମ୍ପରିକ ସାମରିକ ଚିନ୍ତାଧାରାକୁ ବଦଳାଇ ଦେଇଛି। ବିଦେଶୀ ପ୍ରଯୁକ୍ତିରେ ନିର୍ଭର କରିବା ଅପେକ୍ଷା ସ୍ୱଦେଶୀ ଡ୍ରୋନ ବିକାଶ ଉପରେ ଜୋର ଦେଇ ସେ କହିଛନ୍ତି, ବିଦେଶୀ ସିସ୍ଟମର ସୀମା ରହିଛି, ଯାହାର ସ୍ପେସିଫିକେସନ ଶତ୍ରୁଙ୍କୁ ଜଣାଥାଏ। ଜେନେରାଲ ଚୌହାନ ଆଗାମୀ ଯୁଦ୍ଧ ପାଇଁ ଅତ୍ୟାଧୁନିକ ପ୍ରଯୁକ୍ତିର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇ କହିଛନ୍ତି, ଆଜିର ଯୁଦ୍ଧ ଆସନ୍ତାକାଲିର ପ୍ରଯୁକ୍ତି ସହ ଲଢ଼ାଯିବ। ଏହା ଭାରତର ପ୍ରତିରକ୍ଷା କ୍ଷେତ୍ରରେ ସ୍ୱାବଲମ୍ବୀ ହେବାର ରଣନୀତିକୁ ପ୍ରତିଫଳିତ କରୁଛି।

# ଟିଆରଏଫ୍‌କୁ ଆତଙ୍କବାଦୀ ସଂଗଠନ ଘୋଷଣା କଲା ଆମେରିକା

**ନୂଆଦିଲ୍ଲୀ :** ପହଲଗାମ ଆକ୍ରମଣରେ ଆମେରିକାର ବଡ଼ ପଦକ୍ଷେପ। ପାକିସ୍ତାନ ସ୍ଥିତ ଆତଙ୍କବାଦୀ ସଂଗଠନ ଲସ୍କର-ଏ-ତୈବା ସହିତ ଜଡିତ ଦି ରେଜିଷ୍ଟାନ୍ସ ଫ୍ରଣ୍ଟ (ଟିଆରଏଫ୍)କୁ ଆତଙ୍କବାଦୀ ସଂଗଠନ ଘୋଷଣା। ଏହି ସୂଚନା ଦେଇଛନ୍ତି ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ। ରୁବିଓ କହିଛନ୍ତି ଯେ ଏହି କାର୍ଯ୍ୟାନୁଷ୍ଠାନ ପହଲଗାମ ଆତଙ୍କବାଦୀ ଆକ୍ରମଣରେ ନ୍ୟାୟ ପାଇବା ପାଇଁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରତିବଦ୍ଧତାକୁ ଦର୍ଶାଉଛି। ଏହି ସଂଗଠନ ଏପ୍ରିଲ ୨୨ରେ ଜାମ୍ମୁ ଏବଂ କାଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପାଇଁ ନିଜକୁ ଦାୟୀ କରିଥିଲା। ଏହି ଆକ୍ରମଣରେ ୨୬ ଜଣ ଲୋକଙ୍କ ମୃତ୍ୟୁ ହୋଇଥିଲା। ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ କହିଛନ୍ତି ଯେ ପହଲଗାମ ଆତଙ୍କବାଦୀ ଆକ୍ରମଣ ୨୦୦୮ ମୁମ୍ବାଇ ଆକ୍ରମଣ ପରେ ଭାରତରେ ସାଧାରଣ ନାଗରିକଙ୍କ ଉପରେ ସବୁଠାରୁ ବଡ଼ ଆତଙ୍କବାଦୀ ଆକ୍ରମଣ ଥିଲା। ସେ ଏହା ମଧ୍ୟ କହିଛନ୍ତି ଯେ ଏହି କାର୍ଯ୍ୟାନୁଷ୍ଠାନ ଆମେରିକାର ଜାତୀୟ ସୁରକ୍ଷା, ଆତଙ୍କବାଦ ବିରୋଧରେ ଲଢ଼େଇ ଏବଂ ଭାରତ ସହିତ ସହଯୋଗର ପ୍ରମାଣ। ରୁବିଓ ଏହା ମଧ୍ୟ କହିଛନ୍ତି ଯେ ଟିଆରଏଫ୍‌କୁ ଏକ ସ୍ୱତନ୍ତ୍ର ଭାବରେ ମନୋନୀତ ବିଶ୍ୱ ଆତଙ୍କବାଦୀ ଭାବରେ ମଧ୍ୟ ନାମିତ କରାଯାଇଛି। ଟିଆରଏଫ୍ ଏବଂ ଏହାର ସମସ୍ତ ସମ୍ପୃକ୍ତ ନାମକୁ ଏବେ ଏଲ୍‌ଇଟିର ଆତଙ୍କବାଦୀ ତାଲିକାରେ ଅନ୍ତର୍ଭୁକ୍ତ କରାଯାଇଛି। ପ୍ରକାଶଥାଉକି ଟିଆରଏଫ୍ ମୁଖ୍ୟ ଶେଖ ସଜ୍ଜାଦ ଗୁଲକୁ ଭାରତର ଜାତୀୟ ତଦନ୍ତ



ସଂସ୍ଥା (ଏନ୍‌ଆଇଏ) ଦ୍ୱାରା ପହଲଗାମ ଆକ୍ରମଣର ମାଷ୍ଟରମାଇଣ୍ଡ ଭାବରେ ଉଲ୍ଲେଖ କରାଯାଇଛି। ଟିଆରଏଫ୍ ପୂର୍ବରୁ ଭାରତରେ ଅନେକ ଆତଙ୍କବାଦୀ ଆକ୍ରମଣ ପାଇଁ ନିଜକୁ ଦାୟୀ କରିଛି। ୨୦୨୪ରେ ଭାରତୀୟ ସୁରକ୍ଷା ବାହିନୀ ଉପରେ ଆକ୍ରମଣ ମଧ୍ୟ ସାମିଲ ଥିଲା। ପହଲଗାମ ଆକ୍ରମଣ ପାଇଁ ମାର୍କୋ ରୁବିଓ ଆମେରିକା ଲସ୍କର ପ୍ରକ୍ସି ଦି ରେଜିଷ୍ଟାନ୍ସ ଫ୍ରଣ୍ଟ ଟିଆରଏଫ୍‌କୁ ଆତଙ୍କବାଦୀ ସଂଗଠନ ଭାବରେ ନାମିତ କରିଛି। ଟିଆରଏଫ୍ ଆତଙ୍କବାଦୀମାନେ ଜାମ୍ମୁ ଏବଂ କାଶ୍ମୀରର ପହଲଗାମରେ ପର୍ଯ୍ୟଟକଙ୍କୁ ଟାର୍ଗେଟ କରିଥିଲେ। ୨୨ ଏପ୍ରିଲରେ ହୋଇଥିବା ଏହି ଆତଙ୍କବାଦୀ ଆକ୍ରମଣରେ ୨୬ ଜଣ ନିର୍ଦ୍ଦୋଷ ଲୋକ ପ୍ରାଣ ହରାଇଥିଲେ। ଏହାର ଜବାବରେ ଭାରତୀୟ ସେନା ୬-୭ ମେ ରାତିରେ ଅପରେସନ ସିନ୍ଦୂର ଅଧୀନରେ ୯ଟି ଆତଙ୍କବାଦୀ ଆଡ୍ଡା ଉପରେ ଆକ୍ରମଣ କରିଥିଲା।

# ଶିଶୁର ବୟସ ୭ ବର୍ଷ ହେଲେ ଆଧାର ଅପଡେଟ୍ ବାଧ୍ୟତାମୂଳକ: ୟୁଆଇଡିଏଆଇ

**ନୂଆଦିଲ୍ଲୀ :** ଶିଶୁମାନଙ୍କର ଆଧାର କାର୍ଡ ଅପଡେଟ୍ ନେଇ ଭାରତୀୟ ସ୍ୱତନ୍ତ୍ର ପରିଚୟପତ୍ର କର୍ତ୍ତୃପକ୍ଷ ଏକ ଜରୁରୀ ସୂଚନା ଦେଇଛନ୍ତି। ପିଲାର ବୟସ ୭ ବର୍ଷ ହେଲେ ଆଧାର ଅପଡେଟ୍ ବାଧ୍ୟତାମୂଳକ ବୋଲି ୟୁଆଇଡିଏଆଇ କହିଛି। ତେବେ ନିର୍ଦ୍ଧାରିତ ବୟସ ସୀମା ଭିତରେ କଲେ ଏହି ଅପଡେଟ୍ ମାଗଣା ହୋଇଯିବ। ବୟସସୀମା ପାର୍ କରିଗଲେ ଅପଡେଟ ପାଇଁ କେତେ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ ପଢ଼ନ୍ତୁ। ୭ ବର୍ଷ ହୋଇଯାଇଥିବା ପିଲାମାନଙ୍କ ଆଧାର ବାୟୋମେଟ୍ରିକ୍ ଅପଡ୍ଡେଟ୍ କରିବା ବାଧ୍ୟତାମୂଳକ ବୋଲି ଭାରତୀୟ ସ୍ୱତନ୍ତ୍ର ପରିଚୟପତ୍ର କର୍ତ୍ତୃପକ୍ଷ (ୟୁଆଇଡିଏଆଇ) ପକ୍ଷରୁ ଅଭିଭାବକମାନଙ୍କୁ କୁହାଯାଇଛି। ଯେକୌଣସି ଆଧାର ସେବା କେନ୍ଦ୍ର ଜରିଆରେ ଏହି କାର୍ଯ୍ୟ ହୋଇପାରିବ। ପାଞ୍ଚ ବର୍ଷରୁ କମ୍ ବୟସର ପିଲାଙ୍କ ଆଧାର ତିଆରି ବେଳେ କେବଳ ଫଟୋ, ନାମ, ଜନ୍ମ ତାରିଖ, ଲିଙ୍ଗ, ଠିକଣାର ପ୍ରମାଣପତ୍ର ଦରକାର ହୋଇଥାଏ। ସେହି ସମୟରେ ଟିପ ଚିହ୍ନ ଓ ବାୟୋମେଟ୍ରିକ୍ ତଥ୍ୟ



ସଂଗ୍ରହ କରିବା ସମ୍ଭବପର ହୁଏ ନାହିଁ। ତେଣୁ ଯେଉଁ ପିଲାମାନଙ୍କୁ ପାଞ୍ଚ ବର୍ଷ ହୋଇଯାଇଛି, ସେମାନେ ଆଧାର ସେବା କେନ୍ଦ୍ରରେ ପହଞ୍ଚି ସେମାନଙ୍କ ଟିପଚିହ୍ନ, ନେତ୍ରପିତୁଳା ଓ ଫଟୋକୁ ଅପ୍‌ଡେଟ୍ କରିପାରିବେ। ପିଲାଙ୍କ ବୟସ ୫ରୁ ୭ ବର୍ଷ ମଧ୍ୟରେ ହୋଇଥିଲେ ଏହି ଅପ୍‌ଡେଟ୍ ମାଗଣାରେ ହେବ। ବୟସ ୭ ବର୍ଷ ଅତିକ୍ରମ କରିଥିବା ପିଲାମାନଙ୍କ ବାୟୋମେଟ୍ରିକ୍ ଅପ୍‌ଡେଟ୍ ପାଇଁ ୧୦୦ ଟଙ୍କା ଫି' ଲାଗିବ।

### ପିଏମ୍ ଧନ-ଧାନ୍ୟ କୃଷି ଯୋଜନାକୁ କେନ୍ଦ୍ରର ମଞ୍ଜୁରି

# ପ୍ରତିବର୍ଷ ଖର୍ଚ୍ଚ ହେବ ୨୪,୦୦୦ କୋଟି

**ନୂଆଦିଲ୍ଲୀ :** କେନ୍ଦ୍ର ସରକାର ୩୬ ଯୋଜନାକୁ ମିଶାଇ ପ୍ରତିବର୍ଷ ୨୪୦୦୦ କୋଟି ଟଙ୍କା ବ୍ୟୟବରାଦ ସହ ପ୍ରଧାନମନ୍ତ୍ରୀ ଜନ-ଧାନ୍ୟ କୃଷି ଯୋଜନାକୁ ମଞ୍ଜୁରି ଦେଇଛନ୍ତି। କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ସୂଚନା ଦେଇଛନ୍ତି। ସରକାର ଏନ୍‌ଏଲ୍‌ସିଆଇଏଲ୍‌କୁ ନବୀକରଣ ଉର୍ଜାରେ ନିବେଶ ପାଇଁ ୭ ହଜାର କୋଟି ଟଙ୍କା ମଞ୍ଜୁରି ଦେଇଛନ୍ତି। ଏହା ବ୍ୟତୀତ କ୍ୟାବିନେଟ୍ ଏନ୍‌ଟିପିସିକୁ ନବୀକରଣ ଉର୍ଜାରେ ନିବେଶ ପାଇଁ ୨୦,୦୦୦ କୋଟି ଟଙ୍କା କ୍ଷମତାକୁ ମଞ୍ଜୁରି ଦେଇଛନ୍ତି। କେନ୍ଦ୍ର କ୍ୟାବିନେଟ୍ ଛଅ ବର୍ଷ ଅବଧି ପାଇଁ ପ୍ରଧାନମନ୍ତ୍ରୀ ଜନ-ଧାନ୍ୟ କୃଷି ଯୋଜନାକୁ ମଞ୍ଜୁରି ଦେଇଛି। ଏହା ଅଧିନରେ ପ୍ରତିବର୍ଷ ୨୪,୦୦୦ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଏଥିରେ ମୁଖ୍ୟତଃ କୃଷି କ୍ଷେତ୍ରରେ ପଛୁଆ ୧୦୦ ଜିଲ୍ଲାଙ୍କୁ ସାମିଲ କରାଯିବ। କେନ୍ଦ୍ରୀୟ ବଜେଟ୍ରେ ଘୋଷିତ ଏହି କାର୍ଯ୍ୟକ୍ରମ ବର୍ତ୍ତମାନ କାର୍ଯ୍ୟକାରୀ ଥିବା ୩୬ ଯୋଜନାର ମିଶ୍ରଣ କରିବ। ଏହାଦ୍ୱାରା ସଫଳ ବିବିଧତା ଓ



ସ୍ଥାୟୀ କୃଷି ପଦ୍ଧତି ଆପଣାଇବାରେ ସାହାଯ୍ୟ କରିବ। ନିଷ୍ପତ୍ତି ବାବଦରେ ସୂଚନା ଦେଇ କେନ୍ଦ୍ରମନ୍ତ୍ରୀ କହିଛନ୍ତି, ପିଏମ୍ ଧନ-ଧାନ୍ୟ କୃଷି ଯୋଜନା ସଫଳ ହେବା ପରେ ଫସଲର ସଂରକ୍ଷଣ ହୋଇପାରିବ, ଜଳ ସେଚନ ସୁବିଧା ମିଳିବ ଓ କୃଷି ଉତ୍ପାଦନ ବୃଦ୍ଧି ପାଇବ। ଏହି କାର୍ଯ୍ୟକ୍ରମରେ ୧.୭ କୋଟି ଚାଷୀଙ୍କୁ ସିଧା ଲାଭ ପହଞ୍ଚିବ। ସରକାର ବୁଧବାର ଏନ୍‌ଏଲସି ଇଣ୍ଡିଆକୁ ନିଜର ପୂର୍ଣ୍ଣ ମାଲିକାନାରେ ଥିବା ଏନ୍‌ଆଇଆର୍ଏଲ୍ରେ ୭ ହଜାର କୋଟି ଟଙ୍କା ନିବେଶ ପାଇଁ ଅନୁମତି ଦେଇଛନ୍ତି। ଏହି ନିଷ୍ପତ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧକ୍ଷତାରେ ଆର୍ଥିକ ମାମଲାର ମନ୍ତ୍ରିମଣ୍ଡଳ ସମିତି ଦ୍ୱାରା ନିଆଯାଇଛି। ଏହା ଅଧିନରେ ଏନ୍‌ଆଇଆର୍ଏଲ୍ ବିଭିନ୍ନ ପରିଯୋଜନାରେ ସିଧାସଳଖ କିମ୍ବା ଜଏଣ୍ଟ ଭେଞ୍ଚର ଗଠନ କରି ନିବେଶ କରିପାରିବ। ଏଥିପାଇଁ ନିବେଶ ପୂର୍ବ ମଞ୍ଜୁରି ଆବଶ୍ୟକତା ପଡ଼ିବ ନାହିଁ। କେନ୍ଦ୍ର ସରକାର ସାର୍ବଜନୀନ କ୍ଷେତ୍ରର ଏନଟିପିସିକୁ ୨୦୩୨ ସୁଦ୍ଧା ୬୦ ଗିଗାୱାଟ୍ କ୍ଷମତା ହାସଲ ଦିଗରେ ପାଇଁ ନବୀକରଣ ଉର୍ଜା କ୍ଷମତାକୁ ବଢାଇବା ଲାଗି ୨୦ ହଜାର କୋଟି ଟଙ୍କା ଯାଏ ନିବେଶ ଅନୁମତି ଦେଇଛନ୍ତି। ପୂର୍ବରୁ ନିବେଶର ନିର୍ଦ୍ଧାରିତ ସୀମା ୭,୫୦୦ କୋଟି ଟଙ୍କା ଥିଲା। ସରକାର କହିଛନ୍ତି ଯେ ଏନ୍‌ଟିପିସି ଓ ଏନ୍‌ଜିଇଏଲ୍‌କୁ ଦିଆଯାଇଥିବା କ୍ଷମତା ଦେଶରେ ନବୀକରଣ ପରିଯୋଜନାର ତ୍ୱରିତ ବିକାଶରେ ସହାୟକ ହେବ। ଏହି ପଦକ୍ଷେପ ବିଜୁଳି ଭିତ୍ତିଭୂମି ମଜଭୁତ କରିବା ଓ ୨୪ ଘଣ୍ଟା ବିଜୁଳି ଉପଲବ୍ଧ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକ ଗ୍ରହଣ କରିବ। ଏହା ବ୍ୟତୀତ କେନ୍ଦ୍ର ମନ୍ତ୍ରିମଣ୍ଡଳ ଗ୍ରୁପ୍ କ୍ୟାପଟ୍ଟେନ ଶୁଭାଂଶୁ ଶୁକ୍ଲାଙ୍କ ମହାକାଶଯାତ୍ରା ଉପରେ ଏକ ପ୍ରସ୍ତାବ ପାରିତ କରିଛି।

# ଫିଟ୍ ରହିବେ ସାଂସଦ; ଖାଇବେ ହେଲ୍‌ଦି ଫୁଡ୍

**ନୂଆଦିଲ୍ଲୀ :** ସୁସ୍ଥ ଜୀବନଯାପନ ସହ ସୁସ୍ଥ ଖାଦ୍ୟଶୈଳୀକୁ ନେଇ ଚିନ୍ତିତ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ। ସମ୍ପ୍ରତି ଦେଶର ସମସ୍ତ କେନ୍ଦ୍ରୀୟ ପ୍ରତିଷ୍ଠାନଗୁଡ଼ିକୁ ମନ୍ତ୍ରଣାଳୟ ପକ୍ଷରୁ ଜାରି ହୋଇଛି ନିର୍ଦ୍ଦେଶାବଳୀ। ନିର୍ଦ୍ଦେଶନାମା ଅନୁଯାୟୀ ଅନୁଷ୍ଠାନଗୁଡ଼ିକୁ 'ତେଲ ଓ ଚିନି ବୋର୍ଡ' ଲଗାଇବାକୁ କୁହାଯାଇଛ। ଯେଉଁଥିରେ ଖାଦ୍ୟରେ ପ୍ରଦାନ କରାଯାଉଥିବା ଖାଦ୍ୟରେ ଚର୍ବି ଓ ଚିନିର ପରିମାଣ ସ୍ପଷ୍ଟ ଭାବରେ ଲେଖାଯିବା ଉଚିତ। ଏହାରି ଭିତରେ ଆଉ ପାଦେ ଆଗେଇଛି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ। ଏବେ ସଂସଦ କ୍ୟାଣ୍ଟିନର ମେନ୍ୟୁକୁ ମଧ୍ୟ ପରିବର୍ତ୍ତନ କରାଯାଇଛି। ସାଂସଦଙ୍କ ଭୋଜନରେ ସୁସ୍ଥ ଖାଦ୍ୟ ଉପରେ ଧ୍ୟାନ ଦିଆଯାଇଛି। ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ସଂସଦ କ୍ୟାଣ୍ଟିନର ନୂତନ ମେନ୍ୟୁ ପ୍ରସ୍ତୁତ କରାଯାଇଛି। ଯେଉଁଥିରେ କମ୍ କାର୍ବୋହାଇଡ୍ରେଟ୍, କମ୍ ସୋଡିୟମ୍ ଓ କମ୍ କ୍ୟାଲୋରୀ ଖାଦ୍ୟ ଅନ୍ତର୍ଭୁକ୍ତ। ଯେଉଁଥିରେ ଉଚ୍ଚ ଗୁଣବତ୍ତା ଫାଇବର ଓ ପ୍ରୋଟିନ୍ ରହିଛି। ଏହା ସହିତ, ଏଥିରେ ଗ୍ଲୁଟେନ୍-ମୁକ୍ତ ଖାଦ୍ୟ ସାମିଲ କରାଯାଇଛି। ଯାହା ଦ୍ୱାରା ସମସ୍ତ ଆବଶ୍ୟକୀୟ ପୁଷ୍ଟିସାରରେ ଭରପୂର ଖାଦ୍ୟ ଯୋଗାଇ ଦିଆଯାଇପାରିବ। ଏହି ଖାଦ୍ୟରେ ସେଓ ଓ କଦଳୀ ଭଳି ସମ୍ପୂର୍ଣ୍ଣ ଫଳ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଛି। ସଂସଦ କ୍ୟାଣ୍ଟିନର ମେନୁରେ ଏବେ ବାର୍ଲି ଓ ଜୁଆର୍ ସାଲାଡ୍, ଗାର୍ଡେନ୍ ଫ୍ରେସ୍ ସାଲାଡ୍, ସ୍ପ୍ରାଉଟ୍ସ ସାଲାଡ୍ ଓ ଛୋଲେ ଚାଟ୍ ସାମିଲ କରାଯାଇଛି। ଏହା ବ୍ୟତୀତ ସୁପରେ ଟମାଟୋ ସୁପ୍ ଏବଂ ତୁଳସୀ ଝୋଳ ସୁପ୍, ପନିପରିବା ସୁପ୍ ଏବଂ ଚିକେନ୍ ସୁପ୍ ଦିଆଯିବ। ହେଲ୍‌ଦି ବାଇଟ୍ସ ଅଧୀନରେ, ସାଂସଦମାନଙ୍କୁ ଏବେ ସୋୟା କବାବ୍, ରାଗି ବାଜରା ଇଡଲି,



ଜୁଆର୍ ଉପମା, ପନିପରିବା ପୋହା, ପନିପରିବା ବାଜରା ଖିଚଡି, ମାଖାନା ଭେଲ୍, ମୁଗ ଡାଲ୍ ଏବଂ ବେସନ ଚିଲା ପରିବେଷଣ କରାଯିବ। ମିଠା ବିଷୟରେ କହିବାକୁ ଗଲେ, କ୍ୟାଣ୍ଟିନରେ ଚିନି ମୁକ୍ତ ମିଶ୍ରିତ ବାଜରା ଖୀର ପରିବେଷଣ କରାଯିବ। ଏହା ବ୍ୟତୀତ, ନିରାମିଷ ଭୋଜନକାରୀଙ୍କ ପାଇଁ ଗ୍ରୀଲ୍ଡ ଚିକେନ୍ ସହିତ ସିଝା ପନିପରିବା ପରିବେଷଣ କରାଯିବ। ଗ୍ରୀଲ୍ଡ ମାଛ ସହିତ ସିଝା ପନିପରିବା ମଧ୍ୟ ମେନୁରେ ଅନ୍ତର୍ଭୁକ୍ତ। ପାନୀୟରେ ଆଇସ୍ ଟି, ସବୁଜ/ହର୍ବାଲ୍ ଟି, କେରଳ ଲସି, ସାଦା ବଟରମିଲ୍କ, ମସଲା ବଟରମିଲ୍କ, ମସଲା ସତୁର ଏବଂ ଆମ ପାନ୍ନା ପରିବେଷଣ କରାଯିବ। ନିକଟରେ, ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦେଶରେ ବଢୁଥିବା ସ୍ଥୁଳତା ଉପରେ ଗମ୍ଭୀର ଚିନ୍ତା ପ୍ରକାଶ କରିଥିଲା। ସରକାରୀ ଆକଳନ ଅନୁଯାୟୀ, ୨୦୫୦ ସୁଦ୍ଧା ଭାରତରେ ପ୍ରାୟ ୪୫ କୋଟି ଲୋକ ମୋଟାପାରେ ପୀଡିତ ହେବେ। ଯାହା ଅଧୀନରେ ଭାରତ ଆମେରିକା ପରେ ଦ୍ୱିତୀୟ ସର୍ବାଧିକ ପ୍ରଭାବିତ ଦେଶ ହୋଇଯିବ। ବର୍ତ୍ତମାନ, ପ୍ରତି ପାଞ୍ଚ ଜଣ ସହରାଞ୍ଚଳ ବୟସ୍କଙ୍କ ମଧ୍ୟରୁ ଜଣେ ମୋଟାପାର ଶିକାର। ଏହା ସହିତ, ଖରାପ ଖାଦ୍ୟପେୟ ଏବଂ ଶାରୀରିକ କାର୍ଯ୍ୟକଳାପର ଅଭାବ ଯୋଗୁଁ, ପିଲାମାନଙ୍କ ମଧ୍ୟରେ ମୋଟାପା ବୃଦ୍ଧି ପାଉଛି। ଏପରି ପରିସ୍ଥିତିରେ, ସାଂସଦଙ୍କ ସ୍ୱାସ୍ଥ୍ୟକୁ ଧ୍ୟାନରେ ରଖି, ପ୍ରଥମେ ସଂସଦ କ୍ୟାଣ୍ଟିନର ମେନ୍ୟୁ ପରିବର୍ତ୍ତନ କରାଯାଇଛି।

EKAMAATRA
ଏକମାତ୍ର
ଭୁବନେଶ୍ୱର, ୨୧ - ୨୭ ଜୁଲାଇ, ୨୦୨୫
ପରିକ୍ରମା





ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପ ନେଇ ମନ୍ତ୍ରୀସ୍ତରୀୟ ସବ୍ କମିଟିର ପ୍ରଥମ ବୈଠକ

# ମେଟ୍ରୋ ରେଳ ପାଇଁ ନୂଆ ନକ୍ସା



**ଭୁବନେଶ୍ୱର :** ଭୁବନେଶ୍ୱର ମେଟ୍ରୋ ରେଳ ପ୍ରୋଜେକ୍ଟ ନିମନ୍ତେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ମନ୍ତ୍ରୀସ୍ତରୀୟ ବୈଠକ ଲୋକସେବା ଭବନ କନଫରେନ୍ସ ହଲରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ଏକ ସବ୍ କମିଟି ଗଠନ କରାଯାଇଥିଲା ଯାହାର ଚେୟାରମ୍ୟାନ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଅଛନ୍ତି। ଓଡ଼ିଶାରେ ମେଟ୍ରୋ ପ୍ରକଳ୍ପ କାର୍ଯ୍ୟର ମୋବିଲିଟି ଓ ପରବର୍ତ୍ତୀ ପଦକ୍ଷେପ କଣ ରହିବ ସେନେଇ ବୈଠକରେ ଆନ୍ତଃ ବିଭାଗୀୟ ସମନ୍ୱୟ ବିଷୟରେ ଆଲୋଚନା କରାଯାଇଛି। ଏଥି ସହିତ ଭୁବନେଶ୍ୱର ସହରର ଦୃଢ଼ ଓ ଦକ୍ଷ ସାର୍ବଜନୀନ ପରିବହନ ବ୍ୟବସ୍ଥା, ସୁଗମ ଟ୍ରାଫିକ ପରିଚାଳନା ନିମନ୍ତେ କମ୍ପ୍ରେସିଭ ମୋବିଲିଟି ପ୍ଲାନ, ରେଳ- ସଡ଼କ ପରିବର୍ତ୍ତନ ପଥ ବିଷୟରେ ବୈଠକରେ ଆଲୋଚନା କରାଯାଇଛି। ଜନସାଧାରଣଙ୍କ ହିତ ଓ ଟ୍ରାଫିକ ଡ଼ିକଞ୍ଜେଶ୍ୱନକୁ ଦୃଷ୍ଟିରେ ରଖି ମେଟ୍ରୋ ପ୍ରକଳ୍ପ ଉପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ଏନେଇ ଦିଲ୍ଲୀ ମେଟ୍ରୋ ରେଳ କର୍ପୋରେସନର ସିଇଓ କଲ୍ୟାଣ ପଟ୍ଟନାୟକ, ବିକାଶ କୁମାର, ପ୍ରମିତ ଗର୍ଗ ପ୍ରମୁଖଙ୍କ ସହ ଆଲୋଚନା କରାଯାଇଛି। ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଶିଳ୍ପ ଓ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ବୈଠକରେ ଯୋଗଦେଇ ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ। ପ୍ରମୁଖ ଶାସନ ସଚିବ ମନୋଜ ଆହୁଜା, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ଗୃହ ଓ ନଗର ଉନ୍ନୟନ ନଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ଭୁବନେଶ୍ୱର ମହାନଗର ନିଗମ କମିଶନର ରାଜେଶ ପ୍ରଭାକର ପାଟିଲ ବୈଠକରେ ଉପସ୍ଥିତ ନିଜର ମତାମତ ଉପସ୍ଥାପନ କରିଥିଲେ।

ସବୁ ବିଭାଗ ଓ ଶିକ୍ଷାନୁଷ୍ଠାନରେ କଡ଼ାକଡ଼ି ହେବ ମହିଳା ସୁରକ୍ଷା ଆଇନ

# ବିଳମ୍ବ ନକରି ତୁରନ୍ତ କମିଟି ଗଢ଼: ମୁଖ୍ୟ ସଚିବ

**ଭୁବନେଶ୍ୱର :** ସୌମ୍ୟାଶ୍ରୀଙ୍କ ମୃତ୍ୟୁ ଘଟଣା ମହିଳାଙ୍କ ସୁରକ୍ଷା ପାଇଁ ଠୋସ୍ ପଦକ୍ଷେପ ନେବା ଲାଗି ରାଜ୍ୟ ସରକାରଙ୍କୁ ବାଧ କରିଛି। ଏଣିକି ପ୍ରତ୍ୟେକ ସରକାରୀ କାର୍ଯ୍ୟାଳୟ ତଥା ଶିକ୍ଷାନୁଷ୍ଠାନରେ ମହିଳାଙ୍କୁ ଯୌନ ନିର୍ଯାତନାରୁ ସୁରକ୍ଷା ଦେବା ପାଇଁ ଉଦ୍ଦିଷ୍ଟ ଆଇନ କଡ଼ାକଡି ପାଳନ କରାଯିବ। ଏ ନେଇ ମୁଖ୍ୟ ଶାସନ ସଚିବ ମନୋଜ କୁମାର ଆହୁଜା ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ୧୫ ଦିନ ଭିତରେ ମହିଳା ଓ ଶିଶୁ ବିକାଶ ବିଭାଗ ନିକଟରେ ଏହି ନିର୍ଦ୍ଦେଶର ଅନୁପାଳନ ରିପୋର୍ଟ ଦାଖଲ କରିବାକୁ ବିଭାଗକୁ କୁହାଯାଇଛି। ସବୁ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ, ପ୍ରମୁଖ ସଚିବ, ଶାସନ ସଚିବ, ଆରଡିସି, ଜିଲାପାଳଙ୍କୁ ପତ୍ର ଲେଖି କାର୍ଯ୍ୟ କ୍ଷେତ୍ରରେ ଯୌନ ନିର୍ଯାତନା ନିରୋଧୀ ଆଇନ ଠିକ୍ ଭାବେ କାର୍ଯ୍ୟକାରୀ କରିବାକୁ ମୁଖ୍ୟ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ୧୦ରୁ ଅଧିକ କର୍ମଚାରୀ ଥିବା ଅନୁଷ୍ଠାନରେ ଆଭ୍ୟନ୍ତରୀଣ କମିଟି ଗଠନ କରି ମହିଳାଙ୍କ ବିରୋଧରେ ଆସୁଥିବା ଅଭିଯୋଗର ସମାଧାନ ଅଗ୍ରାଧିକାର ଭିତ୍ତିରେ କରାଯିବ। ବିଭାଗୀୟ ତଥା ଶିକ୍ଷାନୁଷ୍ଠାନର ମୁଖ୍ୟ ନିୟମିତ ବ୍ୟବଧାନରେ କର୍ମଚାରୀଙ୍କ ମଧ୍ୟରେ ଆଇନ ସମ୍ପର୍କରେ ସଚେତନତା ସୃଷ୍ଟି କରିବେ। ଏପରି ଅଭିଯୋଗ ଆସିଲେ ଧାର୍ଯ୍ୟ ସମୟ ଭିତରେ ସମାଧାନ କରାଯିବା ଆବଶ୍ୟକ। ଅନୁଷ୍ଠାନଗୁଡ଼ିକ ମହିଳା ନିର୍ଯାତନା ଅଭିଯୋଗ, ସମାଧାନ ପ୍ରକ୍ରିୟା ଆଦି ରେକର୍ଡ଼ଭୁକ୍ତ କରି ବାର୍ଷିକ ରିପୋର୍ଟ ଦାଖଲ କରିବା ବାଧ୍ୟତାମୂଳକ। ଏସବୁ ପାଇଁ ବିଭାଗୀୟ ମୁଖ୍ୟ ଉତ୍ତରଦାୟୀ ରହିବେ। ମୁଖ୍ୟ ସଚିବ ପତ୍ରରେ ଦର୍ଶାଇଛନ୍ତି ଯେ କାଳବିଳମ୍ବ ନ କରି ସରକାରୀ ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ, ପ୍ରଶିକ୍ଷଣ ଅନୁଷ୍ଠାନରେ ତୁରନ୍ତ କମିଟି ଗଠନ କରାଯିବ। ଆଗାମୀ ୬ ମାସ ଯାଏ ପ୍ରତି ମାସରେ କମିଟିର ବୈଠକ ବସି ଯୌନ ନିର୍ଯାତନା ବିରୋଧରେ ସଚେତନତା ଅଭିଯାନ ଚଳାଇବେ। ପରେ ନିୟମ ଅନୁସାରେ ପ୍ରତି ତିନି ମାସରେ ଥରେ ବୈଠକ ବସିବ। ସି-ବକ୍ସ ପୋର୍ଟାଲରେ କମିଟି ବିବରଣୀ ତଥା ରିପୋର୍ଟ ଅପଲୋଡ ତୁରନ୍ତ କରାଯିବ। ପୋର୍ଟାଲ ଜରିଆରେ ଅଭିଯୋଗ ଗ୍ରହଣ କରାଯିବ। ନିୟମିତ ବ୍ୟବଧାନରେ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ, ପ୍ରମୁଖ ସଚିବ ତଥା ସଚିବ ଏହି ଆଇନର କାର୍ଯ୍ୟକାରିତା ସମୀକ୍ଷା କରିବେ। ଶିକ୍ଷାନୁଷ୍ଠାନ ପରିଦର୍ଶନ ସମୟରେ ମଧ୍ୟ ଏହି ବିଷୟରେ ତର୍ଜମା କରିବା ପାଇଁ ମୁଖ୍ୟ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

# ନିର୍ଭରଯୋଗ୍ୟ ଗ୍ରୀଡ୍ ପାଇଁ ସୌର ଏବଂ ପବନ ଶକ୍ତିର ମିଶ୍ରଣ ଜରୁରୀ : ଉପମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର :** ଉପମୁଖ୍ୟମନ୍ତ୍ରୀ, କୃଷି ଏବଂ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ନବୀକରଣୀୟ ଶକ୍ତି ଉପରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଭାରତର ପବନ ଶକ୍ତି ଉତ୍ପାଦନର ଇତିହାସ ଚାରି ଦଶନ୍ଧିରୁ ଅଧିକ ସମୟ ଧରି ରହି ଆସିଛି। ଓଡ଼ିଶା ପବନ ଓ ସୌରଶକ୍ତି ଭଳି ନବୀକରଣୀୟ ଶକ୍ତି ଲକ୍ଷ୍ୟ ପଥରେ ଅଗ୍ରଗତି କରୁଛି। ଏହାର ପ୍ରାକୃତିକ ସମ୍ପଦ, ଲମ୍ବା ଉପକୂଳ ଓ ଅବ୍ୟବହୃତ ଶୂନ୍ୟ ପାହାଡ଼ ଶିଖରର ବ୍ୟବହାର କରି ପବନ ଶକ୍ତି ଉତ୍ପାଦନ କରିବା ଲକ୍ଷ୍ୟ ରଖିଛି। ନିର୍ଭରଯୋଗ୍ୟ ଗ୍ରୀଡ୍ ପାଇଁ ସୌର ଏବଂ ପବନ ଶକ୍ତିର ମିଶ୍ରଣ ଜରୁରୀ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ମତବ୍ୟକ୍ତ କରିଛନ୍ତି। ବୈଠକରେ ଜାତୀୟ ସ୍ତରରେ ନିର୍ଦ୍ଧାରିତ ପ୍ରତିଶ୍ରୁତି (ଏନ୍‌ଡିସିଏସ୍) ହାସଲ କରିବା ପାଇଁ ଅତ୍ୟାବଶ୍ୟକ ପବନ ଶକ୍ତି ଉତ୍ପାଦନ କ୍ଷମତା ବୃଦ୍ଧି କରିବା, ଉତ୍ପାଦନ ସମ୍ଭାବନା, ଚ୍ୟାଲେଞ୍ଜ ଏବଂ ସମ୍ଭାବ୍ୟ ମାର୍ଗ ବିଷୟରେ ଆଲୋଚନା କରାଯାଇଥିଲା। ୨୦୩୦ ସୁଦ୍ଧା ଅଣ-ଜୀବାଶ୍ମ ଇନ୍ଧନ-ଆଧାରିତ ଶକ୍ତି ସମ୍ପଦରୁ ୫୦% ବିଦ୍ୟୁତ ଶକ୍ତି ସ୍ଥାପିତ କ୍ଷମତା ହାସଲ କରିବା ଏବଂ ୨୦୭୦ ସୁଦ୍ଧା ନେଟ୍ ଜିରୋ କାର୍ବନ ହାସଲ କରିବା ପାଇଁ ପବନ ଶକ୍ତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଭରେଡି ନାମକ ଏକ ଦକ୍ଷିଣ ଆଫ୍ରିକୀୟ କମ୍ପାନୀ ଓଡ଼ିଶାର କିଛି ଜିଲ୍ଲାରେ ପବନ ଟର୍ବାଇନ୍ ସ୍ଥାପନ ବିଷୟରେ ଏକ ଉପସ୍ଥାପନା ପ୍ରଦର୍ଶନ କରିଥିଲା। ବୈଠକରେ ଶକ୍ତି ବିଭାଗ ପ୍ରମୁଖ ସଚିବ ବିଶାଳ କୁମାର ଦେବ, ଗ୍ରୀଡକୋ, ପରିଚାଳନା ନିର୍ଦ୍ଦେଶକ ଡ. ସତ୍ୟପ୍ରିୟ ରଥ, ବିତ୍ତପରାମର୍ଶଦାତା-ତଥା-ସ୍ୱତନ୍ତ୍ର ସଚିବ ଦେବିଦତ୍ତ ତ୍ରିପାଠି, ଅତିରିକ୍ତ ସଚିବ ସାଇଦତ୍ତ ବିପ୍ଳବ କେଶରୀ, ଏଭରେଡି ଦକ୍ଷିଣ ଏସିଆ ବ୍ୟବସାୟ ମୁଖ୍ୟ ଅରିଜିତ ଦାସ, ଜଳସେଚନ ଓ ଜଳସମ୍ପଦ, କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ଉଚ୍ଚଶିକ୍ଷା ବିଭାଗର କଡ଼ା ନିର୍ଦ୍ଦେଶ

# ଶିକ୍ଷାନୁଷ୍ଠାନରେ ପ୍ରଦର୍ଶିତ ହେବ ନମ୍ବର ୧୮୧

**ଭୁବନେଶ୍ୱର :** ବାଲେଶ୍ୱର ଘଟଣା ପରେ ଚେତିଲେ ସରକାର। ଚାରିଆଡୁ କଡ଼ା ସମାଲୋଚନା ଓ ଅଡୁଆରେ ପଡ଼ିବା ପରେ ବିଶ୍ୱବିଦ୍ୟାଳୟ ଓ କଲେଜ କ୍ୟାମ୍ପସରେ ମହିଳା ସହାୟତା ନମ୍ବର ୧୮୧ ପ୍ରଦର୍ଶନ କରିବାକୁ ଉଚ୍ଚଶିକ୍ଷା ବିଭାଗ ଦେଇଛି ନିର୍ଦ୍ଦେଶ। ଏହାସହ ପକ୍ସୋ ଆକ୍ଟ, ୨୦୧୩ ସମ୍ବନ୍ଧରେ ସଚେତନତା କର୍ମଶାଳାର ଆୟୋଜନ ପାଇଁ ଚିଠି ଲେଖା ଯାଇଛି। ଉଚ୍ଚଶିକ୍ଷା ବିଭାଗ ଅଧୀନରେ ରହିଥିବା ସମସ୍ତ ବିଶ୍ୱବିଦ୍ୟାଳୟ, ସରକାରୀ ମହାବିଦ୍ୟାଳୟ, ଅନୁଦାନ ପ୍ରାପ୍ତ ମହାବିଦ୍ୟାଳୟ ଓ ବେସରକାରୀ ମହାବିଦ୍ୟାଳୟ କ୍ୟାମ୍ପସ ପରିସରର ପ୍ରମୁଖ ସ୍ଥାନରେ ମହିଳା ସହାୟତା ନମ୍ବର ୧୮୧ ପ୍ରଦର୍ଶନ କରିବାକୁ ରେଜିଷ୍ଟ୍ରାର ଓ ଅଧ୍ୟକ୍ଷମାନଙ୍କୁ ବିଭାଗ ପକ୍ଷରୁ ଚିଠି ଲେଖାଯାଇଛି। ଏହାସହ ମହିଳାଙ୍କ ଯୌନ ଉତ୍ପୀଡନ (ନିବାରଣ, ନିଷେଧ ଓ ପ୍ରତିକାର) ଅଧିନିୟମ, ୨୦୧୩ ଏବଂ ଏହି ସମ୍ବନ୍ଧରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ପକ୍ଷରୁ ଜାରି ହୋଇଥିବା ନିର୍ଦ୍ଦେଶାବଳୀକୁ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ କଡ଼ାକଡ଼ି ଭାବେ ପାଳନ କରିବା ଓ ଏହି ସମ୍ବନ୍ଧୀୟ ସଚେତନତା କର୍ମଶାଳା ଆୟୋଜନ କରିବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଉକ୍ତ କର୍ମଶାଳାରେ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ, ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ସଦସ୍ୟମାନେ ଯୋଗଦେବେ। ପକ୍ସୋ ଆକ୍ଟ, ୨୦୧୩ର ନିୟମାବଳୀକୁ କଡ଼ାକଡ଼ି ଭାବେ ପାଳନ କରିବା ପାଇଁ ଶପଥ ନେବେ। କର୍ମଶାଳା ଆୟୋଜନର ସବିସ୍ତୃତ ବିବରଣୀ ଉଚ୍ଚଶିକ୍ଷା ବିଭାଗକୁ ପ୍ରଦାନ କରିବା ନିମନ୍ତେ ଚିଠିରେ ଉଲ୍ଲେଖ କରାଯାଇଛି।

# ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନର ନୂତନ କର୍ମଚାରୀ ବାସଗୃହର ଭିତ୍ତିପ୍ରସ୍ତର ସ୍ଥାପନ



**ଭୁବନେଶ୍ୱର :** ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଭୁବନେଶ୍ୱର ଉପକଣ୍ଠ ଅନ୍ଧାରୁଆସ୍ଥିତ ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନର ନୂତନ କର୍ମଚାରୀ ବାସଗୃହର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ନୂତନ ବାସଗୃହ ପ୍ରାୟ ୧୦ କୋଟି ଟଙ୍କା ବ୍ୟୟରେ ଓଡିଶା ନିର୍ମାଣ ନିଗମ ମାଧ୍ୟମରେ ନିର୍ମାଣ କରାଯିବ। ଉକ୍ତ ପ୍ରକଳ୍ପରେ ତଳ ମହଲାକୁ ମିଶାଇ ମୋଟ ପାଞ୍ଚ ମହଲା ବିଶିଷ୍ଟ ଅଟ୍ଟାଳିକା ନିର୍ମାଣ କରାଯିବ। ଆଜିର ଏହି ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ପାତ୍ର କହିଲେ ଯେ ପ୍ରତିଷ୍ଠାନରେ ନୂତନ ଭାବେ ଆଉ ୫ଟି ନୂତନ ପାଠ୍ୟ ଖସଡ଼ା ଅନ୍ତର୍ଭୁକ୍ତ ହେବାକୁ ଯାଉଛି। ଏହାଦ୍ୱାରା ଅଧିକ ଛାତ୍ରଛାତ୍ରୀ ମାନଙ୍କ ଉତ୍ତମ ପାଠପଢା ପାଇଁ ଅଧିକ ଅଧ୍ୟାପକ ଓ କର୍ମଚାରୀଙ୍କ ଆବଶ୍ୟକତା ରହିବ। ଏହାକୁ ଦୃଷ୍ଟିରେ ରଖି ଭିତ୍ତିଭୂମି ସୁଦୃଢ଼ କରିବାର ଆବଶ୍ୟକତା ରହିଥିବା ସେ କହିଥିଲେ। ଏହି ନୂତନ କର୍ମଚାରୀ ବାସଗୃହ ବିକାଶମୂଳକ ପଦକ୍ଷେପ ମଧ୍ୟରୁ ପ୍ରମୁଖ ବୋଲି ଶ୍ରୀ ପାତ୍ର କହିଛନ୍ତି। ଏହି ଅବସରରେ ବିଜ୍ଞାନ ଓ କାରିଗରୀ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଚିତ୍ରା ଅରୁମୁଗମ୍, ଗଣିତ ଓ ବିଜ୍ଞାନ ପ୍ରତିଷ୍ଠାନ ନିର୍ଦ୍ଦେଶକ ପ୍ରଫେସର ଯଶବନ୍ତ ଜେନା, କୁଳସଚିବ ପ୍ରଫେସର ତ୍ରୈଲୋକ୍ୟ ପାଣିଗ୍ରାହୀ, ବିଜ୍ଞାନ ଓ ବୈଷୟିକ ବିଭାଗ ଅତିରିକ୍ତ ଶାସନ ସଚିବ ଶିବାନୀ ମହାନ୍ତି, ବିଦ୍ୟୁତପ୍ରଭା ରାଉତ, ପୂଜା ମିଶ୍ର, ପଠାଣି ସାମନ୍ତ ପ୍ଲାନେଟୋରିୟମ୍ ନିର୍ଦ୍ଦେଶିକା ଉର୍ମିପ୍ରଭା ମହାରଣା, ପ୍ରତିଷ୍ଠାନର ସୁନୀତା ଚକ୍ରବର୍ତ୍ତୀ, ଶିକ୍ଷକ ଓ ଛାତ୍ରଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

ଓଡ଼ିଶାର ରେଳ ଭିତ୍ତିଭୂମିକୁ ମଜବୁତ କରିବାକୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ

# ରାଣୀତାଳ ଲିଙ୍କ କେବିନ୍ ଓ ଭଦ୍ରକ ଷ୍ଟେସନ ମଧ୍ୟରେ ନିର୍ମାଣ ହେବ ଚତୁର୍ଥ ରେଳ ଲାଇନ



**ଭୁବନେଶ୍ୱର :** ଓଡ଼ିଶାର ରେଳ ଭିତ୍ତିଭୂମିକୁ ମଜବୁତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇ କେନ୍ଦ୍ର ରେଳ ମନ୍ତ୍ରଣାଳୟ ରାଣୀତାଳ ଲିଙ୍କ କେବିନ୍ ଓ ଭଦ୍ରକ ଷ୍ଟେସନ ମଧ୍ୟରେ ୫.୦୬ କିଲୋମିଟର ଦୈର୍ଘ୍ୟର ଚତୁର୍ଥ ରେଳ ଲାଇନ ନିର୍ମାଣ ପାଇଁ ଅନୁମୋଦନ ଦେଇଛି। ଏହି ପ୍ରକଳ୍ପର ଆନୁମାନିକ ଖର୍ଚ୍ଚ ହେଉଛି ୧୪୯.୩୨ କୋଟି ଟଙ୍କା। ଏହି ପ୍ରମୁଖ ପ୍ରକଳ୍ପ ହାୱଡା-ଚେନ୍ନାଇ ମୁଖ୍ୟ ରେଳ ଲାଇନରେ ଟ୍ରେନ୍ ପରିଚାଳନାର କ୍ଷମତା ଓ ଦକ୍ଷତାକୁ ନାଟକୀୟ ଭାବେ ବୃଦ୍ଧି କରିବ ବୋଲି ଆଶା କରାଯାଉଛି। ଏହା ଧାମରା ଓ ପାରାଦୀପ ବନ୍ଦରଗୁଡ଼ିକ ସହ ମାଲବାହୀ ସଂଯୋଗକୁ ମଜବୁତ କରିବ। ରାଣୀତାଳ ଲିଙ୍କ କେବିନ୍-ଭଦ୍ରକ ସେକ୍ସନ ହାୱଡା-ଚେନ୍ନାଇ ହାଇ-ଡେନ୍ସିଟି ନେଟୱାର୍କ (ଏଚଡିଏନ)ର ଏକ ଅଂଶ, ଯାହା ଭାରତର ସବୁଠାରୁ ବ୍ୟସ୍ତ ରେଳ କରିଡର ମଧ୍ୟରୁ ଅନ୍ୟତମ। ଚତୁର୍ଥ ରେଳ ଲାଇନର ସଂଯୋଜନ ମୁଖ୍ୟ ଲାଇନରୁ ବନ୍ଦରମୁଖୀ ମାଲବାହୀ ଟ୍ରାଫିକକୁ ଡାଇଭର୍ଟ କରି ଏହି କରିଡରରେ ଭିଡ଼କୁ ହ୍ରାସ କରିବ। ଏହା ଯାତ୍ରୀ ଓ ମେଲ/ଏକ୍ସପ୍ରେସ ଟ୍ରେନ୍ଗୁଡ଼ିକର ଅଧିକ ସମୟାନୁବର୍ତ୍ତୀ ଓ ଦ୍ରୁତ ପରିଚାଳନା ସୁନିଶ୍ଚିତ କରିବ ଏବଂ ଖଡ଼ଗପୁର ଓ ଭୁବନେଶ୍ୱର ମଧ୍ୟରେ ତଥା ତା'ପରେ ମଧ୍ୟ କୋଚିଂ ଟ୍ରେନ୍ଗୁଡ଼ିକର ସୁଗମ ଗତିବିଧିରେ ସହାୟକ ହେବ। ବର୍ତ୍ତମାନ ଏହି ସେକ୍ସନରେ ଅତ୍ୟଧିକ ଭିଡ଼ ଯୋଗୁଁ ଟ୍ରେନ୍ ଗୁଡ଼ିକ ବାରମ୍ବାର ବିଳମ୍ବର ସମ୍ମୁଖୀନ ହେଉଛି। ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ପରିଚାଳନାଗତ ବାଧା ଦୂର ହେବ ଏବଂ ଯାତ୍ରୀମାନଙ୍କ ପାଇଁ ଅଧିକ ନିର୍ଭରଯୋଗ୍ୟ ଓ ସମୟାନୁବର୍ତ୍ତୀ ଟ୍ରେନ ସୂଚୀ ମିଳିବ। ଏହି ପ୍ରକଳ୍ପ ମାଲବାହୀ ଓ କୋଚିଂ ଟ୍ରାଫିକକୁ ଅଲଗା କରିବାରେ ସାହାଯ୍ୟ କରିବ, ଯାହା ବିଳମ୍ବକୁ ହ୍ରାସ କରି ରୁଟର ସାମଗ୍ରିକ ଦକ୍ଷତା ବୃଦ୍ଧି କରିବ। ବର୍ଦ୍ଧିତ ଲାଇନ କ୍ଷମତା ସହ ଏହି ନେଟୱାର୍କ ଅଞ୍ଚଳରେ ବୃଦ୍ଧି ପାଉଥିବା ଟ୍ରାଫିକ ପରିମାଣକୁ ନିୟନ୍ତ୍ରଣ କରିବାରେ ସକ୍ଷମ ହେବ। ଏହା ପୂର୍ବ ତଟ ରେଳବାଇର ଚାଲୁଥିବା ପ୍ରୟାସର ଏକ ଅଂଶ, ଯାହା ଓଡ଼ିଶାର ଜନସାଧାରଣଙ୍କ ପାଇଁ ଏକ ବିଶ୍ୱସ୍ତରୀୟ ରେଳ ନେଟୱାର୍କ ବିକାଶ ଓ ଆଧୁନିକୀକରଣ ଲକ୍ଷ୍ୟରେ କାର୍ଯ୍ୟ କରୁଛି।

# ଇଗ୍ନୋ ନାମଲେଖା ୩୧ ଯାଏ ବୃଦ୍ଧି

**ଭୁବନେଶ୍ୱର :** ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟରେ ଜୁଲାଇ-୨୦୨୫ ଶିକ୍ଷା ଅଧିବେଶନ ପାଇଁ ନାମଲେଖା ପ୍ରକ୍ରିୟା ଘୋଷଣା କରାଯାଇଛି। ବିଭିନ୍ନ କାରଣରୁ ଅଧାରୁ ପାଠ ଛାଡ଼ିଥିବା କିମ୍ବା ଉଚ୍ଚ ଶିକ୍ଷା ପାଇବାରୁ ବଞ୍ଚିତ ହୋଇଥିବା ଯେକୌଣସି ବୟସର ବ୍ୟକ୍ତି ବିଶେଷଙ୍କ ପାଇଁ ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟର ସମସ୍ତ ବିଭାଗରେ ଅଣ୍ଡର ଗ୍ରାଜୁଏଟ (ସ୍ନାତକ), ପୋଷ୍ଟ ଗ୍ରାଜୁଏଟ (ସ୍ନାତକୋତ୍ତର) ପିଜି, ଡିପ୍ଲୋମା (ସ୍ନାତକୋତ୍ତର ଡିପ୍ଲୋମା) ଏବଂ ସାର୍ଟିଫିକେଟ ପ୍ରୋଗ୍ରାମରେ ନାମଲେଖା ପ୍ରକ୍ରିୟା ଚଳିତ ମାସ ୩୧କୁ ବୃଦ୍ଧି କରାଯାଇଛି। ଅଣ୍ଡର ଗ୍ରାଜୁଏଟ (ସ୍ନାତକ) ପ୍ରୋଗ୍ରାମ, ଯଥା- କଳା (ସାଧାରଣ), ବିଜ୍ଞାନ (ସାଧାରଣ), ବାଣିଜ୍ୟ (ସାଧାରଣ) ବିଭାଗରେ ନାମ ପଞ୍ଜୀକରଣ କରିବାକୁ ଚାହୁଁଥିବା ଅନୁସୂଚିତ ଜାତି ଓ ଜନଜାତି ଆବେଦକଙ୍କ ପାଇଁ ନାମଲେଖା ଦେୟ ଏବଂ ପୁନଃ ପଞ୍ଜୀକରଣ ଦେୟ ୫୦% ଛାଡ଼ କରାଯାଇଛି। ତେବେ ଯେଉଁ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀ ଅନ୍ୟ କୌଣସି ସୂତ୍ରରୁ ରିଆତିର ସୁବିଧା ପାଉଥିବେ, ସେମାନେ ଇଗ୍ନୋ ପକ୍ଷରୁ ଦିଆଯାଉଥିବା ଏହି ରିଆତି ପାଇବାକୁ ଯୋଗ୍ୟ ହେବେ ନାହିଁ।

ରାଜ୍ୟ କ୍ୟାବିନେଟ୍‌ରେ ୧୩ ପ୍ରସ୍ତାବକୁ ମୋହର

# ସମୃଦ୍ଧ ସହର ଯୋଜନା ପାଇଁ ୪,୮୭୯କୋଟି



**ଭୁବନେଶ୍ୱର :** ଏଣିକି ରାଜ୍ୟର ସମସ୍ତ ଆଦର୍ଶ ବିଦ୍ୟାଳୟରେ ମାଗଣା ହଷ୍ଟେଲ ସୁବିଧା ମିଳିବ। ରାଇରଙ୍ଗପୁର ଏକ ନୂଆ ପୁଲିସ ଜିଲ୍ଲା ହେବ। 'ସମୃଦ୍ଧ ସହର' ଯୋଜନା ପାଇଁ ୪୮୭୯.୩୦କୋଟି ଟଙ୍କା, ଓଡ଼ିଶା ରାଜସ୍ୱ ସେବାରେ ଦୁଇ ତୃତୀୟାଂଶ ପଦବୀକୁ ପ୍ରତ୍ୟକ୍ଷ ନିଯୁକ୍ତି ମାଧ୍ୟମରେ ଓ ଏକ ତୃତୀୟାଂଶ ପଦୋନ୍ନତି ଭିତ୍ତିରେ ପୂରଣ କରାଯିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ଏସବୁ ପ୍ରସ୍ତାବ ସମେତ ମୋଟ ୧୧ଟି ବିଭାଗର ୧୩ଟି ପ୍ରସ୍ତାବକୁ ମଞ୍ଜୁରୀ ଦେଇଛନ୍ତି। ଜନସାଧାରଣଙ୍କୁ ଉନ୍ନତ ଓ ସୁଲଭ ପୁଲିସ ସେବା ଯୋଗାଇ ଦେବା ଉଦ୍ଦେଶ୍ୟରେ ରାଇରଙ୍ଗପୁର ଏକ ନୂଆ ପୁଲିସ ଜିଲ୍ଲା ହେବ। ଏଥିପାଇଁ ରାଜ୍ୟ କ୍ୟାବିନେଟ୍ ମଞ୍ଜୁରୀ ଦେଇଛନ୍ତି। ମୟୂରଭଞ୍ଜ ପୁଲିସ ଜିଲ୍ଲାକୁ ବିଭାଜନ କରି ଏହି ନୂଆ ପୁଲିସ ଜିଲ୍ଲା ସ୍ଥାପନ କରାଯାଇଛି, ଯାହାର ମୁଖ୍ୟାଳୟ ରାଇରଙ୍ଗପୁରରେ ରହିବ ଓ ଏହା ଅଧୀନରେ ଦୁଇଟି ଏସଡିପିଓ (ରାଇରଙ୍ଗପୁର ଓ କରଞ୍ଜିଆ) ରହିବ। ଏହି ନୂଆ ପୁଲିସ ଜିଲ୍ଲା ଅଧୀନରେ ୧୪ଟି ପୁଲିସ ଷ୍ଟେସନ, ୫ଟି ଆଉଟପୋଷ୍ଟ ଓ ୨ଟି ବିଟ୍ ହାଉସ ସାମିଲ ରହିବ, ଯାହା ଅଧିକ ପ୍ରଭାବୀ ଢଙ୍ଗରେ ଆଇନ ଶୃଙ୍ଖଳା ରକ୍ଷା ଦିଗରେ କାର୍ଯ୍ୟ କରିବ। ଜରୁରୀକାଳୀନ ପ୍ରଶମନ ସହାୟତା ବ୍ୟବସ୍ଥା(ଇଆରଏସଏସ)- ଡାଏଲ-୧୧୨ ଯୋଜନାକୁ ଆଉ ୫ବର୍ଷ ପାଇଁ ସମ୍ପ୍ରସାରଣ କରିବା ନିମନ୍ତେ ରାଜ୍ୟ କ୍ୟାବିନେଟ୍ ମଞ୍ଜୁରୀ ଦେଇଛନ୍ତି। ୨୦୨୫-୨୬ରୁ ୨୦୨୯-୩୦ ମସିହା ପର୍ଯ୍ୟନ୍ତ ଏହି ଡାଏଲ-୧୧୨ ନିମନ୍ତେ ମୋଟ ୨୨୬୦.୮୯କୋଟି ଟଙ୍କାର ବ୍ୟୟ ଅଟକଳକୁ ମଧ୍ୟ କ୍ୟାବିନେଟ୍ ଅନୁମୋଦନ ଦେଇଛନ୍ତି। ଏହି ଯୋଜନାରେ ନାଗରିକମାନେ ଯେକୌଣସି ସହାୟତା ପାଇଁ '୧୧୨' ନମ୍ବରକୁ ଡାଏଲ କରୁଛନ୍ତି ଓ ସେମାନଙ୍କୁ ତ୍ୱରିତ୍ ସହାୟତା ପ୍ରଦାନର ବ୍ୟବସ୍ଥା ରହିଛି। ଏହି ଯୋଜନାରେ ୪୧୯୫ଟି ନୂଆ ପଦବୀ ସୃଷ୍ଟି ଓ ୬୪୫ଟି ଜରୁରୀକାଳୀନ ରେସପନ୍ସ ଯାନ (ଇଆରଭି) ଯୋଗାଇ ଦେବାର ପ୍ରସ୍ତାବ ରହିଛି। ରାଜ୍ୟର ସମସ୍ତ ୩୧୪ଟି ବ୍ଲକରେ ଥିବା 'ଓଡ଼ିଶା ଆଦର୍ଶ ବିଦ୍ୟାଳୟ'ରେ ମାଗଣା ହଷ୍ଟେଲ ସୁବିଧା ଯୋଗାଇ ଦେବାକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି। ସମସ୍ତ ଆଦର୍ଶ ବିଦ୍ୟାଳୟରେ ୧୦୦ଟି ଲେଖାଏଁ ବାଳକ ଓ ୧୦୦ଟି ଲେଖାଏଁ ବାଳିକା ହଷ୍ଟେଲ ରହିବ। ଗ୍ରାମାଞ୍ଚଳର ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଇଂରାଜୀ ମାଧ୍ୟମ ଶିକ୍ଷାରେ ସମାନ ସୁଯୋଗ ପ୍ରଦାନ କରିବା ପାଇଁ ଓଡ଼ିଶା ଆଦର୍ଶ ବିଦ୍ୟାଳୟର 'ନନ-କେଜିବିଭି ହଷ୍ଟେଲ'ରେ ରହୁଥିବା ଛାତ୍ରଛାତ୍ରୀମାନେ ହଷ୍ଟେଲ ଫି' ବାବଦରେ ଦେଉଥିବା ମାସିକ ୨୦୦୦ ଟଙ୍କାର ଫି'କୁ ଛାଡ଼ କରିବାକୁ ସରକାର କ୍ୟାବିନେଟ୍ ମଞ୍ଜୁରୀ ଦେଇଛନ୍ତି। ଆଗାମୀ ୫ବର୍ଷ ନିମନ୍ତେ ୨୦୨୫ ଏପ୍ରିଲ ପହିଲାରୁ ୨୦୩୦ ମାର୍ଚ୍ଚ ୩୧ତାରିଖ ପର୍ଯ୍ୟନ୍ତ ଏବାବଦରେ ୩୪୯.୨୦କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଜଣାପଡ଼ିଛି। ଓଡ଼ିଶା ରାଜସ୍ୱ ସେବା (ଓଆରଏସ) କ୍ୟାଡ଼ରରେ ଆଉ ଅଣରାଜସ୍ୱ ସେବା କର୍ମଚାରୀମାନଙ୍କୁ ଚୟନ (ସିଲେକ୍ସନ) ଆଧାରରେ ନିଯୁକ୍ତି ମିଳିବ ନାହିଁ। ପ୍ରଚଳିତ ନିୟମାନୁସାରେ ଏନେଇ ୧୦ପ୍ରତିଶତ ପଦବୀ (ସିଲେକ୍ସନ ଆଧାରିତ) ସଂରକ୍ଷିତ ରହିଥିଲା। ମୋଟ ରାଜସ୍ୱ ପଦବୀର ୫୦ ପ୍ରତିଶତ ପ୍ରତ୍ୟକ୍ଷ ନିଯୁକ୍ତି (ଓପିଏସସି ପରୀକ୍ଷା ମାଧ୍ୟମରେ), ୪୦ ପ୍ରତିଶତ ରାଜସ୍ୱ ବିଭାଗର କର୍ମଚାରୀଙ୍କୁ ପଦୋନ୍ନତିରେ ଓ ବାକି ୧୦ ପ୍ରତିଶତ ଚୟନ ଆଧାରିତ ଥିଲା। ମାତ୍ର ରାଜ୍ୟ ସରକାର ଏହି ଓଡ଼ିଶା ରାଜସ୍ୱ ସେବା ନିଯୁକ୍ତି ନିୟମାବଳୀରେ ସଂଶୋଧନ କରି ଏଣିକି ଓଆରଏସ୍ ପଦବୀର ମୋଟ ଦୁଇ ତୃତୀୟାଂଶ ପଦବୀକୁ ପ୍ରତ୍ୟକ୍ଷ ନିଯୁକ୍ତି ଏବଂ ବାକି ଏକ ତୃତୀୟାଂଶ ପଦବୀକୁ ପଦୋନ୍ନତିଭିତ୍ତିରେ ପୂରଣ କରାଯିବ। ପଦୋନ୍ନତି ପାଇଁ ବିଚାର କରାଯାଉଥିବା ଅଧିକାରୀମାନଙ୍କୁ ଓଆରଏସପି ନିୟମ, ୨୦୧୭ ଅନୁଯାୟୀ ଲେଭେଲ-୯ରେ ରାଜସ୍ୱ ସୁପରଭାଇଜର, ରାଜସ୍ୱ ନିରୀକ୍ଷକ କିମ୍ବା ଅମଲା ଭାବେ ୬ ବର୍ଷର ସେବା ସଂପୂର୍ଣ୍ଣ କରିବାକୁ ହେବ। ପଦୋନ୍ନତି ପାଇଁ ବୟସ ସୀମା ୫୩ରୁ ୫୦ ବର୍ଷକୁ ହ୍ରାସ କରାଯାଇଛି। ଆସନ୍ତା ୨୦୩୬ ମସିହା ସୁଦ୍ଧା ବିକଶିତ ଓଡ଼ିଶା ଗଠନ ଲକ୍ଷ୍ୟରେ ରାଜ୍ୟର ସହରଗୁଡ଼ିକୁ ବିକାଶ ଓ ଅର୍ଥନୈତିକ କେନ୍ଦ୍ର ଭାବେ ଗଢ଼ିତୋଳିବା ଉଦ୍ଦେଶ୍ୟରେ ରାଜ୍ୟ କ୍ୟାବିନେଟ୍ 'ସମୃଦ୍ଧ ସହର' ଯୋଜନାର ଅନୁମୋଦନ କରିଛନ୍ତି। ଏହି ଯୋଜନାରେ ମୋଟ ୪୮୭୯.୩୦କୋଟି ଟଙ୍କା ଖର୍ଚ୍ଚ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଏହା ଓଡ଼ିଶାରେ ଯୋଜନାବଦ୍ଧ ସହରୀକରଣ ଓ ସନ୍ତୁଳିତ ଆଞ୍ଚଳିକ ବିକାଶକୁ ପ୍ରୋତ୍ସାହନ ଦେବ।

କାହା କଥାରେ ଯଦି କୌଣସି ଭୁଲ୍
କିମ୍ବା ଠିକ୍ ହୋଇଯାଉଥାନ୍ତା,
ତେବେ ଦୁନିଆ ସ୍ୱର୍ଗ ପାଲଟି
ଯାଇଥାନ୍ତା ।



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୨୧ - ୨୭ ଜୁଲାଇ, ୨୦୨୫

# ଫେଲ୍ ମାରିବ ଚକ୍ରାନ୍ତ

ବାଲେଶ୍ୱର ଫକୀର ମୋହନ କଲେଜ ଛାତ୍ରୀ ସୌମ୍ୟଶ୍ରୀ ବିଶିଙ୍କ ଆତ୍ମହୁତି ଘଟଣା ଯେତିକି ଦୁଃଖଦ ସେତିକି ବିସ୍ମୟ ସୃଷ୍ଟି କରୁଛି । ଜଣେ ଅଧ୍ୟାପକଙ୍କ କଟୁ ବ୍ୟବହାର ଓ ଖରାପ କଥାକୁ ନେଇ ଜଣେ ଛାତ୍ରୀ ଯେ ଆତ୍ମହୁତି ଦେଇଦେବେ ଏହା କେହି ଆଶା କରିନଥିବେ । ବହୁ ପ୍ରତିଭାର ଅଧିକାରୀ ଥିବା ସୌମ୍ୟା ଦୁର୍ବଳ ମାନସିକତାର ଝିଅ ନଥିଲେ । ହେଲେ ପରିସ୍ଥିତି କଣ ଏପରି ହେଲା ଯେ ସେ ସତକୁ ସତ ଆତ୍ମାହୁତି ଦେଇଦେଲେ । ଯାହା ଆମ ସମାଜ ପାଇଁ ଅତ୍ୟନ୍ତ ଚିନ୍ତାଜନକ କଥା । ଏହି ପ୍ରସଙ୍ଗକୁ ନେଇ ରାଜ୍ୟରେ ବିରୋଧୀ ଦଳ ମାନେ ଯେଉଁଭଳି ପ୍ରଦର୍ଶନ କରୁଛନ୍ତି ତାହା ବି ଅତ୍ୟନ୍ତ ନିନ୍ଦନୀୟ । କାରଣ ଉକ୍ତ ଘଟଣା ଏକମାତ୍ର ଘଟଣା ନୁହେଁ ଯେ ବିରୋଧୀ କଂଗ୍ରେସ ଓ ବିଜୁ ଜନତା ଦଳ ଏଥିରୁ ନାଁ କମେଇବେ । ଉଭୟ ଦଳ କ୍ଷମତାରେ ଥିଲା ବେଳେ ଅସଂଖ୍ୟ ଯୁବତୀ, ଛାତ୍ରୀଙ୍କ ଜୀବନ ଯାଇଛି । ଏଥିରେ ସମ୍ପୃକ୍ତ ଦଳର ନେତା ମନ୍ତ୍ରୀଙ୍କ ସିଧା ସଳଖ ସମ୍ପୃକ୍ତି ଥିବା ବାରମ୍ବାର ଅଭିଯୋଗ ହୋଇଆସିଛି । କୌଣସି ନେତା ବନ୍ଧା ହୋଇନଥିଲେ । ବରଂ ରାଜ୍ୟରେ ମୋହନ ମାଝୀଙ୍କ ସରକାର ଆସିବା ପରେ ଏକ ସୁସ୍ଥ ପରମ୍ପରା ଓ ତ୍ୱରିତ କାର୍ଯ୍ୟାନୁଷ୍ଠାନ ସମସ୍ତଙ୍କୁ ବଳ ଦେଉଛି । ଯାହାକୁ ହଜମ କରିପାରୁନି ବିଜେଡି ଓ କଂଗ୍ରେସ । ସୁଯୋଗରୁ ସ୍ୱାର୍ଥ ହାସଲ କରିବା ଲକ୍ଷ୍ୟରେ ଉଭୟ ବିରୋଧୀ ଦଳ ଯେଉଭଳି କାର୍ଯ୍ୟ କରୁଛନ୍ତି ତାହା ଜଣେ ମୃତ ଛାତ୍ରୀଙ୍କ ଆତ୍ମାକୁ ଶାନ୍ତି ଦେଇପାରିବନାହିଁ । କାରଣ କେଉଁ ଘଟଣାରେ ରାଜନୀତି କଲେ ଲୋକ

ସମ୍ପାଦକୀୟ

ତାରକ ମହାନ୍ତି



ଗ୍ରହଣ କରିବେ ତାହା ବୋଧେ ଏମାନଙ୍କ ରାଜନୀତି ପୁସ୍ତିକାରେ ନାହିଁ । ମାଇଲେଜ ନେବାକୁ ସୌମ୍ୟା ଆତ୍ମଦାହ ଘଟଣାରେ ବିଜେଡି ଯେଉଁ ନାଟକ ରଚିଲା ତାହା ହାସ୍ୟାସ୍ପଦ । କାରଣ ନବୀନଙ୍କ ଶାସନରେ ଅସଂଖ୍ୟ ଯୁବତୀଙ୍କର ମୃତ୍ୟୁ ପଛରେ ବିଜେଡି ନେତାଙ୍କ ହାତ ରହିଥିବା ଅଭିଯୋଗ ଓ ଆନ୍ଦୋଳନ କଥା ବୋଧେ ଭୁଲିଯାଇଛି ବିଜେଡି । ଖୋଦ ତତ୍କାଳୀନ ମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ଏବଂ ନୟାଗଡ଼ ପରୀ ଘଟଣାରେ ଅରୁଣ ସାହୁଙ୍କ ସମ୍ପୃକ୍ତିକୁ ଓଡ଼ିଶାରେ ଚାଞ୍ଚଲ୍ୟ ଖେଳିଥିଲା । ଆଜି ଅରୁଣ ବାବୁ ସୌମ୍ୟା ଘଟଣାରେ ଖାଲି ଡେଉଁଛନ୍ତି । ଚୋର ମୁହଁ ଟାଣ ଭଳି ବିଜେଡି ନେତା ନିଜର ଅତୀତ କର୍ମ ପାଇଁ ଆଜି ରାଜ୍ୟରେ ନିନ୍ଦିତ । ନବୀନ ପଟ୍ଟନାୟକଙ୍କୁ ସାମ୍ନାରେ ରଖି ବିଜେଡି ନେତା ରାଜ୍ୟକୁ ଯେଉଭଳି ଖୋଳ କରିଛନ୍ତି ତାହା ସମସ୍ତେ ଜାଣନ୍ତି । ଆଜି ଫକୀର ମୋହନ କଲେଜ ଛାତ୍ରୀ ଆତ୍ମଦାହ ଘଟଣା ରାଜ୍ୟବାସୀଙ୍କୁ ମର୍ମାହତ କରିଥିଲା ବେଳେ ବର୍ତ୍ତମାନର ସରକାର ଯେଉଭଳି ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେଲେ ସେଥିରୁ ବିଜେଡି ଶିକ୍ଷା ଲାଭ କରିବା ଉଚିତ । ଏହି ଘଟଣାରେ ତ ବିଜେପି ଦଳର କେହି ସମ୍ପୃକ୍ତ ଥିବା ଜଣା ପଡୁନି ବରଂ ବିଜେଡି ନେତାଙ୍କ ଶଳା ସେ ଯୌନ ପାଗଳ ଅଧ୍ୟାପକ ହିଁ ଦାୟୀ । ପୂର୍ବରୁ ଦୁଇଟି କଲେଜରୁ ତଡା ଖାଇଥିବା ଅଧ୍ୟାପକ ସାହୁ କାହା ବଳରେ ଉତ୍ପାତ କରୁଥିଲା ବିଜେଡି ଏହାର ତଦନ୍ତ କରୁ । ଆଉ କଂଗ୍ରେସ ଭକ୍ତ ଦାସଙ୍କୁ ନେଇ ଓଡ଼ିଶାରେ ଅତ୍ୟନ୍ତ ଉତ୍ସାହିତ ହୋଇ ଆନ୍ଦୋଳନ ପରେ ଆନ୍ଦୋଳନ କରୁଛି । ହେଲେ କଂଗ୍ରେସ ଯେ କୁକର୍ମ ପାଇଁ ଶାସନ କ୍ଷମତାରୁ ହଟିଥିଲା ତାହା ମଧ୍ୟ ଭୁଲିଯିବା ଅନୁଚିତ । ମୋହନ ସରକାରଙ୍କୁ ଅଡୁଆରେ ପକାଇବା ପାଇଁ ବିରୋଧୀ ଦଳ ଯେତେଯେତେ ଚକ୍ରାନ୍ତ କରିଚାଲିବେ ମୋହନ ମାଝୀ ସେତେସେତେ ସତର୍କତା ଅବଲମ୍ବନ କରିବେ । ଫଳସ୍ୱରୂପ ଆଗକୁ ଓଡ଼ିଶା ଦେଖିବ ଡବଲ ଇଞ୍ଜିନ୍‌ର କରାମତି ।

# ସୌମ୍ୟାଶ୍ରୀଙ୍କ ମୃତ୍ୟୁର କାରଣ ସଂସ୍ଥାଗତ ଉଦାସୀନତା !



ଅସିତ ମହାନ୍ତି

ବାଲେଶ୍ୱରର ଫକିରମୋହନ କଲେଜ ଘଟଣା ଏକ ଦୁଃଖଦ ଘଟଣା ଠାରୁ ଅଧିକ- ଏହା ଶିକ୍ଷାନୁଷ୍ଠାନ ମଧ୍ୟରେ ନୈତିକ ଏବଂ ସାଂସ୍କୃତିକ ମୂଲ୍ୟବୋଧର ଅବକ୍ଷୟକୁ ପ୍ରତିଫଳିତ କରୁଥିବା ଏକ ଦର୍ପଣ । ନ୍ୟାୟ ପାଇଁ ନିଜ ଶରୀରରେ ନିଆଁ ଲଗାଇ ଦେଇଥିବା ସୌମ୍ୟାଶ୍ରୀ ଦୀର୍ଘ ୩ ଦିନର ସଂଘର୍ଷ ପରେ ଶେଷରେ ମୃତ୍ୟୁବରଣ କରିଛନ୍ତି । ଏହା କାହିଁକି ଗଭୀର ଭାବରେ ଗୁରୁତ୍ୱପୂର୍ଣ୍ଣ ?

ବାସ୍ତବରେ ଘଟଣା ଟି କଣ ଏବଂ କିପରି ଘଟିଲା ? ଜଣେ ଦ୍ୱିତୀୟ ବର୍ଷର ବି.ଇଡି ଛାତ୍ରୀ, ସୌମ୍ୟାଶ୍ରୀ ବିସି, ତାଙ୍କ ବିଭାଗର ମୁଖ୍ୟ ସମୀର କୁମାର ସାହୁଙ୍କ ଦ୍ୱାରା ମାସ ମାସ ଧରି ଯୌନ ନିର୍ଯ୍ୟାତନା ଅଭିଯୋଗ ପରେ ଆତ୍ମଦାହ ଉଦ୍ୟମ କରିଥିଲେ । ଆନୁଷ୍ଠାନିକ ଅଭିଯୋଗ ଦାଖଲ କରିବା ସତ୍ତ୍ୱେ, କଲେଜ କର୍ତ୍ତୃପକ୍ଷ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ବିଫଳ ହୋଇଥିଲେ, ଯାହା ତାଙ୍କ ହତାଶ ପ୍ରତିବାଦର କାରଣ ହୋଇଥିଲା । ଅଭିଯୋଗ ପ୍ରତ୍ୟାହାର କରିବା ପାଇଁ ତାଙ୍କ ଉପରେ ଚାପ ପ୍ରୟୋଗ କରାଯାଇଥିବା ଅଭିଯୋଗର କିଛି ସମୟ ପରେ ପ୍ରଧାନଶିକ୍ଷକଙ୍କ କାର୍ଯ୍ୟାଳୟ ବାହାରେ ଏହି ଘଟଣା ଘଟିଥିଲା । ଉଭୟ ଅଭିଯୁକ୍ତ ଶିକ୍ଷକ ଏବଂ ପ୍ରଧାନଶିକ୍ଷକଙ୍କୁ ଗିରଫ କରାଯାଇ ନିଲମ୍ବିତ କରାଯାଇଛି ଏବଂ ଏକ ଉଚ୍ଚ ସ୍ତରୀୟ ତଦନ୍ତ ଚାଲିଛି । କାହିଁକି ଏହା ଗୁରୁତ୍ୱପୂର୍ଣ୍ଣ ? ଶିକ୍ଷକମାନଙ୍କ ସାଂସ୍କୃତିକ ଅବକ୍ଷୟ : ଶିକ୍ଷକମାନଙ୍କୁ ପାରମ୍ପରିକ ଭାବେ ନୈତିକ ମାର୍ଗଦର୍ଶକ ଭାବେ ବିବେଚନା କରାଯାଏ । ଯେତେବେଳେ ସେମାନେ କ୍ଷମତାର ଅପବ୍ୟବହାର କରନ୍ତି, ଏହା ଶିକ୍ଷାଦାନ ବୃତ୍ତିର ପବିତ୍ରତାକୁ ଦୁର୍ବଳ କରିଥାଏ । ଅନୁଷ୍ଠାନିକ ବିଫଳତା- କଲେଜର ଆଭ୍ୟନ୍ତରୀଣ ଅଭିଯୋଗ କମିଟି ନିଷ୍କ୍ରିୟ ଥିଲା, ଯାହା ଅଭିଯୋଗ ସମାଧାନରେ ବ୍ୟବସ୍ଥିତ ବ୍ୟବଧାନକୁ ଉନ୍ମୋଚନ କରିଥିଲା । ମାନସିକ ସ୍ୱାସ୍ଥ୍ୟ ଏବଂ ନ୍ୟାୟ : ଛାତ୍ରର ଚରମ କାର୍ଯ୍ୟ ବିଶ୍ୱାସରେ ଭାଙ୍ଗିଯିବାର ସଙ୍କେତ ଦେଇଥାଏ, ଯେଉଁଠାରେ ଶିକ୍ଷା କ୍ଷେତ୍ରରେ ମଧ୍ୟ ନ୍ୟାୟ ଅସମ୍ଭବ ମନେ ହେଉଥିଲା । ଜନସାଧାରଣଙ୍କ ଆକ୍ରୋଶ ଏବଂ ଉତ୍ତରଦାୟିତ୍ୱ : ଏହି ଘଟଣା ରାଜ୍ୟବ୍ୟାପି ବିକ୍ଷୋଭ ସୃଷ୍ଟି କରିଛି, ଯାହା ସରକାରଙ୍କୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ କରିଛି । ଏହା ଏକ ଅନୁସ୍ମାରକ ଯେ ଜନସାଧାରଣଙ୍କ ଚାପ ସଂସ୍ଥାଗତ ସଂସ୍କାରକୁ ଉତପ୍ରେରିତ କରିପାରିବ । ବ୍ୟାପକ ପ୍ରଭାବ : ଶିକ୍ଷାରେ ମର୍ଯ୍ୟାଦା ପୁନରୁଦ୍ଧାର : ଏହି ମାମଲା ଏକ ସାଂସ୍କୃତିକ ପୁନଃସ୍ଥାପନ ପାଇଁ ଆହ୍ୱାନ କରେ- ଯେଉଁଠାରେ ନୈତିକତା, ସହାନୁଭୂତି ଏବଂ ଉତ୍ତରଦାୟିତ୍ୱ ଶିକ୍ଷା କ୍ଷେତ୍ରରେ ଅଣ-ବୁଝାମଣା ଯୋଗ୍ୟ । ଛାତ୍ରମାନଙ୍କୁ ସଶକ୍ତ କରିବା : ଅନୁଷ୍ଠାନଗୁଡ଼ିକ ନିଶ୍ଚିତ କରିବା ଉଚିତ ଯେ ଛାତ୍ରମାନେ ନିରାପଦ ଏବଂ ତାଙ୍କ କଥାକୁ ଠିକ ଭାବେ ଶୁଣାଯାଉଛି, ନୀରବ କିମ୍ବା ଭୟଭୀତ ନୁହଁନ୍ତି । ନୀତିଗତ ସଂସ୍କାର : ଆଭ୍ୟନ୍ତରୀଣ ଅଭିଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ଶୃଙ୍ଖଳାଗତ କାର୍ଯ୍ୟରେ ସ୍ୱଚ୍ଛତା ସୁନିଶ୍ଚିତ କରିବା ଏବେ ଜରୁରୀ ପ୍ରାଥମିକତା ।

ଶିକ୍ଷାନୁଷ୍ଠାନରେ ଏହା ଗୋଟିଏ ଘଟଣା ନୁହେଁ , ବରଂ ଏହି ପ୍ରକାର ଘଟଣା ପୁରା ଭାରତ ବର୍ଷରେ ଘଟୁଛି । ଓଡ଼ିଶାରେ ଏହି ପ୍ରକାର ଦୁଃଖଦ ଘଟଣା କିଛିଦିନ ପୂର୍ବରୁ ଫେବୃଆରୀ ୧୬ ରେ ଜଣେ ତୃତୀୟ ବର୍ଷର ନେପାଳୀ ଛାତ୍ରୀ ତାଙ୍କ କିଟ୍ ବିଶ୍ୱବିଦ୍ୟାଳୟ ଛାତ୍ରାବାସ କୋଠରୀରେ ମୃତ ଅବସ୍ଥାରେ ମିଳିଥିଲା, ଯାହା କ୍ୟାମ୍ପସରେ ଅଶାନ୍ତି ଏବଂ ବିରୋଧ ପ୍ରଦର୍ଶନ କରିଥିଲା । ଛାତ୍ରମାନେ ଅଭିଯୋଗ କରିଥିଲେ ଯେ ବିଶ୍ୱବିଦ୍ୟାଳୟ ଉତ୍ପୀଡ଼ନର ପୂର୍ବ ଅଭିଯୋଗକୁ ଅଣଦେଖା କରିଛି ଏବଂ ମୃତକଙ୍କ ପାଇଁ ନ୍ୟାୟ ଦାବି କରିଥିଲେ । ଏହି ଘଟଣା ରାଜ୍ୟବ୍ୟାପୀ ଆକ୍ରୋଶ ଏବଂ କୂଟନୈତିକ ଉତ୍ତେଜନା ସୃଷ୍ଟି କରିଥିଲା, ଯେଉଁଥିରେ ୫୦୦ ରୁ ଅଧିକ ନେପାଳୀ ଛାତ୍ର ଅସ୍ଥାୟୀ ଭାବରେ କ୍ୟାମ୍ପସ୍ ଛାଡିଥିଲେ ।

ବାଲେଶ୍ୱରର ଫକିରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ସୌମ୍ୟାଶ୍ରୀ ବିସିଙ୍କ ଦୁଃଖଦ ଘଟଣା ବାସ୍ତବରେ ଗଭୀର ସଂସ୍ଥାଗତ ବିଫଳତାକୁ ଉନ୍ମୋଚିତ କରିଛି । ତାଙ୍କ ମୃତ୍ୟୁ ପଛରେ ଥିବା ସଂସ୍ଥାଗତ ଉଦାସୀନତାକୁ ରେଖାଙ୍କିତ କରୁଥିବା ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟ ପ୍ରକାଶ ପାଇଛି । ଅନୁଷ୍ଠାନିକ ଅବହେଳାର ବିନ୍ଦୁଗୁଡ଼ିକ ଯାହା ପ୍ରକାଶ ପାଇଛି ତାହା ହେଉଛି : ବାରମ୍ବାର ଅଭିଯୋଗ ଅଣଦେଖା - ସୌମ୍ୟାଶ୍ରୀ ବିସି ଶିକ୍ଷା ବିଭାଗର ମୁଖ୍ୟ ଡକ୍ଟର ସମୀର ସାହୁଙ୍କ ବିରୋଧରେ ଯୌନ ନିର୍ଯ୍ୟାତନା ଅଭିଯୋଗ ଆଣି ଆନୁଷ୍ଠାନିକ ଅଭିଯୋଗ କରିଥିଲେ । ଏଗୁଡ଼ିକ ଉଭୟ କଲେଜର ପ୍ରଧାନଶିକ୍ଷକ ଏବଂ ସ୍ଥାନୀୟ ପୋଲିସ ନିକଟରେ ଦାଖଲ କରାଯାଇଥିଲା, କିନ୍ତୁ କୌଣସି ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିଲା । ଧମକ ଏବଂ ଡ଼ରାଇବା : ଡ. ସାହୁ ତାଙ୍କ ଦାବି ପାଳନ ନକଲେ ତାଙ୍କ ଏକାଡେମିକ୍ ରେକର୍ଡରେ ହେରଫେର କରିବାକୁ ଧମକ ଦେଇଥିଲେ, ଯାହା ଭୟ ଏବଂ ଅସହାୟତାର ପରିବେଶ ସୃଷ୍ଟି କରିଥିଲା । ପକ୍ଷପାତପୂର୍ଣ୍ଣ ଆଭ୍ୟନ୍ତରୀଣ ତଦନ୍ତ : ଏକ ଆଭ୍ୟନ୍ତରୀଣ କମିଟି ଗଠନ କରାଯାଇଥିଲା, କିନ୍ତୁ ଛାତ୍ରଛାତ୍ରୀମାନେ ଦାବି କରିଥିଲେ ଯେ ଏଥିରେ ଜରୁରିକାଳୀନତା ଏବଂ ନିରପେକ୍ଷତାର ଅଭାବ ରହିଛି । ଏପରିକି ବିଜେପି ସାଂସଦ ପ୍ରତାପ ଷଡଙ୍ଗୀ ମଧ ତଦନ୍ତ ରିପୋର୍ଟକୁ ପକ୍ଷପାତପୂର୍ଣ୍ଣ ଏବଂ ପୀଡ଼ିତାଙ୍କ ବିବୃତି ସହିତ ଅସଙ୍ଗତ ବୋଲି ସମାଲୋଚନା କରିଥିଲେ । ଅଣଦେଖା ଆତ୍ମହତ୍ୟା ଚେତାବନୀ : ଆତ୍ମଦାହ ପୂର୍ବରୁ ସୌମ୍ୟାଶ୍ରୀ ପ୍ରଧାନଶିକ୍ଷକଙ୍କୁ ଏକ ଚିଠି ଲେଖି ତାଙ୍କ ଆଘାତ ବିଷୟରେ ବିସ୍ତୃତ ବିବରଣୀ ଦେଇଥିଲେ ଏବଂ ପୂର୍ବ ଆତ୍ମହତ୍ୟା ଉଦ୍ୟମ ବିଷୟରେ ଉଲ୍ଲେଖ କରିଥିଲେ । ଏହି ଲାଲ ପତାକାକୁ ଦୁଃଖଦାୟକ ଭାବେ ହଟାଇ ଦିଆଯାଇଥିଲା । ପ୍ରଶାସନିକ କାର୍ଯ୍ୟାନୁଷ୍ଠାନରେ ବିଳମ୍ବ : କଲେଜର ପ୍ରଧାନଶିକ୍ଷକଙ୍କୁ ନିଲମ୍ବିତ କରାଯାଇଥିଲା ଏବଂ ଡ. ସାହୁଙ୍କୁ କେବଳ ଜନସାଧାରଣଙ୍କ ଆକ୍ରୋଶ ଏବଂ ଗଣମାଧ୍ୟମର ଚାପ ପରେ ଗିରଫ କରାଯାଇଥିଲା, ପୀଡ଼ିତାଙ୍କ ପ୍ରାରମ୍ଭିକ ଅନୁରୋଧର ଜବାବରେ ନୁହେଁ । ରାଜନୈତିକ ଏବଂ ସାର୍ବଜନୀନ ଆକ୍ରୋଶ : ଏହି ଘଟଣା ବ୍ୟାପକ ବିକ୍ଷୋଭ ସୃଷ୍ଟି କରିଥିଲା, ଛାତ୍ର ଗୋଷ୍ଠୀ, ରାଜନୈତିକ ନେତା ଏବଂ ନାଗରିକ ସମାଜ ନ୍ୟାୟ ଏବଂ ବ୍ୟବସ୍ଥିତ ସଂସ୍କାର ଦାବି କରିଥିଲେ । ଏହି ସାମୂହିକ ପ୍ରତିକ୍ରିୟା ଦର୍ଶାଇଥିଲା ଯେ ସଂସ୍ଥାଗତ ନୀରବତା କିପରି ଅପବ୍ୟବହାରକୁ ଅନିୟନ୍ତ୍ରିତ ଭାବରେ ଜାରି ରଖିବାକୁ ଅନୁମତି ଦେଇଥିଲା । ଏହି ମାମଲା କେବଳ ଜଣେ ବ୍ୟକ୍ତିଙ୍କ ବିଷୟରେ ନୁହେଁ-ଏହା କିପରି ଉଦାସୀନ ବ୍ୟବସ୍ଥା ଦୁର୍ବଳ ଲୋକଙ୍କୁ ବିଫଳ କରିପାରେ ତାହାର ଏକ ଭୟଙ୍କର ପ୍ରତିଫଳନ ।

ସୌମ୍ୟାଶ୍ରୀଙ୍କ ଦୁଃଖଦ ମୃତ୍ୟୁ କେବଳ ଏକ ବ୍ୟକ୍ତିଗତ କ୍ଷତି ନୁହେଁ-ଏହା ସଂସ୍ଥାଗତ ଉଦାସୀନତା ଏବଂ ବ୍ୟବସ୍ଥାଗତ ବିଫଳତାର ଏକ ଭୟଙ୍କର ଅଭିଯୋଗ । ନ୍ୟାୟ ପାଇଁ ତାଙ୍କର ବାରମ୍ବାର ନିବେଦନ, ତାଙ୍କ ସୁରକ୍ଷା ଦାୟିତ୍ୱରେ ଥିବା ବ୍ୟକ୍ତିଙ୍କ ଦ୍ୱାରା ଅଣଦେଖା କରାଯାଇଥିଲା, ଏକ ହତାଶାର କାର୍ଯ୍ୟରେ ପରିଣତ ହୋଇଥିଲା ଯାହା ରାଜ୍ୟର ବିବେକକୁ ଚକିତ କରିଥିଲା । ବରିଷ୍ଠ ଅଧିକାରୀମାନଙ୍କୁ ନିଲମ୍ବନ ଏବଂ ଗିରଫ କରିବା, ଆବଶ୍ୟକ ଥିବାବେଳେ, କାହାଣୀର ଶେଷ ହେବା ଉଚିତ୍ ନୁହେଁ ।ଏହି ଘଟଣା ଏକ ଗଭୀର ହିସାବ ଦାବି କରେ । ଅଭିଯୋଗ ସମାଧାନ ବ୍ୟବସ୍ଥାର ସଂସ୍କାର, ଶିକ୍ଷକମାନଙ୍କୁ ବାଧ୍ୟତାମୂଳକ ଭାବେ ସମ୍ବେଦନଶୀଳ କରିବା ଏବଂ ଛାତ୍ରଛାତ୍ରୀମାନଙ୍କ ପାଇଁ ନିର୍ଭୟରେ କଥା କହିବା ପାଇଁ ନିରାପଦ ସ୍ଥାନ ସୃଷ୍ଟି କରିବା । ସୌମ୍ୟାଶ୍ରୀଙ୍କ ପାଇଁ ନ୍ୟାୟ ଦଣ୍ଡ ଠାରୁ ଅଧିକ ହେବା ଆବଶ୍ୟକ -ଏହା ଶିକ୍ଷାନୁଷ୍ଠାନଗୁଡ଼ିକ କିପରି ନିର୍ଯ୍ୟାତନା ପ୍ରତି ପ୍ରତିକ୍ରିୟା ପ୍ରକାଶ କରନ୍ତି ଏବଂ ମର୍ଯ୍ୟାଦା ବଜାୟ ରଖନ୍ତି ସେଥିରେ ଏକ ସାଂସ୍କୃତିକ ପରିବର୍ତ୍ତନକୁ ପ୍ରେରଣା ଦେବା ଆବଶ୍ୟକ । ଏଥି ସହିତ ସରକାରଙ୍କୁ ଅବିଳମ୍ବେ କେତେଗୁଡିଏ କଡା ପଦକ୍ଷେପ ନିଅନ୍ତୁ , ଯାହାଫଳରେ ଏପରି କୁକୃତ୍ୟ କାର୍ଯ୍ୟକରିଥିବା ଶିକ୍ଷକ ଏବଂ ଏପରି କାର୍ଯ୍ୟରେ ଲିପ୍ତ ଥିବା ଅନ୍ୟ ଶିକ୍ଷକ ଯେଉଁମାନେ ସାମ୍ନାକୁ ଆସିନାହାନ୍ତି ସେମାନେ ଏପରି କାର୍ଯ୍ୟ କରିବାକୁ ସାହସ କରିବେ ନାହିଁ । ୧ - ନିଯୁକ୍ତି ସମୟରେ ମାନବୀୟ ମୂଲ୍ୟବୋଧ ସହିତ ଏକାଡ଼େମିକ ପ୍ରତିଭାର ମାନଦଣ୍ଡ ନିର୍ଦ୍ଧାରଣ କରନ୍ତୁ । ୨ - ଯେଉଁମାନେ ଏପରି ନିର୍ଲଜ କାର୍ଯ୍ୟରେ ଲିପ୍ତ ଅଛନ୍ତି ଏବଂ ପରେ ଲୋକଲୋଚନକୁ ଆସୁଛନ୍ତି , ସେମାନଙ୍କୁ ଶିକ୍ଷାନୁଷ୍ଠାନରୁ ଅବିଳମ୍ବେ ସବୁଦିନ ପାଇଁ ବରଖାସ୍ତ କରନ୍ତୁ । ୩ - ମୃତ ଛାତ୍ରୀଙ୍କ ପରିବାରକୁ ୧ କୋଟି ଟଙ୍କା ସହାୟତା ରାଶି ପ୍ରଦାନ କରନ୍ତୁ । ୪ - ଏକ ଉଚ୍ଚ ସ୍ତରୀୟ ତଦନ୍ତ କରି ଏହାର ରିପୋର୍ଟ ୭ ଦିନ ମଧ୍ୟରେ ସର୍ବସାଧାରଣରେ ପ୍ରକାଶ କରନ୍ତୁ । ୫ - ଘଟଣାରେ ସମ୍ପୃକ୍ତ ସମସ୍ତ ଅପରାଧୀ ଏବଂ ଦିର୍ଘମାସ ଧରି ଛାତ୍ରୀଙ୍କ ଯୌନ ନିର୍ଯ୍ୟାତନା, ମାନସିକ ନିର୍ଯାତନା ଏବଂ ଏକାଡ଼େମିକ ହାରାସମେଣ୍ଟର ଅଭିଯୋଗକୁ କର୍ଣ୍ଣପାତ କରିନଥିବା ବ୍ୟକ୍ତିମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ । ୬ - ଏହି ଦୁଃଖଦାୟକ ଘଟଣାର ସମସ୍ତ ନୈତିକ ଦାୟିତ୍ୱ ଉଚ୍ଚ ଶିକ୍ଷାମନ୍ତ୍ରୀ ନିଅନ୍ତୁ ଏବଂ ଦରକାର ପଡିଲେ ଇସ୍ତଫା ମଧ ଦିଅନ୍ତୁ , ଯାହାଫଳରେ ନୈତିକ ଦାୟିତ୍ୱର ଭାବନା ଅଛି ବୋଲି ଜନସାଧାରଣ ଉପଲାବଦ୍ଧି କରନ୍ତୁ । ୭ - ସମସ୍ତ କଲେଜ ଓ ୟୁନିଭେର୍ସିଟି କ୍ୟାମ୍ପସ ଭିତରେ ଏବଂ ବାହାରେ ଛାତ୍ରୀମାଙ୍କୁ ପିତୃ ଯୌନ ନିର୍ଯ୍ୟାତନା ଓ ଏକାଡ଼େମିକ ହାରାସମେଣ୍ଟର ଥ୍ରେଟ କଲଚର ବନ୍ଦ କରିବା ଏବଂ ଛାତ୍ରୀମାନଙ୍କୁ ସମସ୍ତ ପ୍ରକାର ନିରାପତ୍ତା ପ୍ରଦାନ କରିବା ଦାୟିତ୍ୱ ସରକାର ଅବିଳମ୍ବେ ହାତକୁ ନିଅନ୍ତୁ ।

**ସୁଜନପୁର, ଯାଜପୁର**
**ଦୂରଭାଷ : ୯୪୩୭୨୮୮୦୨୮**

# ନ୍ୟାୟିକ ବ୍ୟବସ୍ଥା ଓ ଜନ ସାଧାରଣ



ଗଜାନନ ମିଶ୍ର

ଉଚ୍ଚତମ ନ୍ୟାୟାଳୟର ପ୍ରଧାନ ବିଚାରପତି ଶ୍ରୀ ଭୂଷଣ ରାମକୃଷ୍ଣ ଗଭାଇ ସ୍ପଷ୍ଟ ଭାଷାରେ ଗତ ୧୨/୦୭/୨୦୨୫ ଦିନ ହାଇଦରାବାଦସ୍ଥିତ ନଲସାର ଆଇନ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଯୋଗ ଦେବା ଅବସରରେ କହିଛନ୍ତି ଯେ ଭାରତର ନ୍ୟାୟିକ ବ୍ୟବସ୍ଥାରେ ବିଭିନ୍ନ ପ୍ରକାରର ଆହ୍ୱାନ ରହିଛି ଯୋଉସବୁର ସୁଧାର ଜରୁରୀ ହୋଇ ପଡିଛି । ନ୍ୟାୟିକ ପ୍ରକ୍ରିୟା ବିଳମ୍ବ ହେଉଛି, ପୀଡିତଙ୍କୁ ଠିକ୍ ସମୟରେ ନ୍ୟାୟ ପ୍ରଦାନ ହୋଇ ପାରୁ ନାହିଁ । ତ୍ୱରିତ ନ୍ୟାୟ ଉପରେ ଗୁରୁତ୍ୱାରୋପ କରିଛନ୍ତି । ଦୋଷୀ ସାବ୍ୟସ୍ତ ହୋଇ ନ ଥିବା ଅପରାଧୀ ଜେଲରେ ରହୁଛି । ମୋଟାମୋଟି ଭାବରେ ନ୍ୟାୟିକ ବ୍ୟବସ୍ଥା ଉପରୁ ଲୋକଙ୍କ ଆସ୍ଥା ବିଶ୍ୱାସ ତୁଟି ଯାଉଛି । ନିଜ ଅନୁଭବରୁ ସତ୍ୟ ପ୍ରକାଶ କରିଛନ୍ତି ଜଷ୍ଟିସ ଗଭାଇ ।

ଜଷ୍ଟିସ ଗଭାଇ ଛାତ୍ରଛାତ୍ରୀଙ୍କୁ ଅଧିକ ଜ୍ଞାନ ଆହରଣ ନିମନ୍ତେ ବିଦେଶ ଯିବା ନିମନ୍ତେ ପରାମର୍ଶ ବି ଦେଇଛନ୍ତି । କିନ୍ତୁ ଯା ସହିତ ଆମ ଜନ୍ମଭୂମି ଭାରତର ଗାଁ, ସହର, ସାମାଜିକ ବ୍ୟବସ୍ଥା, ପରମ୍ପରାକୁ ବଜାୟ ରଖିବାକୁ ହେବ । ଇଂରେଜଗଣ ଯାହାଯେତେ କ୍ଷତି ବା ନଷ୍ଟ କଲେ, କରି ଚାଲିଗଲେ । ଆଜିକୁ ଅଠସ୍ତରୀ ବର୍ଷ ହୋଇଗଲାଣି । ଆମେ ଏ ଯାଏ ଆମ ଭାଷାକୁ ବ୍ୟବହାର କରି ପାରିଲେ ନାହିଁ । ଭାରତୀୟ ସମ୍ବିଧାନ ଆମ ଜନସାଧାରଣ ପାଇଁ ଗୀତା, ଭାଗବତ, କୋରାନ, ବାଇବେଲଠୁ ଉପରେ । ଏହି ସମ୍ବିଧାନରେ କୁହାଯାଇଛି ଯେ ସମ୍ବିଧାନ ଲାଗୁ ହେବାର ପନ୍ଦର ବର୍ଷ ଯାଏ ଇଂରେଜି ଭାଷା ବ୍ୟବହାର କରାଯିବ । ଦେବନାଗରୀ ଲିପିର ହିନ୍ଦୀ ଭାଷା ହେଉଛି କେନ୍ଦ୍ର ସରକାରଙ୍କ ଭାଷା । ମହାମହିମ ଭାରତର ରାଷ୍ଟ୍ରପତିଙ୍କ ପରାମର୍ଶରେ ଉଚ୍ଚତମ ନ୍ୟାୟାଳୟର ଭାଷା ହିନ୍ଦୀ ଓ ଅନ୍ୟ ଭାରତୀୟ ଭାଷାରେ କାର୍ଯ୍ୟ କରାଯାଇପାରିବ । ରାଜ୍ୟମାନଙ୍କର ବ୍ୟବହାର ନିମନ୍ତେ ରାଜ୍ୟ ବିଧାନସଭା ଭାଷା ଆଇନ କରିପାରିବେ । ରାଜ୍ୟର ମାନ୍ୟବର ରାଜ୍ୟପାଳଙ୍କ ପରାମର୍ଶରେ ରାଜ୍ୟ ଭାଷାରେ ଉଚ୍ଚ ନ୍ୟାୟାଳୟରେ କାର୍ଯ୍ୟ କରିପାରିବେ । ଏ ପର୍ଯ୍ୟନ୍ତ ହୋଇ ପାରି ନାହିଁ । ଫଳରେ ଭାରତୀୟ ଲୋକଙ୍କର ଆସ୍ଥା ଓ ବିଶ୍ୱାସ ଲାଭରୁ ବଂଚିତ ରହିଛି । ଏହା ହିଁ ଦୁଃଖଦାୟକ ।

ଭାଷା ହେଉଛି ଆତ୍ମାର ସ୍ୱର । ଆମ ସମ୍ବିଧାନ ଇଂରେଜିକୁ ମିଶାଇ କୌଣସି ବିଦେଶୀ ଭାଷାକୁ ଅଷ୍ଟମ ସିଡୁଲରେ ସ୍ଥାନୀତ କରି ନାହିଁ । ସୁତରାଂ, ନ୍ୟାୟିକ ପ୍ରକ୍ରିୟାରେ ବିଦେଶୀଭାଷା ବ୍ୟବହାର ଯୋଗୁଁ ଆତ୍ମିକ ଭାବ ଜାଗ୍ରତ ହୋଇ ପାରୁ ନାହିଁ । ସାଧାରଣ ଲୋକଙ୍କଠାରୁ ବିଚାରପତିଗଣ ଅଲଗା ଭାବୁଛନ୍ତି ନିଜ ନିଜକୁ । ସବୁ ରାଜ୍ୟରେ ଭାରତୀୟ ଭାଷାରେ ଆଇନ ପାଠ ପଢା ହେଉ ନାହିଁ । ଏହା ହିଁ ପ୍ରମୁଖ ଦୁର୍ବଳତା ବିଚାର ପ୍ରକ୍ରିୟାରେ । ଅନସ୍ତନ ଅଦାଲତ ମାନଙ୍କରେ ଅଦାଲତ ଅବମାନନାର ଆଳରେ ଲୋକଙ୍କୁ ଡରାଇ ଧମକାଇ ରଖୁଥିବାର ଦେଖାଯାଉଛି । କାହାର କଣ ଯାଉଛି କହି ଲୋକେ ସତ୍ୟ ପ୍ରକାଶ ଭୟରେ କରୁ ନାହାନ୍ତି । ସତ୍ୟମେବ ଜୟତେ ଫୁସକି ଯାଉଛି । ମିଛ ଆରୋପ ପ୍ରତ୍ୟାରୋପ ଭିତରେ ମିଛ ଫଳାଫଳ ଆସିବା ସ୍ୱାଭାବିକ । ତ୍ୱରିତ ନ୍ୟାୟ ପ୍ରଦାନ ଆଳରେ ସତ୍ୟ କେଉଁଠି ହଜି ଯାଉଛି । ଅଦାଲତ ପାଖରେ ସମୟ ନାହିଁ ଧୈର୍ଯ୍ୟ ସହିତ ସତ୍ୟ ମହିମା ଗାନ କରିବାକୁ । ମିଛ ବାଦପତ୍ର, ମିଛ ଲିଖିତ ଜବାବ, ମିଛ ଇଜାହାର ଗୋଟେ ନାଟକବାଜିର ଦୃଶ୍ୟ ପରିବେଷଣ ହେଲା ଭଳି ଲାଗୁଛି । ସମାଜର ପ୍ରକୃତ ସମସ୍ୟା ସମାଧାନ ହୋଇ ପାରୁ ନାହିଁ । ଗୋଟେ ଦୃଷ୍ଟିରୁ ବର୍ତ୍ତମାନ ବିଚାର ପ୍ରକ୍ରିୟା ବିଫଳତା ମୁହାଁ ।

ଅନ୍ୟ ଏକ କାରଣ ହେଉଛି ଅର୍ଥଗତ । ଲୋକଙ୍କ ଫିସ ଟଙ୍କାରେ ନ୍ୟାୟିକ ବ୍ୟବସ୍ଥାର ସମସ୍ତେ ଚଳୁଛନ୍ତି । ଗରୀବ ଲୋକଟିଏ ନ୍ୟାୟ ପାଇବାରୁ ବଂଚିତ ହେଉଛି ସମସ୍ତ ଆଇନ ସହାୟତା ପ୍ରଦାନ କରାଯାଉଥିବା ସତ୍ତ୍ୱେ । କଣ ପାଇଁ ? ଆନ୍ତରିକତାର ଅଭାବ ନିଶ୍ଚୟ । ଲୋକ ଦେଖାଣିଆ ସଂସ୍କାର କାମ ଦେବ ନାହିଁ । ମାନ୍ୟବର ପ୍ରଧାନ ବିଚାରପତି ଠିକ୍ ଭାବରେ ନ୍ୟାୟିକ ବ୍ୟବସ୍ଥାର ଦୁର୍ବଳ ଦିଗ ପ୍ରତି ଆଙ୍ଗୁଳି ଉଠାଇଛନ୍ତି । ଘରେ ଘରେ ଗାଁ ଗାଁରେ ନ୍ୟାୟ ପ୍ରଦାନ ଆମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ରହିଛି । ଆଜିର ଇଣ୍ଟରନେଟ୍ ଯୁଗରେ ଏହା ସହଜ ହୋଇ ପାରିବ । ଲୋକଙ୍କ ଭାଷାରେ ଲୋକେ ଘରେ ବସି ମାମଲାର ସବୁ ସଂପର୍କିତ କାର୍ଯ୍ୟ କରିପାରିବେ, ସୁବିଚାର ପାଇ ପାରିବେ । ସତ୍ୟ ଆଧାରିତ, ନିରପେକ୍ଷ ବିଚାର ମିଳିଲେ ହିଁ ଗଣତନ୍ତ୍ରର ମୂଳ ମଜଭୁତ ହେବ, ଜନଗଣର ଜୟଗାନ ହେବ, ମାତୃଭୂମି ଟେକ ବଜାୟ ରହିବ ।

**ତପୋବନ, ଟିଟିଲାଗଡ, ବଲାଙ୍ଗିର**

**ଯୋଗାଯୋଗ ଠିକଣା**

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ବିକଳାଙ୍ଗ ନ୍ୟାୟ ବ୍ୟବସ୍ଥା



ଆଶୁତୋଷ ନାୟକ

ଜନ୍ମରୁ ମୃତ୍ୟୁ ପ୍ରଯ୍ୟନ୍ତ ଆମ ସରକାର ଅନେକ ଯୋଜନା ପ୍ରଣୟନ କରୁଛନ୍ତି କିନ୍ତୁ କୋଟି କୋଟି ଟଙ୍କା ଯୋଜନା ନାମରେ ହରିଲୁଟ କରୁଛନ୍ତି ଆମ ସମାଜର ବଡ଼ପଣ୍ଡା ବୋଲାଉଥିବା ନେତା, ମନ୍ତ୍ରୀ, ଅଫିସର । ରାଜନେତାଙ୍କ ଛତ୍ରଛାୟା ତଳେ ବଡ଼ବାବୁ, ଆଇଏସ ଅଫିସର ମାନେ କୋଟି କୋଟି ଟଙ୍କା ହରିଲୁଟ କରୁଛନ୍ତି ସାଧାରଣ ଜନତାଙ୍କ କଷ୍ଟ ଉପାର୍ଜିତ ଅର୍ଥକୁ ନିଜର ବିଶାଳ ସାମ୍ରାଜ୍ୟ ନିର୍ମାଣ ରେ ବିନିଯୋଗ କରୁଛନ୍ତି । ଆମ ରାଜ୍ୟ ଓଡିଶାରେ ଏବେ କିଛି ଦିନ ମଧ୍ୟରେ ଅନେକ ବଡ଼ ମାଛ କୋଟିପତି ବାବୁ ଭିଜିଲାନ୍ସ ଦ୍ୱାରା ଧରାପଡିଛନ୍ତି ।

ଆମ ଦେଶରେ ବିଭିନ୍ନ ରାଜନୈତିକ ଦଳ କ୍ଷମତାରେ ରହିଛନ୍ତି ।କିନ୍ତୁ ଦେଶ ସ୍ୱାଧୀନତାର ୭୮ବର୍ଷ ପରେ ମଧ ସାଧାରଣ ଗରିବ ଓ ମଧ୍ୟବିତ୍ତଙ୍କ ମୁଣ୍ଡପିଛା ଆୟ ସେପରି ଆଖିଦୃଶିଆ ବୃଦ୍ଧି ହୋଇନାହିଁ । ଏହାର ମୁଖ୍ୟ କାରଣ ହେଉଛି ସବୁ ରାଜନୈତିକ ଦଳ ମାନଙ୍କର ଗୋଟିଏ ଲକ୍ଷ୍ୟ ଭୋଟବ୍ୟାଙ୍କ ରାଜନୀତି । ମାଳ ମାଳ ଯୋଜନା ପ୍ରଣୟନ କରାଯାଉଛି କିନ୍ତୁ ସବୁ ରାଜନୈତିକ ଦଳ ମାନଙ୍କର ଯୋଜନାରେ ନିଜର ରାଜନୈତିକ ଅଭିଳାଷା ରହୁଛି ଯାହାଫଳରେ ନାଲି ଫିତା ତଳେ କାଗଜ କଲମରେ ଯୋଜନାର ରୂପରେଖ ରହିଯାଉଛି । ରାଜନୀତିର ପଶାପାଲିରେ ପେଶି ହେଉଛନ୍ତି ସାଧାରଣ ଗରିବ, ମଧ୍ୟବିତ୍ତ । ସ୍ୱାଧୀନତାର ଏତେ ବର୍ଷ ପରେ ମଧ ଆଜିବି ଅନେକ ଅସହାୟ ବ୍ୟକ୍ତି ସରକାରଙ୍କ ବିଭିନ୍ନ ଜନମଙ୍ଗଳକାରୀ ଯୋଜନାରୁ ବଞ୍ଚିତ । ସେମାନଙ୍କ ପାଇଁ ଯୋଜନା ଗୁଡିକ 'ଆକାଶ କଇଆ, ଚିଲିକା ମାଛ ସଦୃଶ ।' ସ୍ୱାଧୀନତାର ଏତେବର୍ଷ ଅତିକ୍ରାନ୍ତ ହୋଇସାରିଥିଲେ ମଧ ଆଜି ଯାଏ କୌଣସି ରାଜନୈତିକ ଦଳ ସାଧାରଣ ଜନତାଙ୍କୁ ଆତ୍ମନିର୍ଭରଶୀଳ କରିବାପାଇଁ ସେପରି ଯୋଗାନ୍ତକାରୀ ପଦକ୍ଷେପ ଗ୍ରହଣ କରିନାହାନ୍ତି । ଏହା ଅତ୍ୟନ୍ତ ଦୁଃଖ ଓ ବିଡମ୍ବନାର ବିଷୟ ।

ଆମ ଦେଶର ଗରିବ ଓ ମଧ୍ୟବିତ୍ତ ବ୍ୟକ୍ତି ସମସ୍ତ ନିତ୍ୟବ୍ୟବହାର କରୁଥିବା ସାମଗ୍ରୀ ଯେପରି ସାମାନ୍ୟ ଛୁଞ୍ଚି ଠୁ ଆରମ୍ଭ କରି ଫ୍ରିଜ ପ୍ରଯ୍ୟନ୍ତ ଜିଏସଟି ଆକାରରେ ସରକାର କୋଟି କୋଟି ଟଙ୍କା ଆଦାୟ କରୁଛନ୍ତି । ଟୋଲଟାକ୍ସରେ ଅନେକ ରାଜସ୍ୱ ସରକାର କମାଉଛନ୍ତି । ଏପରିକି କ୍ୟାନସର, ଡାଇବେଟିସ, ହାର୍ଟଆଟାକ ପରି ଭୟଙ୍କର ରୋଗର ଉପଶମ ପାଇଁ ବ୍ୟବହୃତ ହେଉଥିବା ମେଡ଼ିସିନ ରେ ଆମ ସରକାର ୧୨% ଜିଏସଟି ଆଦାୟ କରୁଛନ୍ତି । ଗୋଟିଏ ସାଧାରଣ ଗରିବ, ମଧ୍ୟବିତ୍ତ ପରିବାର ପାଇଁ ଏହା 'ବୋଝ ଉପରେ ଲଳିତା ବିଡା ସଦୃଶ ।' ବର୍ତ୍ତମାନ ସମୟରେ ପନିପରିବା ଓ ଅତ୍ୟାବଶ୍ୟକୀୟ ସାମଗ୍ରୀର ଅହେତୁକ ବୃଦ୍ଧି ସାଧାରଣ ଗରିବ ମଧ୍ୟବିତ୍ତ ବ୍ୟକ୍ତିଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ସାଜିଛି । ନିଜର ଗୁଜୁରାଣ ମେଣ୍ଟାଇବା ପାଇଁ ସେମାନେ ରାତିଦିନ ସଂଘର୍ଷ କରୁଛନ୍ତି ଏବଂ ଯେଉଁମାନେ କ୍ୟାନସର, ଡାଇବେଟିସ, ହାର୍ଟ ଆଟାକ ପରି ଭୟଙ୍କର ରୋଗରେ ପୀଡିତ ସେମାନଙ୍କ ସମସ୍ତ ଝାଳବୁହା କଷ୍ଟଉପାର୍ଜିତ ଅର୍ଥ ବିନିଯୋଗ ହେଉଛି ମେଡ଼ିସିନ ଏବଂ ମେଡିକାଲ ଟେଷ୍ଟରେ । ସେଥିପାଇଁ ଅନେକ ସାଧାରଣ ବ୍ୟକ୍ତି ଋଣ ଭାରରେ ଭାରାକ୍ରାନ୍ତ ହୋଇ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଛନ୍ତି । ଏଥିପାଇଁ ଆମ ସରକାରୀ କଳ ଏବଂ ଜଟିଳ ବ୍ୟବସ୍ଥା ଦାୟୀ ।

ନ୍ୟାସନାଲ କ୍ରାଇମ୍ ରେକର୍ଡ ବ୍ୟୁରର ରିପୋର୍ଟ ଅନୁସାରେ ୨୦୧୪ ମସିହାରେ ୨୭୦୦୦ ମହିଳା ବିଭିନ୍ନ ସମସ୍ୟା ପାଇଁ ଆତ୍ମହତ୍ୟା କରିଥିଲେ ଏବଂ ୬୦୦୦୦ ପୁରୁଷ ଆତ୍ମହତ୍ୟା ପରି ଚରମ ପଦକ୍ଷେପ ଗ୍ରହଣ କରିବାକୁ ବାଧ ହୋଇଥିଲେ । ୨୦୧୯ ମସିହାରେ ପାଖାପାଖି ୧ଲକ୍ଷ ୧୮ହଜାର ବ୍ୟକ୍ତି ଆତ୍ମହତ୍ୟା ପରି ଚରମ ପଦକ୍ଷେପ ଗ୍ରହଣ କରିଛନ୍ତି । ସେଥିମଧ୍ୟରୁ ୮୦୦୦୦ ପୁରୁଷ ଏବଂ ୩୪୦୦୦ ମହିଳା ଆତ୍ମହତ୍ୟା କରିବାକୁ ବାଧ ହୋଇଛନ୍ତି । ୨୦୨୧ମସିହାରେ ଆମ ଦେଶରେ ୧ଲକ୍ଷ ୬୪ହଜାରରୁ ଅଧିକ ବ୍ୟକ୍ତି ଆତ୍ମହତ୍ୟା କରିଛନ୍ତି । ସେଥିମଧ୍ୟରୁ ବିବାହିତ ପୁରୁଷଙ୍କ ସଂଖ୍ୟା ୮୧୦୦୦ ଏବଂ ମହିଳାଙ୍କ ସଂଖ୍ୟା ୨୮,୬୮୦ ରହିଥିଲା ।

ନିକଟରେ ବେଙ୍ଗାଲୁରରେ ଏକ ଆଇଟି କମ୍ପାନୀର ଯୁବ ଏଆଇ ଇଞ୍ଜିନିୟର ଅତୁଲ ସୁବାଷ ଆମ ଆଇନ ବ୍ୟବସ୍ଥାରେ ରହିଥିବା ସାଙ୍ଘାତିକ ତ୍ରୁଟି ଏବଂ ପତ୍ନୀ ଓ ଶାଶୁଙ୍କ ଅକଥନୀୟ ମାନସିକ ନିର୍ଯ୍ୟାତନା ଓ ଅତ୍ୟାଚାର ସହିନପାରି ଆତ୍ମହତ୍ୟା କରିବାକୁ ବାଧ ହୋଇଛନ୍ତି । ଆତ୍ମହତ୍ୟା କରିବା ପୂର୍ବରୁ ଦେଇଥିବା ୮୦ମିନିଟର ଶେଷ ଭିଡ଼ିଓ ସନ୍ଦେଶ ଏବଂ ୨୪ପୃଷ୍ଠାର ଚିଠି ଅତ୍ୟନ୍ତ ହୃଦୟବିଦାରକ ଓ ଦୁଃଖଦ । ଆମ ପ୍ରଶାସନ ଓ ସରକାରଙ୍କୁ ଏହା ଗୁରୁତର ସହ ନେବାକୁ ପଡିବ । ଆମ ନ୍ୟାୟ ବ୍ୟବସ୍ଥା କିପରି ବିକଳାଙ୍ଗ ହୋଇପଡିଛି ଏହି ଘଟଣା ଏହାର ଜ୍ୱଳନ୍ତ ପ୍ରଣାମ । ଆମ ସମାଜରେ ପ୍ରତିଷ୍ଠିତ ଅନେକ ବିଦ୍ୱାନ ବ୍ୟକ୍ତି ଏହା ମତବ୍ୟକ୍ତ କରନ୍ତି କି ମୃତ୍ୟୁ ପୂର୍ବରୁ ଦିଆଯାଇଥିବା ମନ୍ତବ୍ୟ କଦାପି ମିଥ୍ୟା ହୋଇନଥାଏ ।

ଏକ ଏନଜିଓକୁ ଲେଖିଥିବା ନିଜ ୨୪ପୃଷ୍ଠାର ଚିଠିରେ ଅତୁଲ ରାଷ୍ଟ୍ରପତିଙ୍କ ନାମ ଉଲେଖ କରି ଦେଶର ଅପରାଧିକ ନ୍ୟାୟ ବ୍ୟବସ୍ଥା କଥା ବି କହିଛନ୍ତି । ଅତୁଲ ଲେଖିଥିବା ଚିଠିର ପ୍ରତି ପୃଷ୍ଠାରେ 'ମୋତେ ନ୍ୟାୟ ମିଳିବା ଉଚିତ' ବୋଲି ଲେଖିଛନ୍ତି । ମୃତ୍ୟୁ ପରେ ତାଙ୍କ ପ୍ରାର୍ଥିବ ଶରୀରକୁ ପତ୍ନୀଙ୍କୁ ନଛୁଇବାକୁ ସେ କହିଛନ୍ତି । ତାଙ୍କୁ ନିର୍ଯାତନା ଦେଇଥିବା ପ୍ରତ୍ୟେକ ବ୍ୟକ୍ତି ଦଣ୍ଡ ନପାଇବା ପ୍ରଯ୍ୟନ୍ତ ଅସ୍ଥି ବିସର୍ଜନ ନକରିବାକୁ ସେ ପରିବାରବର୍ଗଙ୍କୁ ଅନୁରୋଧ କରିଛନ୍ତି । ସେ ଆହୁରି ମଧ କହିଛନ୍ତି ସବୁକିଛି ପ୍ରମାଣ ଥାଇ ଯଦି ଆମ ବ୍ୟବସ୍ଥା ତାଙ୍କୁ ନ୍ୟାୟ ଦେବାକୁ ଅସମର୍ଥ ହୁଏ ତେବେ ତାଙ୍କ ଅସ୍ଥିକୁ ଅଦାଲତ ବାହାରେ ଥିବା ନାଳରେ ଭାସାଇଦେବାକୁ ସେ ଅନୁରୋଧ କରିଛନ୍ତି । ଏହା ଅତ୍ୟନ୍ତ ଦୁର୍ଭାଗ୍ୟ ଓ ବିଡମ୍ବନାର ବିଷୟ ।

ନିଜ ଶେଷ ଭିଡିଓ ସନ୍ଦେଶରେ ନିଜର ଦୁଃଖଭରା ଜୀବନ ବୃତ୍ତାନ୍ତକୁ ବର୍ଣ୍ଣନା କରିଛନ୍ତି । ବିବାହର ଦୁଇ ବର୍ଷ ପରେ ତାଙ୍କ ପତ୍ନୀ ଦେଢ଼ବର୍ଷର ପୁଅ ସହ ଛାଡି ପଳାଇଥିଲେ । ବାହାରେ ରହି ସବୁବେଳେ ଟଙ୍କା ଦେବା ପାଇଁ କହି ଶୋଷଣ କରୁଥିଲେ । ପ୍ରତିମାସ ୪୦ହଜାର ଟଙ୍କା ଭରଣପୋଷଣ ପାଇଁ ନେଉଥିଲେ କିନ୍ତୁ ପିଲାପାଇଁ ଅଧିକ ଟଙ୍କା ଖର୍ଚ୍ଚ ହେଉଥିବା କହି ୨-୪ଲକ୍ଷ ଟଙ୍କା ଦାବି କରିଥିଲେ । କୋର୍ଟରେ ମାମଲା ଯାଇଥିଲା କିନ୍ତୁ ଜୌନପୁର ଫାମିଲି କୋର୍ଟର ଲେଡି ବିଚାରପତି ରିତା କୌଶିକ ମାମଲା ଦଫାରଫା ପାଇଁ ତାଙ୍କୁ ୫ଲକ୍ଷ ଟଙ୍କା ଲାଞ୍ଚ ମାଗିଥିଲେ ବୋଲି ଅତୁଲ କହିଛନ୍ତି ।

ଡ଼ିସେମ୍ବର ୯ତାରିଖରେ ଇଣ୍ଟରନେଟରେ ୮୦ମିନିଟର ଭିଡ଼ିଓ ସନ୍ଦେଶ ଜାରି କରି ଆତ୍ମହତ୍ୟାର କାରଣ ସହ ନିଜର ଶେଷ ଇଛା ଏବଂ ଆମ ଆଇନ ବ୍ୟବସ୍ଥାର ବିକଳ ଚିତ୍ରକୁ ଉପସ୍ଥାପନା କରିଥିଲେ ଓ ନିଜ ଜୀବନକୁ ଶେଷ କରିବା ହିଁ ଅନ୍ତିମ ବିକଳ୍ପ ବୋଲି କହିଥିଲେ । ସେ ଆହୁରି ମଧ କହିଛନ୍ତି ଷଡଯନ୍ତ୍ର କରି କିପରି ତାଙ୍କ ବିରୁଦ୍ଧରେ ୧୦ରୁ ଅଧିକ ମିଥ୍ୟା ମାମଲା କରାଯାଇଥିଲା । ଆମ ଭ୍ରଷ୍ଟ ନ୍ୟାୟ ବ୍ୟବସ୍ଥା ହିଁ ତାଙ୍କ ଆତ୍ମହତ୍ୟାର ପ୍ରମୁଖ କାରଣ । ଅତୁଲଙ୍କୁ ଆତ୍ମହତ୍ୟା କରିବା ପାଇଁ ତାଙ୍କ ପତ୍ନୀ ଓ ଶାଶୁ ଉଷୁକାଇଥିବା ତାଙ୍କ ଭିଡ଼ିଓ ସନ୍ଦେଶରେ ସେ ଉପସ୍ଥାପନା କରିଛନ୍ତି ।

ଫାମିଲି କୋର୍ଟକୁ ବାରମ୍ବାର ଦୌଡିଦୌଡି ସେ ନୟାନ୍ତ ହୋଇପଡିଥିଲେ । ନ୍ୟାୟ ବଦଳରେ କୋର୍ଟରୁ ମିଳିଥିଲା ପ୍ରତାରଣା ଏହାକୁ ସେ ନିଜର ଶେଷ ଭିଡ଼ିଓ ସନ୍ଦେଶରେ ବର୍ଣନା କରିଛନ୍ତି ।

ଏବେ ନିକଟରେ ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ବିଏଡ଼ ଦ୍ୱିତୀୟ ବର୍ଷ ଛାତ୍ରୀ ସୁଶ୍ରୀ ସୌମ୍ୟାଶ୍ରୀ ବିଶି ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମହତ୍ୟା ଉଦ୍ୟମ କରିବା ଏବଂ ଭୁବନେଶ୍ୱର ଏମ୍ସ ହସ୍ପିଟାଲରେ ଜୀବନ ମୃତ୍ୟୁ ସହ ସଂଗ୍ରାମ କରି ଶେଷରେ ଜୀବନ ଯୁଦ୍ଧ ଲଢେଇ ରେ ହାରିଯିବା ଘଟଣା ସାରା ଓଡିଶାବାସୀଙ୍କୁ ଗଭୀର ମର୍ମାହତ କରିଛି । ଏହି ଘଟଣା ଅତ୍ୟନ୍ତ ଦୁଃଖଦ ଏବଂ ହୃଦୟବିଦାରକ ଏହାକୁ ଶବ୍ଦରେ ପ୍ରକାଶ କରିବା ଅସମ୍ଭବ ।

ବିଏଡ଼ ଦ୍ୱିତୀୟ ବର୍ଷ ଛାତ୍ରୀ ସୁଶ୍ରୀ ସୌମ୍ୟାଶ୍ରୀ ଅଭିଯୋଗ ଅନୁସାରେ ସେହି ବିଭାଗର ମୁଖ୍ୟ ଅଧ୍ୟାପକ ତାଙ୍କୁ ବାରମ୍ବାର ମାନସିକ ନିର୍ଯାତନା ଦେଉଥିଲେ ଏବଂ ଶାରୀରିକ ସମ୍ପର୍କ ରଖିବା ପାଇଁ ତାଙ୍କ ଉପରେ ଚାପ ପକାଉଥିଲେ ଏହାସହିତ ସେମିଷ୍ଟାର ପରୀକ୍ଷାରେ ଫେଲ କରିଦେବେ ବୋଲି ବାରମ୍ବାର ଧମକ ଦେଉଥିଲେ । କିନ୍ତୁ ଅତ୍ୟନ୍ତ ଦୁଃଖ ଏବଂ ପରିତାପର ବିଷୟ ଏହିକି ତତ୍କାଳୀନ ଫକୀରମୋହନ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ଏହି ବିଷୟରେ ବାରମ୍ବାର ଅଭିଯୋଗ କରିଥିଲେ ମଧ ସେ ଜାଣିଶୁଣି କୌଣସି ପଦକ୍ଷେପ ଗ୍ରହଣ କରିନଥିଲେ ଏବଂ ଘଟଣାକୁ ଚାପିଦେବାକୁ ଉଦ୍ୟମ କରିଥିଲେ ଏବଂ ଅଭିଯୁକ୍ତ ମୁଖ୍ୟ ଅଧ୍ୟାପକଙ୍କୁ ଘଣ୍ଟଘୋଡାଉ ଥିଲେ । ଏଥିରେ ନିଶ୍ଚିତ ଭାବରେ ତାଙ୍କର ସମ୍ପୃକ୍ତି ରହିଛି ଏହାକୁ କେହି ଅସ୍ୱୀକାର କରିପାରିବେ ନାହିଁ ।

ସୌମ୍ୟାଶ୍ରୀ ଦୀର୍ଘ ଛଅ ମାସରୁ ଉର୍ଦ୍ଧ୍ୱ ସମୟ ମାନସିକ ଯନ୍ତ୍ରଣା ସହିଚାଲିଥିଲେ । ନିଜର ହୃଦୟର କୋହକୁ ଛାତି ତଳେ ଚାପି ରଖିଥିଲେ ନିଜର ବାପା,ମାଙ୍କ ପାଖରେ ମଧ ନିଜର ଦୁଃଖକୁ ପରିପ୍ରକାଶ କରିନଥିଲେ । ଫକୀରମୋହନ ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷ ତଳ ଠୁ ଉଚ୍ଚପଦସ୍ଥ ଅଧିକାରୀ ପ୍ରଯ୍ୟନ୍ତ ସମସ୍ତଙ୍କୁ ଗୁହାରି କରିଥିଲେ ଏବଂ ବାଲେଶ୍ୱର ସମସ୍ତ ଜନପ୍ରତିନିଧି ଯେପରିକି ସାଂସଦ, ବିଧାୟକ, ବିରୋଧୀ ଦଳର ନେତା, ମନ୍ତ୍ରୀଙ୍କୁ ଆକୁଳ ନିବେଦନ କରି ନ୍ୟାୟ ଭିକ୍ଷା କରିଥିଲେ । କିନ୍ତୁ କେହି ତାଙ୍କର ଗୁହାରି ଶୁଣିନଥିଲେ ସମସ୍ତେ କେବଳ ମିଛ ପ୍ରତିଶ୍ରୁତି, ମିଛ ଆଶ୍ୱାସନା ଦେଇଥିଲେ । ଏପରିକି ଯେଉଁଦିନ ସୁଶ୍ରୀ ସୌମ୍ୟାଶ୍ରୀ ଆତ୍ମାହୂତି ଉଦ୍ୟମ କରିଥିଲେ ସେହିଦିନ ସେହିସମୟରେ ଥିବା ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ସାକ୍ଷାତ କରି ନ୍ୟାୟ ଭିକ୍ଷା କରିଥିଲେ କିନ୍ତୁ ସେ ନିରାଶ କରିଥିଲେ । କିଛିଦିନ ପୂର୍ବରୁ ସାମାଜିକ ଗଣମାଧ୍ୟମ ଏକ୍ସରେ ସୌମ୍ୟାଶ୍ରୀ ନିଜ ସହିତ ହୋଇଥିବା ଅତ୍ୟାଚାର, ଅନ୍ୟାୟ ପରିପ୍ରକାଶ କରିଥିଲେ ଏବଂ ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ଠାରୁ ଆରମ୍ଭ କରି ସମସ୍ତ ନେତା,ମନ୍ତ୍ରୀ, ବିଧାୟକ, ସାଂସଦ, ବିରୋଧୀ ଦଳ ନେତା ପ୍ରଯ୍ୟନ୍ତ ସମସ୍ତଙ୍କୁ ନ୍ୟାୟ ପାଇଁ ଆକୁଳ ନିବେଦନ କରିଥିଲେ । ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏହିକି କେହି ତାଙ୍କର ଗୁହାରି ଶୁଣିନଥିଲେ ।

ସୌମ୍ୟାଶ୍ରୀ ବଞ୍ଚିଥିବା ସମୟରେ ସବୁ ଜାଣି ମଧ ଆଗ ଧାଡ଼ିର ବଡ଼ ପ୍ରିଣ୍ଟ ମିଡ଼ିଆ, ନିଉଜ ଚାଁନେଲ, କେହି କିଛି ଭି ମୁହଁ ଖୋଲୁ ନଥିଲେ, ନେତା, ମନ୍ତ୍ରୀ, ଅଫିସର, ସମାଜସେବୀ, ବିରୋଧୀ ଦଳର ନେତା ସମସ୍ତେ ଯେପରି ଅନ୍ଧ, ମୁକ, ବଧିର ପାଲଟି ଯାଇଥିଲେ । ଜଣେ ନିରୀହ ଝିଅର ଜୀବନ ଦୀପ ଲିଭିଗଲା ପରେ ଏବେ ଛୋଟରୁ ବଡ଼ ପ୍ରଯ୍ୟନ୍ତ ସବୁ ନିଉଜ ଚାଁନେଲ, ଖବରକାଗଜ, ନେତା, ମନ୍ତ୍ରୀ, ସମାଜସେବୀ, ବିରୋଧୀ ଦଳ ଚିତ୍କାର କରୁଛନ୍ତି କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି ଯେଉଁ ଲୋତକର ଅଶ୍ରୁ ଝରାଉଛନ୍ତି ଏଇ ସବୁ ପ୍ରହସନ କହିଲେ ଅତ୍ୟୁକ୍ତି ହେବନାହିଁ । ସମସ୍ତେ ଏବେ ଲୋତକର ବନ୍ୟା କରୁଛନ୍ତି କିନ୍ତୁ କାହାରି ଆଖିରେ ଲୁହ ନାହିଁ । ନ୍ୟାୟର ସବୁ ରାସ୍ତା ଯେପରି ସୌମ୍ୟାଶ୍ରୀଙ୍କ ପାଇଁ ବନ୍ଦ ହୋଇଯାଇଥିଲା । ଉଚ୍ଚପଦସ୍ଥ ପୋଲିସ ଅଧିକାରୀଙ୍କ ଠାରୁ ଆରମ୍ଭ କରି, ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ, ଜାତୀୟମହିଳା କମିଶନ, ରାଷ୍ଟ୍ରପତି, ରାଜ୍ୟପାଳ ସମସ୍ତଙ୍କୁ ସାମାଜିକ ଗଣମାଧ୍ୟମ ଏକ୍ସ ରେ ଲିଖିତ ଭାବେ ଗୁହାରି କଲାପରେ ସୌମ୍ୟାଶ୍ରୀ ନିରାଶ ହୋଇଥିଲେ । ସମସ୍ତେ ନିରବଦ୍ରଷ୍ଟା ସାଜିଥିଲେ । ସବୁଆଡୁ ନିରାଶ ହେଲା ପରେ ସୌମ୍ୟାଶ୍ରୀ ଅସହାୟ ହୋଇପଡ଼ିଥିଲେ । ଶେଷରେ ସେ ନିଜ ଜୀବନକୁ ତୁଚ୍ଛ କରି ଆତ୍ମହୁତି ପରି ଚରମ ନିଷ୍ପତ୍ତି ନେଇଥିଲେ । ନିରବ ମୁକ ବଧିର ପ୍ରଶାସନର ଭ୍ରଷ୍ଟ ବ୍ୟବସ୍ଥା ପାଇଁ ବଳି ପଡିଲେ ବାଲେଶ୍ୱରର ଲଢୁଆ ସାହସୀ ଝିଅ ସୌମ୍ୟାଶ୍ରୀ ।

**ଗୋପାଳପୁର, ବାଲେଶ୍ୱର**
**ଦୂରଭାଷ : ୭୦୨୦୬୧୧୩୦୦**

ଧାରାବାହିକ ଉପନ୍ୟାସ

# ମହାନାୟକ



## କ୍ଷୀରୋଦ ଦାସ

ସମକାଳୀନ ଓଡ଼ିଆ କଥା ସାହିତ୍ୟର ଏକ ଦମ୍‌ଦାର ସ୍ୱର କ୍ଷୀରୋଦ ଦାସ। କେତେବେଳେ ସୁଦୂର ଅତୀତର ଅଭୁଲା ସ୍ମୃତି ତ କେତେବେଳେ ଆମ ସମୟର ଯନ୍ତ୍ରଣା, ଜଞ୍ଜାଳ, ସଂପର୍କ ଓ ସଂଘାତିକୁ ନିଜ କାହାଣୀ ତଥା ଉପନ୍ୟାସରେ ବିଶ୍ୱସ୍ତ ଭାବେ ପରଷି ଦେବାରେ ସେ ସିଦ୍ଧହସ୍ତ। ତାଙ୍କ କାହାଣୀ ଭିତରେ କେଉଁ କଳ୍ପଲୋକର ରୂପକଥା ନଥାଏ, ଥାଏ ଆମ ଆଖପାଖର ଚିତ୍ର, ଥାଆନ୍ତି ଆମ ଆଖପାଖର ମଣିଷମାନେ। ଓଡ଼ିଆ ଘରର ରୀତିନୀତି, ହାନିଲାଭ, ପ୍ରେମ ପ୍ରଣୟ, ସୁଖଦୁଃଖକୁ ବେଶ୍ ରୁଚିପୂର୍ଣ୍ଣ ଢଙ୍ଗରେ ଉପସ୍ଥାପିତ କରିବାରେ ସେ ଅନେକ ସଫଳତାର ଅଧିକାରୀ।

ଭାଗ-୧୮

*(ପୂର୍ବପ୍ରକାଶ ଉତ୍ତାରୁ)*

କଟକ ଆଖଡା ଘରେ ପହଞ୍ଚି ପହଞ୍ଚି ସେ ଚିତ୍କାର କଲେ -

"ହଇରେ ଶଳା, ଘନିଆ, କଣ ତୁ କଲୁ ଆଜି। ମୋ ଯାତ୍ରାପାର୍ଟିର ଇଜ୍ଜତ ମହତ ସବୁ ମାଟିରେ ମିଶେଇ ଦେଲୁ। ଶଳା ମାଗିଖିଆ, ମୁଁ ଶଳା କୋଉ ଯୋଗରେ ତୋତେ ଆଣି ପାର୍ଟିରେ ମିଶାଇଥିଲି କେଜାଣି! ଇରେ ବେହିପୁଅ, ତୋ' ମୁଣ୍ଡରେ କି ଭୂତ ସବାର ହେଉଚି କିରେ? ତୁ ଶଳା ଏବେ, ଏଇଠୁ ବାହାରେ। ମୋର ଦରକାର ନାଇଁ ତୋ ପରି ବାଳ କଳାକାର। ଯା, ପଳା ଏଠାରୁ ଶଳା ପାଦଚଟା କୁକୁର ... ବାହାର୍ ଏଠୁ ...

ପାହାଡ ପରି ନିରବ ଥିଲେ ଘନଦାଦା। ଏପରିକି ନାକ କାନରୁ ବୋହିପଡୁଥିବା ରକ୍ତ ପୋଛିବାକୁ ବି ତତ୍ପର ହେଉନଥିଲେ। ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ, ଏପରିକି ନିଜର ପୋଷାକପତ୍ର ନେବାକୁ ବି ଘର ଭିତରକୁ ଗଲେ ନାହିଁ। ଚୁପ୍‌ଚାପ୍ ଉଠି ଠିଆ ହେଲେ ଏବଂ ପାଦ ବଢ଼ାଇଲେ ରାସ୍ତା ଆଡକୁ। ସେଠୁ ତାଙ୍କ ନାକ ଯୁଆଡେ, ସେ ଆଡକୁ।

ଅନ୍ଧାର ତଥାପି ନେସି ହୋଇ ରହିଥିଲା ପୃଥିବୀ ଦେହରେ।

ରାଶି ରାଶି ମେହନତିର, ଶ୍ରଦ୍ଧାର, ପ୍ରେମର ଭିତ୍ତିଭୂମି ଉପରେ ପ୍ରତିଷ୍ଠା କରାଯାଇଥିବା ଜୀବନର କମନୀୟ ଇମାରତଟି କେଡେ ସହସା, କେଡେ ଆକସ୍ମିକ ଭାବେ ତାସ ଘର ଭଳି ଭୁଷୁଡି ପଡେ ସତେ! ଜୀବନର ମଧୁର ସଙ୍ଗୀତ କେଉଁ ଛଟକରେ ରୂପାନ୍ତରିତ ହୋଇଯାଏ ନିର୍ଯ୍ୟାତିତ ଯନ୍ତ୍ରଣାର ଚିତ୍କାରରେ। ବଞ୍ଚିବା, ପ୍ରେମ କରିବା, ସଂସାର କରିବା ଏବଂ ସେଇ ଅନନ୍ୟ ଶିହରଣରେ ରୋମାଞ୍ଚିତ ହେଇ ଜୀବନ ପାଇଁ ନାନା ନବୀକରଣର ସ୍ୱପ୍ନ ଦେଖି ଆସୁଥିବା ମଣିଷଟି କେଡେ ଅସହାୟ, କେତେ କବଳିତ, କେତେ ନିଃସ୍ୱ ସତେ!!

ଅନ୍ଧାର ଭିତରେ ଲେସି ହୋଇଯାଇ ଘନଦାଦା ଚାଲିଥିଲା ଆଗକୁ ଆଗକୁ। ସେତେବେଳେ କ'ର ଭାବୁଥିଲେ ସେ? ଭାବୁଥିଲେ କି 'ରଙ୍ଗ-ମହଲ' ଯାତ୍ରା ପାର୍ଟି ତାଙ୍କୁ ଦେଇଥିବା ଅନ୍ନ-ସଂସ୍ଥାନ ଆଉ ଆତ୍ମ ପରିଚୟର କଥା। ଭାବୁଥିଲେ କି ତାଙ୍କ ସହିତ ଶହଶହ ଥର ପେଣ୍ଡାଲ ଉପରେ ରୋମାଣ୍ଟିକ୍ ଦୃଶ୍ୟ କରିଥିବା ମେଘନାର ବେକକୁ ଚିପି ଧରିଥିବାର ସେଇ ଦୁର୍ବଳ ମୁହୂର୍ତ୍ତରେ କଥା! ନା ତାଙ୍କ ଜୀବନର, ଯୌବନର ଅଲିଅଳ ମୁହୂର୍ତ୍ତମାନଙ୍କୁ ବିଭୋରତାର ନିବିଡି ଆଲିଙ୍ଗନ ଭିତରେ ବନ୍ଦୀକରି ରଖି ଶେଷରେ ତାଙ୍କୁ ନର୍କ ଭିତରକୁ ଫୋପାଡି ଦେଇଥିବା ମାନୀଖୁଡି କଥା!!

ରାତି ପାହିଲାବେଳକୁ ସେ କେଉଁଠି ପହଞ୍ଚିଥିଲେ ସେକଥା ତାଙ୍କୁ ଜଣା ନଥିଲା। ତାଙ୍କ ଧୂଳିଧୂସରିତ ଚିରାଫଟା ପୋଷାକ, ବିପର୍ଯ୍ୟସ୍ତ



ଚେହେରା ଦେଖି ତାଙ୍କୁ ଅନ୍ୟ ଗ୍ରହର ପ୍ରାଣୀଟିଏ ଭାବି ଦୁଇ ଚାରିଟା ବୁଲା କୁକୁର ଭୁକି ଭୁକି ମାଡି ଆସିଲେ ତାଙ୍କ ଆଡ଼କୁ। ଆତ୍ମରକ୍ଷା କରିବାର ସାମାନ୍ୟତମ ଚେଷ୍ଟା ନକରି ଘନଦାଦା ପାଦ ଘୋଷାରି ଘୋଷାରି ଚାଲିଥିଲେ ଆଗକୁ ଆଗକୁ, ସତେକି ଦିଗ୍‌ବଳୟ ହିଁ ତାଙ୍କର ଗନ୍ତବ୍ୟବସ୍ଥଳ!!

ଆଗରେ ଗୋଟିଏ ପୋଖରୀ। ଘନଦାଦା ଓହ୍ଲାଇଲେ ସେଇ ଆଡେ। ତାଙ୍କୁ ପ୍ରଚୁର ଶୋଷ। ଆଞ୍ଜୁଳା ଆଞ୍ଜୁଳା ପାଣି ସେ ଟେକିନେଲେ ପାଟି ପାଖକୁ। ସତେ କି ପୋଖରୀର ସବୁତକ ପାଣି ନିଅଣ୍ଟ ପଡିଯିବ ତାଙ୍କ ଶୋଷ ମେଣ୍ଟାଇବା ପାଇଁ! କେଇଜଣ ଗାଁ' ସ୍ତ୍ରୀଲୋକ ପୋଖରୀ ତୁଠରେ ଗାଧାଉଥିଲେ। ଘନଦାଦା ଅନେଇଲେ ସେଇଆଡେ। ତାଙ୍କ ଆଖିକୁ ଭାରି ଅଶ୍ଳୀଳ ଲାଗିଲା ସେଇ ଦୃଶ୍ୟ। ଇସ୍ କି ବୀଭତ୍ସ ଅଶ୍ଳୀଳତା!

ନାରୀ ସୁନ୍ଦର ଦିଶେ ତା'ର ଆଭୂଷଣ ଯୋଗୁଁ। ବିବସନା ହେଲେ ତାହା ଅନ୍ୟର ଆଖିକୁ, ମନକୁ ଆତ୍ମାକୁ କଳୁଷିତ ହିଁ କରିନିଏ। ମଣିଷ ଭିତରୁ ଦେବତ୍ୱକୁ ବିତାଡିତ କରି ଅସୁରକୁ ଆସୀନ କରିଦିଏ।

ସେଇ ଆସୁରିକ ପ୍ରବୃତ୍ତି ସହସା ଜାଗିଉଠିଲା ଘନଦାଦାଙ୍କ ମନ ଭିତରେ। ତାଙ୍କ ଆଖି ଆଗରେ ଏବେ ରାଶି ରାଶି ଅଶ୍ଳୀଳ ଦୃଶ୍ୟ। ସାରା ଦୁନିଆକୁ, ଦୁନିଆର ସବୁ ପ୍ରେମ, ସବୁ ସୌନ୍ଦର୍ଯ୍ୟକୁ କଦାକାର କରିପକାଉଥିବା ଏକ ଆଦିମ ଖେଳ। ଏତେ ନିର୍ଲ୍ଲଜ, ଏତେ ଜଘନ୍ୟ, ଏତେ ହୃଦୟହୀନ କାମ ଆଉ କ'ଣ ଥାଇପାରେ।

ଘନଦାଦାଙ୍କ ଭିତରେ କିଛି ଗୋଟାଏ ହେଉଥିଲା। ଭିତରେ କିଛି ଗୋଟାଏ ଫୁଟୁଥିଲା ଟକମକ ହୋଇ। ତାଙ୍କ ମନ ଓ ଶରୀର ଘୋଷଣା କରୁଥିଲା ଏକ ପ୍ରତିବାଦ। ଟାଣ ହୋଇଗଲା ହାତମୁଠା। ଶିରାସବୁ ଟଣ୍‌ଟଣ ହୋଇ ଶକ୍ତ ହୋଇଯାଉଥିଲେ। ଏପରି ଆଦିମତାକୁ ଏ ସଂସାରରୁ ଲୋପ କରିଦେବା ପାଇଁ ହଠାତ୍ ସେ ଧସେଇ ଗଲେ ପୋଖରୀ ଭିତରେ ଗାଧୋଉଥିବା ନାରୀମାନଙ୍କ ଆଡକୁ।

ପରକ୍ଷଣରେ ଦେଖାଗଲା ଭୟରେ ଲଙ୍ଗଳା ମୁକୁଳା ହେଇ ପାଣି ଭିତରୁ ଉଠି ଧାଇଁ ପକାଇବାକୁ ବାଟ ପାଇଲେନି ସ୍ତ୍ରୀ ଲୋକମାନେ। ସେମାନଙ୍କ ଭିତରୁ ଜଣକର ବେକ ରହିଗଲା ଘନଦାଦାଙ୍କ ଶକ୍ତ ପଂଝା ଭିତରେ।

ଭୟରେ ହାଉଳି ଖାଇ ସ୍ତ୍ରୀଲୋକମାନେ ଡାକ ପକାଇଲେ ଆଖ ପାଖରେ ନିତ୍ୟକର୍ମ ସାରିବାକୁ ଆସିଥିବା ପୁରୁଷ ଲୋକମାନଙ୍କୁ। ଚାରି ପାଞ୍ଚଜଣ ଯୁବକ ଫକ୍‌ଫାକ୍ ଡେଇଁଲେ ପାଣି ଭିତରକୁ। ଘନଦାଦାଙ୍କ ପଂଝା ଭିତରୁ ସ୍ତ୍ରୀ ଲୋକଜଣଙ୍କୁ ବଞ୍ଚାଇବାକୁ ନୟାନ୍ତ ହେବାକୁ ପଡିଥିଲା ଯୁବକମାନଙ୍କୁ।

*(କ୍ରମଶଃ)*

---

## କିଶୋର କବିତା



## ଅଲିଭା 'ସୌମ୍ୟାଶ୍ରୀ'

### ପ୍ରମୋଦ ଚନ୍ଦ୍ର ଛତ୍ରିଆ

ତୁମ ଜୀବନ ଦୀପକୁ
ଏମାନେ ସମସ୍ତେ ମିଶି
ଲିଭେଇ ଦେଲେ ସୌମ୍ୟାଶ୍ରୀ
ହେଲେ ତୁମେ ତ
ଚିରଦିନ ପାଇଁ ଅଲିଭା।

ତୁମ ସାହସକୁ
ଏମାନେ ସମସ୍ତେ ମିଶି
କବର ଦେଇଦେଲେ ସୌମ୍ୟାଶ୍ରୀ
ହେଲେ ତୁମ ସାହସ ତ
ସବୁଦିନ ପାଇଁ ଦୀପ୍ତଜ୍ୟୋତି।

ତୁମ ତ୍ୟାଗକୁ
ଏମାନେ ସମସ୍ତେ ମିଶି
ଅଣଦେଖା କଲେ ସୌମ୍ୟାଶ୍ରୀ
ହେଲେ ତୁମ ତ୍ୟାଗ ତ
ସବୁଦିନ ପାଇଁ ଅବର୍ଣ୍ଣନୀୟ।

ତୁମ ପ୍ରୟାସକୁ
ଏମାନେ ସମସ୍ତେ ମିଶି
ହତ୍ୟା କଲେ ସୌମ୍ୟାଶ୍ରୀ
ହେଲେ ତୁମ ପ୍ରୟାସ ତ
ସଦାବେଳେ ପ୍ରଶଂସନୀୟ।

ତୁମେ ଅନ୍ୟାୟର
ପର୍ଦାଫାଶ କରିବା ପାଇଁ
କଣ କରି ନ ଥିଲ?
କଣ କହି ନ ଥିଲ?
କଲେଜ ଅଧିକାରୀଙ୍କ ଠୁ
ନେତା ମନ୍ତ୍ରୀ, ପ୍ରଶାସନକୁ
ଅଭିଯୋଗ କରି କରି
ଶେଷରେ ନିରୁତ୍ସାହିତ ହୋଇଯାଇଥିଲ।

ହେଲେ ଏମାନଙ୍କ ମାନବିକତା ତ
କେବେଠୁ ମରିସାରି ଥିଲା,
ଏମାନଙ୍କ ଦାୟିତ୍ୱ ତ
କେବେଠୁ ହଜି ଯାଇଥିଲା
ବରଂ ଏମାନେ ଭସ୍ମାସୁର ପାଲଟି
ଦୋଷୀକୁ ଘଷ୍ଟ ଘୋଡ଼େଇବା
ଭିତରେ ହଜେଇ ସାରିଥିଲେ ନିଜକୁ।

ସତରେ,
ଏମାନେ ସମସ୍ତେ
ଜାଣିଶୁଣି ତୁମକୁ ହତ୍ୟାକଲେ ସୌମ୍ୟାଶ୍ରୀ
ଏମାନେ ଜାଣିଶୁଣି ତୁମକୁ ହତ୍ୟାକଲେ।

*ଜୁନାଗଡ଼, କଳାହାଣ୍ଡି*
*ଦୂରଭାଷ : ୯୮୫୩୨୨୨୪୪୦*

## ଗପସପ

### ନିରଞ୍ଜନ ସାହୁ



ଆଗ ଭଳି ଆଉ ସମୟ ମିଳେନି
କରିବାକୁ ଗପସପ
କର୍ମ ଜଞ୍ଜାଳରେ ଛଟପଟ ହୋଇ
ଭୁଲିଲିଣି ନାମ ଜପ।

ପିଲାବେଳେ ସିନା ସାଙ୍ଗସାଥି ମେଳେ
ଦିନ ଯାଉଥିଲା ଗପି
ପାଠପଢା କଥା ଭୁଲି ଯାଉଥିଲି
ବିଦ୍ୟାଳୟ ପଛେ ଛପି
ଗୁରୁଜୀ ଦେଖିଲେ ପିଟି ଯାଉଥିଲେ
ଲୁହ ଝରେ ଥପଥପ।

ମହାବିଦ୍ୟାଳୟ ପାଠପଢ଼ା ବେଳେ
ନୁଆନୂଆ ପ୍ରେମ କରି
ପ୍ରେମିକା ସାଥିରେ ଗପ ଚାଲୁଥିଲା
ଘଣ୍ଟା ଘଣ୍ଟା ବେଳ ଧରି

ବର୍ଷାରେ ରାସ୍ତାରେ ଗପି ଚାଲୁଥିଲି
ବର୍ଷା ପଡ଼େ ଟପଟପ।

ଆଜିକାଲି ଆଉ କାହା ସହିତରେ
ଗପିବାକୁ ଇଚ୍ଛା ନାହିଁ
ମନ ଖୋଜୁଥାଏ ନିରୋଳା ସମୟ
ମିଳୁଛି କେଉଁଠି କାହିଁ
ଭାବୁଛି ଏକାନ୍ତେ ବସିକି ଟିକିଏ
କରନ୍ତି ତ ମୁହିଁ ତପ।

*ନିହଲ ପ୍ରସାଦ, ଗଁଦିଆ ପାଟଣା*
*ଢେଙ୍କାନାଳ, ୭୫୯୦୧୬*
*ଦୂରଭାଷ : ୯୯୩୮୭୪୧୫୮୩*

## ପିଲାଙ୍କ ଦୁନିଆ

## ହେ କରୁଣା ସାଗର

### କୁମୁଦିନୀ ଘି



କାନ୍ତାର ଶ୍ରୀକ୍ଷେତ୍ରରୁ ଶୀରୀକ୍ଷେତର
କହ ହେ ମହାପ୍ରଭୁ
କେତେ ଯେ ଦୂର,
ନିୟମଗିରି ଡେଇଁ ପାରିବି ଯାଇ
ଅଠର ନଳା ଛୁଇଁ
ନୀଳ କନ୍ଦର।

ଶ୍ରୀ ନନ୍ଦିଘୋଷ ଆଉ ତାଳଧ୍ୱଜରେ
ଦେବଦଳନେ ବସି
କେତେ ସଜରେ,
ଆସୁଛି ରଥଯାତ ହେ ଜଗନ୍ନାଥ
ଭାଇ ଭଉଣୀ ଯିବ
ଗୁଣ୍ଡିଚା ଘର।

ବରଷକେ ଥରୁଟେ ଭକତ ଚାହିଁ
ଶ୍ରୀମନ୍ଦିରୁ ଆସୁଛ
ଦର୍ଶନ ଦେଇ,
ପତିତ ଜନପାଇଁ ହେଉଛି ଭିଡ଼
ନାହିଁ ଭେଦ ବିଚାର
ସାନ କି ବଡ।

ହିନ୍ଦୁ ମୁସଲମାନ ଶିଖ ଜଇନ
ବୌଦ୍ଧ ଖ୍ରୀଷ୍ଟିୟାନ
ତୁମ ସନ୍ତାନ,
ଆଶା କୁମୁଦିନୀର ବୟସ ତେର
ହେ କରୁଣା ସାଗର
କରୁଣା କର।

*ଅଷ୍ଟମ ଶ୍ରେଣୀ*
*ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର*
*ଜୁନାଗଡ, କଳାହାଣ୍ଡି*
*ଦୂରଭାଷ : ୯୩୪୮୬୫୩୫୮୯*

## ସ୍ୱପ୍ନର ସମ୍ଭାର ମୌସୁମୀ

### ଅନସୂୟା ପଣ୍ଡା



ମୌସୁମୀ ଆଲିଙ୍ଗନରେ
ମାଟି ଯେତିକି ମହକୁଛି ଅନୁରକ୍ତିରେ
ମନ ସେତିକି ବିଲୋଳ ଆର୍ଦ୍ର
ପ୍ରଶାନ୍ତିର ରମଣୀୟ ଆବେଗରେ।

ବର୍ଷାର ନିକ୍ୱଣ ନୂପୁରର ଛନ୍ଦେ
ସୁରୁଚି ସଙ୍ଗୀତଟେ ହୋଇ
ଇନ୍ଦ୍ରଧନୁର ସୁନ୍ଦର ବର୍ଣ୍ଣାଳୀରେ
ସବୁଜ ସ୍ୱପ୍ନ କିଛି ଆପଣେଇ
ପାଲଟେ ଜୀବନ ଜୀବିକାର ମହାଉତ୍ସ।

ନୀରବତା ଭାଙ୍ଗି ବର୍ଷା ଯେବେ ନାଚେ
ସମୟର ପଛକୁ ପଛକୁ
ମନ ମୌଷ୍ୟରେ ଖାଲି ଘୁଞ୍ଚେ
ଅବଲଗ୍ନ ପିଲାବେଳ ସ୍ମୃତି ଚହଲିଯାଏ
ନିଷ୍ପ୍ରାଣ କାଗଜ ଡଙ୍ଗାରେ ମୋର।

କୈଶୋରରେ ଭିଜିବାର ମଜାରେ
ମୌସୁମୀ ବର୍ଷା ସହ ଏକାକାର
ଯୌବନ ବାରିଦକୁ ଦେଖିଲେ
ପରସ୍ତ ପରସ୍ତ ସ୍ୱପ୍ନର ସଂଭାର
ପଶିଆସେ ରାତି ତମାମ ଭାବନାରେ
ତିଆରେ ସ୍ନିଗ୍ଧପଣେ କଳ୍ପନାର ନଅର।

ବର୍ଷାକୁ ଭୋଗୁ ଭୋଗୁ
କେବେ ବୋହିଆସେ
ଅଣାୟତ୍ତ ବର୍ଷା ଅଭୂଲା କୋହର
ସ୍ମୃତିର କଣ୍ଟି ତଳେ
ପୋତି ହୋଇଥିବା ଭାବ ପ୍ରବଣତା।

ତୃଷାର୍ତ୍ତ ନୟନରେ ଚାହେଁ ବାରମ୍ବାର
କହେ ଆସ ଜିଇଁବା ପୂର୍ଣ୍ଣତାରେ
ଶଦାୟିତ ମୌସୁମୀ ବର୍ଷାରେ
ସେଇ ଛୋଟ ବେଳ ଅବୋଧ ଭାବର।

*ବୁର୍ଲା, ସମ୍ବଲପୁର*
*ଦୂରଭାଷ : ୯୪୩୯୨୧୧୯୭୧*

## ଭାବରେ ବନ୍ଧା ସେ

### କବିତା ମହାନ୍ତି





*(ପୂର୍ବପ୍ରକାଶ ଉତ୍ତାରୁ)*

ଏମିତି କଥା କହି ପୁଅ ତା ନିଜ ଆଡୁ କହିଲା ' ମାମା କାଲି ରଥ ଯାତ୍ରା , ମୁଁ ଅଫିସ୍ ରୁ ଗାଡି ପଠାଇବି ତମେ ଯାଇ ଦର୍ଶନ କରି ଆସ।' ମୁଁ ଭିତରେ ବହୁତ୍ ଖୁସି ହୋଇ ଗଲି । କଣ ପ୍ରଭୁ ଙ୍କ ଲୀଳା ! ସବୁ ବ୍ୟବସ୍ଥା ସେ କରି ଦେଉଛନ୍ତି । ୨୭ ତାରିଖ ରଥ ଯାତ୍ରା ଦିନ ତିନିଟା ବେଳକୁ ଗାଡ଼ି ପହଞ୍ଚିଲା। ଗାଡି ଚଳାଉ ଥିବା ପିଲାଟି ମଧ ଓଡ଼ିଆ । ସେ କେବେ ମୂର୍ତ୍ତି ନଗର ଜଗନ୍ନାଥ ମନ୍ଦିର ଦେଖି ନଥାଏ। ଯାହା ହେଉ ପିଲାଟି ମୋତେ ନେଇ ମନ୍ଦିର ପାଖରେ ପହଞ୍ଚାଇ ଦେଲା । ଛୋଟ ରଥ ଟିଏ ରାସ୍ତା ପାଖକୁ ଠିଆ ହୋଇଛି । ଭିତରେ ଜଗନ୍ନାଥ ବଳଭଦ୍ର ସୁଭଦ୍ରାଙ୍କର ସୁନ୍ଦର୍ ମୂର୍ତ୍ତି। ଆଖି ଲାଖି ରହି ଯାଉ ଥାଏ । ମହାପ୍ରଭୁ ଶ୍ରୀ ଜଗନ୍ନାଥ ଙ୍କ ଡୋରି ରେ ସବୁ ଓଡ଼ିଆ ବାନ୍ଧି ହୋଇ ଏକାଠି ହୋଇ ଛନ୍ତି । ଜଣେ ଭଦ୍ର ମହିଳା ମୋତେ ଚନ୍ଦନ ଟିକା ଲଗାଇ ଦେଲେ । ମୁଁ ଓଡ଼ିଆରେ କଥା ହେଲି । ସମସ୍ତେ ଭାରି ଖୁସି ହୋଇଗଲେ। ସମସ୍ତେ କିଛି ନା କିଛି କାମରେ ଲାଗିଛନ୍ତି । ରଥ ସଜ ହେଉଛି। ପୂଜା ହୋମ ସରିଛି । ମନ୍ଦିର ପଛ ପାଖକୁ ଡାଲମା ଖିରି ପ୍ରସାଦ ରୋଷେଇ ଚାଲିଛି । ଲାଗୁଥାଏ, ସତେ ଯେମିତି ସେମାନଙ୍କର ଗୋଟିଏ ପରିଚୟ । ସେଇ କାଳିଆ ସାଆନ୍ତ। ରଥ ପାଇଁ ଦୁଇଟି ଘୋଡ଼ା କଳା ଓ ଧଳା କପଡା ରେ ଗୁଡ଼ାଇ ଦୁଇଟି ଲୋକ ସିଲେଇ କରିବାକୁ ଚେଷ୍ଟା କରୁ ଛନ୍ତି । ଠାକୁର ଙ୍କୁ ଦଣ୍ଡବତ ହୋଇ ମୁଁ ସେଇ ପାଖକୁ ଲାଗି ଛିଡା ହୋଇ ଥାଏ। ଆମ ଓଡ଼ିଆନା ଭାବ, ଉତ୍ସାହ କୁ ନିରେଖି ଦେଖୁଥାଏ। ଘୋଡା ର କପଡା ସଜ କରିବା ଲୋକ ଦୁଇ ଜଣ ଛୁଞ୍ଚି ସୂତା ଧରି ଏପଟ ସେପଟ ହେଉଥାନ୍ତି। ଠିକ୍‌ରେ ସିଲେଇ କରି ପାରୁ ନଥାନ୍ତି। ମୋ ମନ ଆଉ ସମ୍ଭାଳି ହେଲାନି, ଅନୁରୋଧ କରି କହିଲି ' ମୋତେ ଦିଅନ୍ତୁ, ମୁଁ ସିଲେଇ କରିଦେବି' ! ଯେମିତି ଅପେକ୍ଷା କଲା ଭଳି ସେ ମୋତେ ଛୁଞ୍ଚି ସୂତା ଧରାଇ ଦେଲେ। ମୁଁ ଦୁଇ ଘୋଡ଼ାଙ୍କୁ ଜରି କପଡା ପକାଇ ସିଲେଇ କରି ସଜ କରିଦେଲି। ରଥ ପ୍ରସ୍ତୁତ ହେଲା। ଅଫିସ୍ ଗାଡ଼ିରେ ଆସିଥିବା ପିଲାଟି ମୋତେ ଛାଡ଼ି ପୁଣି ଫେରିବ। ମୋତେ ସେଠି ଅନୁରୋଧ କରୁଥଲେ ରାତିରେ ପ୍ରାସାଦ ପାଇବାକୁ ,ରଥ ଟାଣିବାକୁ। କିନ୍ତୁ ମୁଁ ରହି ପାରିଲିନି। ଖାଲି ଏତିକି ପଚାରିଥିଲି ରଥ କେଉଁଠି କି ଯିବ। ଉତ୍ତରରେ ସେ ଭଦ୍ର ମହିଳା କହିଲେ ଯେ ମୂର୍ତ୍ତି ନଗର ମନ୍ଦିର ପାଖରୁ ରଥ ଯାଇ କିଛି ଆଗରେ ଥିବା ପୁରୁଣା ମନ୍ଦିର ରୁ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କୁ ନେଇ ସେଠିକି ଫେରିବ। ଠାକୁର ବସିଥିବା ପଛ ପାଖକୁ ଗୁଣ୍ଡିଚା ମନ୍ଦିର ବୋଲି ସେମାନେ ଠିକଣା କରିଛନ୍ତି। ସେଇଠି ବାହୁଡ଼ା ପର୍ଯ୍ୟନ୍ତ ପ୍ରଭୁ ରହିବେ। ସବୁ ଦିନେ ଭଜନ କୀର୍ତ୍ତନ, ପ୍ରସାଦ ଚାଲିବ। ମୋତେ ପୁଣି ଥରେ ଆସିବାକୁ ସେ ଅନୁରୋଧ କଲେ। ସନ୍ଧ୍ୟା ହେଇ ଆସୁଥିଲା। ରଥକୁ ଚାହିଁ ଚାହିଁ ମୁଁ ଘର କୁ ଫେରିଲି। କଳା ଧଳା ଘୋଡ଼ା ଙ୍କୁ ସଜାଇ ବାର ସେବା ଟିକକ ମିଳି ଥିବାରୁ ନିଜକୁ କୃତ୍ୟ କୃତ୍ୟ ମନେ କରୁଥିଲି।

ପୁଣି ବାହୁଡ଼ା ଦିନ ଆସିଲା। ମୁଁ କିଛି କହିବା ଆଗରୁ ପୁଅ କହିଲା ' ଗାଡ଼ି ପଠାଇବି, ମାମା ତୁମେ ଯାଇ ଦର୍ଶନ କରି ଆସ' ! ପୁଣି ଖୁସି ହୋଇ ଗଲି। ବାହୁଡ଼ା ଦିନ ଓପର ବେଳା କୀର୍ତ୍ତି ନଗର ମନ୍ଦିର ରେ ପହଞ୍ଚିଲି।

ସତେ ଯେମତି ସେମାନେ ମୋତେ ଆଗରୁ ଚିହ୍ନିଛନ୍ତି। କି ଆଦରରେ ପାଛୋଟି ନେଲେ। ଠାକୁରଙ୍କ ପ୍ରସାଦ ତୁଳସୀ ହାତକୁ ଦେଇ ସେଇ ଭଦ୍ର ମହିଳା ମନ୍ଦିର ତିଆରି କରିବାର ଅନୁଭୂତି କହିଲେ। ମୂର୍ତ୍ତି ନଗର ଚଲ୍‌ରେ ରହୁଥିବା ସବୁ ଓଡ଼ିଆ କେମିତି ମନ ପ୍ରାଣ ଦେଇ ଟିକେ ଜାଗା ଚାହୁଁ ଥିଲେ। ସରକାର ସେଇ ଜାଗା ଟିକକ ଦେବାର ତିନି ମାସ ଭିତରେ ସେମାନେ ଘର ତିଆରି କରି ଠାକୁରଙ୍କୁ ବସାଇଲେ। ମୁମ୍ବାଇ ରେ ଚଳିବା କେତେ କଷ୍ଟ! କାମ କରିବା ଆଶା ରେ ନିଜର ଘର ଗାଁ ଛାଡି ଆସିଥିବା ଓଡ଼ିଆ ଏଠି ବର୍ଷ ବର୍ଷ ହେଲା ଅଛନ୍ତି। ସେ ଭଦ୍ର ମହିଳା ବରହମ୍ପୂର୍ ରୁ ଅଠେଇଶି ବର୍ଷ ହେବ ମୁମ୍ବାଇ ରେ ରହୁଛନ୍ତି। ତାଙ୍କ ସ୍ୱାମୀ ଟେଲରିଂ କରନ୍ତି। ପ୍ଲମ୍ବର, ଇଲେକ୍ଟ୍ରିସିଆନ, ଟେଲର, ଏମିତି କିଛି କାମ କରି ପରିବାର ଚଳାଉଥିବା ଓଡ଼ିଆ ମାନଙ୍କ ପ୍ରାଣ ପ୍ରଭୁ ଜଗନ୍ନାଥଙ୍କ ପ୍ରତି ଶ୍ରଦ୍ଧା ରଖୁଥିବା ମୂର୍ତିନଗରରେ ରହୁଥିବା ସବୁ ଓଡ଼ିଆ ମହାପ୍ରଭୁଙ୍କୁ ଶ୍ରଦ୍ଧାର ସହ ଛୋଟିଆ ଜାଗାରେ ବସାଇଛନ୍ତି। ସେଥିରେ ସେମାନଙ୍କର ଖୁସି ଅନୁଭବ କରି ହେଉ ଥିଲା। ବରହମପୂର୍ ର ସେହି ଭଦ୍ର ମହିଳା ଭାବ ବିହ୍ୱଳ ହୋଇ କହୁଥିଲେ 'ଆପା, ମୁଁ ରଥ ଯାତ୍ରା ଆଗ ଦିନ୍ ଠାରୁ ଆଜି ଯାଏ ଘର କୁ ଘଂଟାଏ ଯାଉଛି କି ନାହିଁ , ସକାଳୁ ରାତି ଯାଏ ଏଇଠି କାଳିଆ ପାଖରେ ସେବା କରୁଛି।' ମୁଁ କହିଲି 'ତାହା ତୁମର ସୌଭାଗ୍ୟ ଭଉଣୀ, କେତେ ଲୋକଙ୍କୁ ଏଇ ଭାଗ୍ୟ ମିଳେ।' ହସ ହସ ବଦନ ରେ କଳା ଶ୍ରୀମୁଖ ଆମ କଥା ଶୁଣୁଥିଲେ। ଏଇ ସମୟ ରେ ସେ ଭଉଣୀ, ନାଁ ତାଙ୍କର ଜୟନ୍ତୀ, ମାଇକ୍ରୋ ଫୋନ୍ ଟା ହାତକୁ ନେଇ ଆସି ଭଜନ ଗାଇବା ଆରମ୍ଭ କଲେ। ମୋତେ ଫୋନ୍ ଟି ଧରାଇ କହିଲେ ଆପଣ ଗାଆନ୍ତୁ। ମୁଁ କେଉଁ ଆକାଶ ରେ ଉଡୁଥିଲି , ମୁଁ ଜାଣି ପାରୁନଥିଲି। ମୋର ଅନ୍ତର ରୁ ବାହାରି ଆସିଲା' କେଉଁ ନାମ ଧରି ଡାକିବି ତୁମକୁ ,ତୁମେ ଯେ ସର୍ବ ନାମ'

ତା ପରେ ପରେ ପୁଣି ପଦେ ଗାଇଲି ' କେଣେ ଘେନି ଯାଉଛ ଜଗନ୍ନାଥ ଙ୍କୁ ...' ସେ ମୋ ସାଙ୍ଗରେ ପାଳି ଧରି ଗାଇଲେ। କହିଲେ ମୁଁ ଆପଣ ଙ୍କୁ ଅପା ଡାକୁଛି। ମୁଁ ମନେ ମନେ ଭାବୁଥିଲି , ମାଡ଼ାମ୍ ଓ ଅପା ଭିତରେ କେତେ ଫରକ୍। ଅପା ରେ ଯେଉଁ ଆପଣାପଣ ଅଛି ତାହା କଣ ମାଡ଼ାମ୍ ଡାକରେ ମିଳେ! ସେମାନେ ସମସ୍ତେ ମୋତେ ରାତ୍ରି ପ୍ରସାଦ ପାଇଁ ଅନୁରୋଧ କରୁଥଲେ। କିନ୍ତୁ ମୋତେ ଘରକୁ ଫେରିବାର ଥିଲା । ନାତୁଣୀ ଉଠିଥିବ ,ମୋତେ ଖୋଜୁ ଥିବ । ସଂସାର ମୋହରେ ବାନ୍ଧି ହୋଇ ମୁଁ ପୁଅ ଘର କୁ ଫେରିଲି । ବାଟରେ ଭାବୁଥିଲି ମୁଁ ଭୁବନେଶ୍ୱର ରେ ରହି ଥିଲେ , ଟିଭି ରେ ରଥ ଯାତ୍ରା ଦେଖି ଥାଆନ୍ତି, ସାଆନ୍ତ ଙ୍କ ର ଏଇ ସେବା କରିବାର ସୁଯୋଗ କଣ ପାଇ ଥାଆନ୍ତି। ଯାତ୍ରା ପାଇଁ ଘୋଡ଼ା ସଜ କରିବା, ମହାପ୍ରଭୁଙ୍କ ଭଜନ ଗାଇବା ଭଳି ସୁଖଦ ମୁହୂର୍ତ୍ତ ସିଏ ଚାହିଁଲେ ପୁଣି କେବେ ଜୀବନରେ ଆସିବ।

ଜୟ ଜଗନ୍ନାଥ

*ବମିଖାଲ, ଭୁବନେଶ୍ୱର*

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ପ ରି କ୍ର ମା



ଭୁବନେଶ୍ୱର, ୨୧ - ୨୭ ଜୁଲାଇ, ୨୦୨୫

ପରିକ୍ରମା

ବ୍ରଏଲର କୁକୁଡା ଫାର୍ମ ନାଁରେ ଲକ୍ଷାଧିକ ଟଙ୍କାର ରିହାତି ବାଟମାରଣା ଅଭିଯୋଗ

# ଭିଜିଲାନ୍ସ ତଦନ୍ତ ଦାବି

**ଅସ୍ତରଙ୍ଗ :** ପୁରୀ ଜିଲ୍ଲା ଅନ୍ତର୍ଗତ ଅସ୍ତରଙ୍ଗ ବ୍ଲକରେ ବିଗତ ୫ବର୍ଷ ମଧ୍ୟରେ ରାଜ୍ୟ ସରକାରଙ୍କ ପଶୁ ସମ୍ପଦ ବିକାଶ ବିଭାଗ ପକ୍ଷରୁ ରାଜ୍ୟ ଯୋଜନାରେ ବ୍ୟକ୍ତିଗତ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ କରାଯାଇଥିବା ବ୍ରଏଲର କୁକୁଡା ଫାର୍ମରେ ବ୍ୟାପକ ଅନିୟମିତତା ଓ ରିହାତି ବାବଦରେ ଆସିଥିବା ଅର୍ଥକୁ ଅସ୍ତରଙ୍ଗ ପ୍ରାଣୀ ଚିକିତ୍ସା ଅଧିକାରୀ କାର୍ଯ୍ୟାଳୟ ଦ୍ୱାରା ବାଟମାରଣା କରାଯାଇଥିବା ଅଭିଯୋଗ ହେଉଛି । ରାଜ୍ୟ ସରକାରଙ୍କ ପଶୁ ସମ୍ପଦ ବିକାଶ ବିଭାଗ ପକ୍ଷରୁ ରାଜ୍ୟ ଯୋଜନାରେ ବ୍ୟକ୍ତିଗତ ହିତାଧିକାରୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କୁ ବ୍ରଏଲର କୁକୁଡା ଫାର୍ମ ମାଧ୍ୟମରେ ଦୀର୍ଘ ସ୍ଥାୟୀ କର୍ମ ନିଯୁକ୍ତି ଓ ସ୍ୱାବଲମ୍ବି କରିବା ପାଇଁ ଏହି ଯୋଜନାରେ ସରକାରୀ ରିହାତି ପ୍ରଦାନ କରାଯାଉଛି । ମାତ୍ର ପୁରୀ ଜିଲ୍ଲା ଅନ୍ତର୍ଗତ ଅସ୍ତରଙ୍ଗ ବ୍ଲକରେ ସ୍ଥାନୀୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟର କିଛି ଅସାଧୁ ଅଧିକାରୀ ଓ କର୍ମଚାରୀ ମାନଙ୍କ ଲାଭଖୋର ମନୋବୃତ୍ତି ଯୋଗୁଁ ତାହା ଫଳପ୍ରଦ ହୋଇ ପାରୁ ନଥିବା ସାଧାରଣରେ



ଆଲୋଚନା ହେଉଛି । ଗତ ୨୦୧୯ ମସିହା ଠାରୁ ୨୦୨୫ ମସିହା ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଅସ୍ତରଙ୍ଗ ବ୍ଲକରେ ନଇଗୁଁଆ, ଆଳଙ୍ଗପୁର ଗ୍ରାମ ପଞ୍ଚାୟତ ସମେତ ୧୫ଗୋଟି ଗ୍ରାମ ପଞ୍ଚାୟତରେ ବ୍ୟକ୍ତିଗତ ହିତାଧିକାରୀ ନାମରେ ପୂର୍ବରୁ ଥିବା ପୁରୁଣା ବ୍ରଏଲର କୁକୁଡା ଫାର୍ମକୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ନାମରେ କରାଯାଇ ଲକ୍ଷାଧିକ ଟଙ୍କାର ରିହାତି ବାଟମାରଣା ହୋଇଥିବା ଜଣାପଡିଛି । ଏହି ବ୍ଲକ ଅନ୍ତର୍ଗତ ଆଳଙ୍ଗପୁର ଗ୍ରାମ ପଞ୍ଚାୟତର ଅଠତିରା ଗ୍ରାମରେ ଥିବା ବ୍ୟକ୍ତିଗତ କୁକୁଡା ଫାର୍ମରେ ଜୟଗୁରୁ ଏସଏଚଜି ନାମରେ ବ୍ରଏଲର କୁକୁଡା ଫାର୍ମ ନିର୍ମାଣ କରା ନ ଯାଇ ସ୍ଥାନୀୟ ଅଧିକାରୀଙ୍କୁ ହାତ କରି ୧ଲକ୍ଷ ୪୪ ହଜାର ଟଙ୍କାର ସରକାରୀ ରିହାତି ବାଟମାରଣା କରାଯାଇଛି । ସେହିପରି ନଇଗୁଁଆ ଗ୍ରାମ ପଞ୍ଚାୟତର ଡେରୁଣିଆଁ ଗ୍ରାମରେ ଆର୍ଥିକ ବର୍ଷ ୨୦୨୨-୨୩ରେ ପୁରୁଣା ଫାର୍ମରେ ହିତାଧିକାରୀଙ୍କୁ ବ୍ରଏଲର କୁକୁଡା ଫାର୍ମ ନିର୍ମାଣ ନାମରେ ରାଜ୍ୟ ଯୋଜନାରେ ପଶୁ ସମ୍ପଦ ବିକାଶ ବିଭାଗ ପକ୍ଷରୁ ୭୨ ହଜାର ଟଙ୍କାର ରିହାତି ପ୍ରଦାନ କରାଯାଇଛି । ଏହି ବ୍ଲକରେ ଗତ ୫ବର୍ଷ ମଧ୍ୟରେ ଅସ୍ତରଙ୍ଗ ବ୍ଲକର ୧୫ଗୋଟି ଗ୍ରାମ ପଞ୍ଚାୟତରେ ବ୍ୟକ୍ତିଗତ କୁକୁଡାବ ଫାର୍ମରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କ ନାମ ଲେଖା ଯାଇ କୌଣସି ନୂତନ ଫାର୍ମ ନିର୍ମାଣ କରା ନଯାଇ ରାଜ୍ୟ ସରକାରଙ୍କ ପଶୁ ସମ୍ପଦ ବିକାଶ ବିଭାଗର ରାଜ୍ୟ ଯୋଜନାରେ ବ୍ଲକର ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବ୍ରଏଲର କୁକୁଡା ଫାର୍ମ ନାଁରେ ଲକ୍ଷାଧିକ ଟଙ୍କାର ରିହାତି ପ୍ରଦାନ କରାଯାଇଛି । ଏହି ବ୍ଲକର ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଓ ଡାଟା ଏଣ୍ଟ୍ରି ଅପରେଟର ମିଳିତ ଭାବେ ଏହି ବ୍ଲକର ୧୫ଗୋଟି ଗ୍ରାମ ପଞ୍ଚାୟତର ବିଭିନ୍ନ ଗ୍ରାମରେ ପୁରୁଣା ଫାର୍ମକୁ ନୂତନ ଭାବେ ନିର୍ମିତ ହୋଇଥିବା ଦର୍ଶାଇ ଲକ୍ଷାଧିକ ଟଙ୍କା ବାଟମାରଣା କରାଯାଇଛି ବୋଲି ଶତାଧିକ ହିତାଧିକାରୀ ମାନେ ପ୍ରକାଶ କରିଛନ୍ତି । ଏହି ମେଗା ଦୁର୍ନୀତି ଓ ଅନିୟମିତତା ଘଟଣାର ଉଚ୍ଚ ସ୍ତରୀୟ ତଦନ୍ତ କରିବା ପାଇଁ ଦାବି କରାଯାଇଛି ।ଏ ସମ୍ପର୍କରେ ଓଡ଼ିଶା କର୍ମଜୀବି ସାମ୍ବାଦିକ ସଂଘ ପୁରୀ ଜିଲ୍ଲା ଶାଖା ସଭାପତି ଓ ଅସ୍ତରଙ୍ଗ ପ୍ରେସ୍ କ୍ଲବ୍‌ର ସଭାପତି ଶରତ ପରିଡ଼ା ଜନସୂଚନା ମାଗିଥିଲେ ମାସ ପରେ ମାସ ଗଡ଼ିଯାଇଥିଲେ ମଧ୍ୟ କୌଣସି ସୂଚନା ବିଭାଗୀୟ ଅଧିକାରୀ ପ୍ରଦାନ କରିନଥିଲେ ।ଏ ସମ୍ପର୍କରେ ଶ୍ରୀ ପରିଡ଼ା ମୁଖ୍ୟମନ୍ତ୍ରୀ ଓଡ଼ିଶା, ବିଭାଗୀୟ ମନ୍ତ୍ରୀ, ସଚିବ, ନିର୍ଦ୍ଦେଶକ, ଜିଲ୍ଲାପାଳ ପୁରୀ, ନିର୍ଦ୍ଦେଶକଙ୍କୁ ଲିଖିତ ଅଭିଯୋଗ କରିବା ସହ କହିଥିଲେ ପାଟଳଦା ପଞ୍ଚାୟତ ବରଡିହ ଗ୍ରାମର ଜନୈକ ହିତାଧିକାରୀଙ୍କ ନାମରେ ସରକାରୀ ସମ୍ପତ୍ତିରେ କୁକୁଡ଼ା ଫାର୍ମ ନାଁରେ ସବସିଡି ରିହାତି ହଡ଼ପ କରିବାରେ ସକ୍ଷମ ହୋଇଛନ୍ତି ଉକ୍ତ କୁକୁଡ଼ା ଫାର୍ମ ଯୋଗୁଁ ଗାଁରେ ଅଶାନ୍ତି ବାତାବରଣ ସୃଷ୍ଟି ହେଉଛି ।

ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ କଟକ ସାଂସଦ

# କଟକ ସହରର ଉନ୍ନତୀକରଣ ନେଇ ଆଲୋଚନା



**ଭୁବନେଶ୍ୱର :** କଟକ ସାଂସଦ ଭର୍ତ୍ତୃହରି ମହତାବ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରି କଟକ ସଂସଦୀୟ କ୍ଷେତ୍ରର ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିଛନ୍ତି । ବୈଠକରେ, କଟକ ସହରର ଓଏମପି ଅଞ୍ଚଳରେ ଭେଣ୍ଡିଙ୍ଗ ଜୋନ, ଏକ ବୃହତ୍ କନ୍‌ଭେନସନ ସେଣ୍ଟର ସ୍ଥାପନ, ରାଣୀହାଟ ଅଞ୍ଚଳର ଉନ୍ନତିକରଣ, ପ୍ରେସ ଛକ ଅଞ୍ଚଳରେ ଏକ ପାର୍କ ନିର୍ମାଣ ସମ୍ପର୍କରେ ଆଲୋଚନା ହୋଇଥିଲା । ଏତଦ୍‌ବ୍ୟତୀତ, ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମଭୂମି ସତ୍ୟଭାମାପୁରର ସମନ୍ୱିତ ବିକାଶ, ସିଏମସି ଏବଂ ସିଡିଏ ଅଞ୍ଚଳ ପାଇଁ ଡ୍ରେନେଜ୍ ମାଷ୍ଟର ପ୍ଲାନ୍, ମହାନଦୀରେ ବ୍ୟାରେଜ୍ ଯୋଜନା, ବଡମ୍ବା ସୁଗାର ମିଲ ଓ ଭଗତପୁର କଟନ ମିଲର ପୁନଃ କାର୍ଯ୍ୟକାରିତା, ଓ ଉପଖଣ୍ଡ ସ୍ତରୀୟ କୋଲ୍ଡ ଷ୍ଟୋରେଜ ନିର୍ମାଣ ବିଷୟରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ । ବୈଠକରୁ ଜଣାପଡିଛି ଯେ, ମୁଖ୍ୟମନ୍ତ୍ରୀ ଏହି ସମସ୍ତ ଉନ୍ନତିମୂଳକ କାର୍ଯ୍ୟ ପାଇଁ ଉପଯୁକ୍ତ ପଦକ୍ଷେପ ନେବା ଏବଂ ପ୍ରଶାସନିକ ସ୍ତରରେ ପ୍ରତ୍ୟେକ କାର୍ଯ୍ୟ ଗୁଡିକୁ ତ୍ୱରାନ୍ୱିତ କରିବା ପାଇଁ ବିଭାଗୀୟ ସଚିବଙ୍କୁ ପରାମର୍ଶ ଦେଇଥିଲେ । ମୁଖ୍ୟମନ୍ତ୍ରୀ ଏହି ଆଲୋଚନାରେ, ଅଧିକ ସଂଯୁକ୍ତ ପ୍ରୟାସ ଦ୍ୱାରା କଟକ ଜିଲ୍ଲା ଏବଂ ତାହାର ଉପଖଣ୍ଡ ଅଞ୍ଚଳକୁ ଏକ ଆଧୁନିକ ଓ ସମୃଦ୍ଧ ମଡେଲ୍‌ରେ ବଦଳେଇବା ପାଇଁ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ବୈଠକରେ ଉନ୍ନୟନ କମିଶନର ଅନୁ ଗର୍ଗ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର, ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ ପ୍ରମୁଖ ଉପସ୍ଥିତ ଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିଜେଡିରେ ...

ବିଜେଡି ନେତାଙ୍କୁ ହସ୍ପିଟାଲରେ ଭେଟି ପାଣ୍ଡିଆନ ଦମ୍ପତି ଏବେ ବିଜେଡିର ଆଭ୍ୟନ୍ତରୀଣ ବ୍ୟାପାରରେ ଥିବାର ସ୍ପଷ୍ଟ ସନ୍ଦେଶ ଦେଇଛନ୍ତି । ପାଣ୍ଡିଆନଙ୍କ ସହ ସୁଜାତାଙ୍କୁ ମଧ୍ୟ ହସ୍ପିଟାଲରେ ଦେଖିବାକୁ ମିଳିଥିଲା । ସୁଚିନ୍ତିତ ଢଙ୍ଗରେ ଭିଡିଓ ମଧ୍ୟ ପ୍ରସ୍ତୁତ କରାଯାଇ ଗଣମାଧ୍ୟମକୁ ଲିକ୍ କରାଗଲା । ଏସବୁ ମାଧ୍ୟମରେ ସୁଜାତାଙ୍କୁ ନେଇ କିଭଳି ପ୍ରତିକ୍ରିୟା ରହୁଛି ତାକୁ ଆକଳନ କରିବାର ପ୍ରୟାସ ହୋଇଥିବା ସୂଚନା ମିଳିଛି । ନବୀନଙ୍କ ଉତ୍ତରାଧିକାରୀ ବିଜେଡିରେ କିଏ ହେବ ତାହା ରାଜ୍ୟବାସୀ ସ୍ଥିର କରିବେ ବୋଲି ଖୋଦ୍ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଏକାଧିକବାର ସ୍ପଷ୍ଟୀକରଣ ଦେଇସାରିଛନ୍ତି । ମାତ୍ର ଏସବୁ ସତ୍ତ୍ୱେ ବିଜେଡିର ଅଘୋଷିତ ସର୍ବେସର୍ବା ଭାବେ ତାମିଲନାଡୁ ଜନ୍ମିତ ଭିକେ ପାଣ୍ଡିଆନ ଏପର୍ଯ୍ୟନ୍ତ କାର୍ଯ୍ୟ କରି ଆସୁଛନ୍ତି । ନବୀନଙ୍କ ନିର୍ଭରଶୀଳତା ହେଉ ଅବା ଅନାଗ୍ରହ କିମ୍ବା ଅନ୍ୟ ଅଦୃଶ୍ୟ କାରଣରୁ ବିଗତ ୭-୮ବର୍ଷ ଧରି ବିଜେଡିରେ ପାଣ୍ଡିଆନଙ୍କ ଦବଦବା କାଏମ ରହିଛି । ସାଧାରଣ ନିର୍ବାଚନରେ ଦଳର ଶୋଚନୀୟ ପରାଜୟ ପରଠୁ ପାଣ୍ଡିଆନଙ୍କୁ ସାଂଗଠନିକ କାର୍ଯ୍ୟରେ ଦେଖିବାକୁ ମିଳୁନି, ମାତ୍ର ତାଙ୍କ ବିନା ଅନୁମତିରେ ଯେ ଦଳରେ କିଛି ହେଉନି ତାହା ଜଳଜଳ ଦିଶୁଛି । ବିଜେଡିର ପଦାଧିକାରୀ କମିଟି ଓ ରାଜନୀତିକ ବ୍ୟାପାର କମିଟିରେ ପାଣ୍ଡିଆନଙ୍କ ଅନୁଗତଙ୍କୁ ସ୍ଥାନ ମିଳିଛି । ତେବେ ପାଣ୍ଡିଆନଙ୍କ ସିଧାସଳଖ ସମ୍ପୃକ୍ତିକୁ ନେଇ ବିରୋଧାଭାସ ଥିବାରୁ ଏବେ ତାଙ୍କ ପତ୍ନୀ ସୁଜାତା ସୁଚିନ୍ତିତ ଢଙ୍ଗରେ ବିଜେଡି ବ୍ୟାପାରରେ ଧସେଇ ପଶିଛନ୍ତି । ବିଜେଡିର ଆତ୍ମଘୋଷିତ ଉତ୍ତରାଧିକାରୀ ଭାବେ ସେ ସାଂଗଠନିକ କାର୍ଯ୍ୟକୁ ହାଇଜାକ୍ କରିବାରେ ଲାଗିଛନ୍ତି ।

### ଫୋର୍ବର୍ସ ପକ୍ଷରୁ ...

୨.୨ଟ୍ରିଲିୟନ ଡଲାରର ଅର୍ଥନୀତି ଓ ୧୪୪.୪ କୋଟିର ଜନସଂଖ୍ୟା ଯୋଗୁ ଋଷିଆ ବୈଶ୍ୱିକ ରାଜନୀତିରେ ନିଜକୁ ମଜଭୁତ କରିଛି । ବ୍ରେଗଜିଟ୍ ପରେ ମଧ୍ୟ ବ୍ରିଟେନ ନିଜର ଆର୍ଥିକ ଓ କୂଟନୈତିକ କ୍ଷମତାକୁ କାୟମ ରଖିଛି । ୩.୭୩ ଟ୍ରିଲିୟନ ଡଲାରର ଜିଡିପି ଓ ୬.୯୧ କୋଟି ଜନସଂଖ୍ୟା ବ୍ରିଟେନକୁ ମିଳିତ ଜାତି ସଂଘ ସୁରକ୍ଷା ପରିଷଦରେ ସ୍ଥାୟୀ ସିଟ୍ ସାଙ୍ଗକୁ ନାଟୋରେ ଭାଗିଦାରୀ ବିଶ୍ୱର ଶୀର୍ଷ ଦେଶଙ୍କ ସୂଚୀରେ ଏହାକୁ କାୟମ ରଖିଛି । ୟୁରୋପର ସବୁଠୁ ମଜଭୁତ ଅର୍ଥ ବ୍ୟବସ୍ଥା ହେଉଛି ଜର୍ମାନୀ । ୪.୯୨ ଟ୍ରିଲିୟନ ଜିଡିପି ଓ ୮.୪୫କୋଟି ଜନସଂଖ୍ୟା ସହିତ ଦେଶର ବୈଷୟିକ, ଔଦ୍ୟୋଗିକ ଓ କୂଟନୈତିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି । ୟୁରୋପୀୟ ସଂଘର ନୀତି ଏହି ଦେଶ ଉପରେ ଗଭୀର ପ୍ରଭାବ ପକାଉଛି । ଫୋର୍ବସର ଏହି ସୂଚୀରେ ୬ରୁ ୧୦ ପର୍ଯ୍ୟନ୍ତ ସ୍ଥାନରେ ଫ୍ରାନ୍ସ, ଜାପାନ, ସାଉଦୀଆରବ, ଦକ୍ଷିଣ କୋରିଆ ଓ ଇଟାଲୀ ଆଦି ଦେଶ ଅଛନ୍ତି । ଯଦିଓ ଫୋର୍ବସର ପୂରା ସୂଚୀରେ ସବୁ ଦେଶଙ୍କ ଉଲ୍ଲେଖ ନାହିଁ ତେବେ ଫ୍ରାନ୍ସ , ଜାପାନ, ସାଉଦୀଆରବ, ଦକ୍ଷିଣ କୋରିଆ ଓ ଇଟାଲୀ ଭଳି ଦେଶମାନେ ଟପ ୧୦ ସୂଚୀରେ ଅଛନ୍ତି । ଏହି ଦେଶମାନଙ୍କ ବୈଷୟିକ ଜ୍ଞାନକୌଶଳ, ଶକ୍ତି, ରକ୍ଷା ଓ ଅନ୍ତର୍ଜାତୀୟ ସମ୍ପର୍କ ମାମଲାରେ ଏମାନଙ୍କୁ ଅଲଗା ପରିଚୟ ଦେଇଛି । ଫୋର୍ବସ ଶକ୍ତିଶାଳୀ ଦେଶଙ୍କ ସୂଚୀର ଦ୍ୱାଦଶ ସ୍ଥାନ ଅର୍ଥାତ ୧୨ତମ ସ୍ଥାନରେ ଭାରତ ଏବେ ଦ୍ରୁତ ପ୍ରଗତି ହାସଲ କରୁଛି । ସୂଚୀ ଅନୁସାରେ ଭାରତ ଏବେ ଦ୍ୱାଦଶ ସ୍ଥାନରେ ରହିଛି, ହେଲେ ଏହାର ପ୍ରଭାବ ଓ ପ୍ରଗତି ସ୍ପଷ୍ଟ ଦେଖା ଯାଉଛି । ୩.୫୫ ଟ୍ରିଲିୟନ ଜିଡିପି ସହିତ ୧.୪୩ ବିଲିୟନ ଜନସଂଖ୍ୟା ଭାରତକୁ ଏକ ଉଦୟମାନ ମହାଶକ୍ତି ଭାବେ ଦେଖୁଛି । ଗୋଟିଏ ପଟେ ଭାରତର ସାମରିକ କ୍ଷମତା ବଢିବଢି ଚାଲିଥିବା ବେଳେ ବିଦେଶ ନୀତିରେ ମଧ୍ୟ ସକ୍ରିୟ ଭୂମିକା ନିର୍ବାହ କରୁଛି । ଆଗାମୀ ବର୍ଷମାନଙ୍କରେ ଭାରତର ରାଙ୍କ ଆହୁରି ଉପରକୁ ଉଠିପାରେ ବୋଲି ଏବେ ଅନୁମାନ କରାଯାଉଛି । ୨୦୨୫ର ଏହି ସୂଚୀ ଦର୍ଶାଉଛି ବିଶ୍ୱର କ୍ଷମତା ସନ୍ତୁଳ କିପରି ଧିରେ ଧିରେ ବଦଳୁଛି । ଏଥିରେ ଆମେରିକା ଏବେ ବି ୧ନମ୍ବର ସ୍ଥାନରେ ଥିବା ବେଳେ ଚୀନ୍ ଏହାର ଖୁବ୍ ନିକଟତର ହେଲାଣି । ଏଥିରେ ଭାରତ ଭଳି ଦେଶ ନିଜକୁ ଗ୍ଲୋବାଲ ପାୱାର ରୂପେ ସ୍ଥାପିତ କରିସାରିଲାଣି । ଆଗାମୀ ଦଶନ୍ଧୀରେ ଏହି ଛବି ଆହୁରି ବଦଳି ଯାଇଥିବ, ଯେଉଁଠି ଭାରତ ତୃତୀୟ ବୃହତ୍ତ ଶକ୍ତିରେ ପରିଣତ ନ ହେବ ତାହା କହି ହେଉ ନାହିଁ ।

### ଆତ୍ମସମୀକ୍ଷା ...

ନିର୍ଦ୍ଦେଶକ୍ରମେ ତଦନ୍ତ ହେବା ପୂର୍ବରୁ କାର୍ଯ୍ୟାନୁଷ୍ଠାନ ନିଆଗଲା । ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ତୁରନ୍ତ ଅଭିଯୁକ୍ତ ଅଧ୍ୟାପକଙ୍କୁ ନିଲମ୍ବନ କରାଯିବା ସହ ଗିରଫ କରାଯାଇ କୋର୍ଟ ଚାଲାଣ କରାଗଲା । ଉକ୍ତ ଦିନ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇ ରାଜ୍ୟ ସରକାରଙ୍କ ତରଫରୁ ତୁରନ୍ତ ରିପୋର୍ଟ ମଗାଯାଇଥିଲା । ମାତ୍ର ୨୪ ଘଣ୍ଟା ମଧ୍ୟରେ ପ୍ରାଥମିକ ରିପୋର୍ଟ ଆସିଥିଲା । ଉକ୍ତ ରିପୋର୍ଟ ଆଧାରରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ, କଲେଜ ଅଧକ୍ଷକଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ପୀଡ଼ିତାଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ବହନ କରିବେ ବୋଲି ରାଜ୍ୟସରକାର ନିଷ୍ପତି ନେଇଥିଲେ । ପୀଡ଼ିତାଙ୍କ ଚିକିତ୍ସା ଭୁବନେଶ୍ୱରସ୍ଥିତ ଏମ୍ସ ହସ୍ପିଟାଲରେ କରାଯାଇଥିଲା । ସେଠାରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ଉଚ୍ଚଶିକ୍ଷା ମନ୍ତ୍ରୀ, ବିଧାୟକ ଓ ସାଂସଦମାନେ ପହଂଚି ବାରମ୍ବାର ପୀଡ଼ିତାଙ୍କ ମା'ବାପା ଓ ତାଙ୍କ ପରିବାର ସହ ଆଲୋଚନା କରିଥିଲେ । ଏଥି ସହ ଡାକ୍ତରମାନଙ୍କ ସହ ଯୋଗଯୋଗ କରି ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ପଚାରି ବୁଝୁଥିଲେ । ପୀଡ଼ିତାଙ୍କୁ ଉନ୍ନତମାନର ଚିକିତ୍ସା ଯୋଗାଇଦେବା ପାଇଁ ଏକ ଡାକ୍ତରୀ ବିଶେଷଜ୍ଞ ଦଳ ଦିଲ୍ଲୀ ଏମ୍ସ ସହ ଯୋଗାଯୋଗରେ ଥିଲା । ଏହି ଘଟଣା ଘଟିବା ସମୟରେ ଦିଲ୍ଲୀ ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ଓଡିଶା ଆସି ବିମାନବନ୍ଦରରୁ ସିଧାସଳଖ ଏମ୍ସ ମେଡିକାଲ ଯାଇ ପୀଡ଼ିତାଙ୍କୁ ଭେଟିଥିଲେ । ମୁଖ୍ୟମନ୍ତ୍ରୀ ସେଠାରେ ପୀଡ଼ିତାଙ୍କ ମା' ବାପାଙ୍କୁ ଭେଟି ଆଶ୍ୱସନା ଦେବା ସହ ଡାକ୍ତରୀ ବିଶେଷଜ୍ଞଙ୍କ ସହ ଆଲୋଚନା କଲେ । ପୀଡ଼ିତାଙ୍କ ଚିକିତ୍ସାରେ ଯେପରି କୌଣସି ପ୍ରକାର ଅବହେଳା ନ ହେବ ସେଥିପ୍ରତି ନିର୍ଦ୍ଦେଶ ମଧ୍ୟ ଦେଇଥିଲେ । ମୁଖ୍ୟମନ୍ତ୍ରୀ ପୁଣି ଥରେ ମଧ୍ୟ ମହାମହିମ ରାଷ୍ଟ୍ରପତିଙ୍କ ସହ ପୀଡ଼ିତାଙ୍କୁ ଭେଟିଥିଲେ । ଏହି ଘଟଣାରେ ରାଜ୍ୟ ସରକାର କେତେ ସମ୍ବେଦନଶୀଳ ତାହା ଏଥିରୁ ସ୍ପଷ୍ଟ ହେଉଛି । ବିଜୁ ଜନତା ଦଳ ରାଜ୍ୟରେ ୨୪ ବର୍ଷ ଧରି ଶାସନରେ ଥିଲା । ତାଙ୍କ ସରକାର ସମୟରେ କେଉଁ ପ୍ରକାର କେଳଙ୍କାରୀ ହୋଇଥିଲା ତାହା ସମସ୍ତଙ୍କୁ ଜଣା ଅଛି । ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଥରେ ବି ଚିକିତ୍ସାଧୀନ ପୀଡିତାଙ୍କୁ ଦେଖା କରିବାକୁ ଯାଇଥିଲେ କି ? ମାତ୍ର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ୨ ଥର ପୀଡ଼ିତାଙ୍କୁ ଭେଟିବା ସହ କିପରି ଚିକିତ୍ସା ପ୍ରଦାନ କରାଯାଉଛି ତା'ଉପରେ ନଜର ରଖିଥିଲେ । ଏପରିକି ଆବଶ୍ୟକ ପଡ଼ିଲେ ପୀଡ଼ିତାଙ୍କୁ ଏୟାରଲିଫ୍ଟିଂ କରି ଦିଲ୍ଲୀ ନେବାକୁ ମଧ୍ୟ କହିଥିଲେ । ବିଜେଡି ସରକାର ପୂର୍ବରୁ ରାଜ୍ୟରେ କଂଗ୍ରେସର ସରକାର ଥିଲା । ସେତେବେଳେ ମହିଳାମାନଙ୍କ ଉପରେ ଅନେକ ଅତ୍ୟାଚାର ହୋଇଥିଲା । ମାତ୍ର ବିଗତ ସରକାର ସମୟରେ କେବେବି ରାଷ୍ଟ୍ରପତି ଯାଇ ପୀଡ଼ିତାଙ୍କୁ ଭେଟିଥିଲେ କି ? କିନ୍ତୁ ଏଥର ରାଷ୍ଟ୍ରପତି ନିଜ ଆଡୁ ପୀଡିତାଙ୍କୁ ଭେଟିବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ ବୋଲି ଶ୍ରୀମତୀ ଷଡଙ୍ଗୀ କହିଛନ୍ତି ।

### ଶକ୍ତି ପରିବର୍ତ୍ତନ ...

ପିଡବ୍ଲୁସି (ପିଡବ୍ଲୁସି)ର ପାର୍ଟନର ପଦମ୍ ପ୍ରକାଶ, ତଥ୍ୟ-ଚାଳିତ ଯୋଜନାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । ପିଡବ୍ଲୁସି ଏକ ବ୍ୟାପକ ଉପସ୍ଥାପନା ପ୍ରଦାନ କରିଥିଲା ଯେଉଁଥିରେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କାର୍ଯ୍ୟକାରୀ ହେଉଥିବା ବ୍ୟବସ୍ଥିତ, ଫଳାଫଳ-ମୁଖୀ ହସ୍ତକ୍ଷେପ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଏହି ଅଧିବେଶନ ପରେ ଅଂଶୀଦାରମାନଙ୍କ ମଧ୍ୟରେ ଏକ ଆକର୍ଷଣୀୟ ପାରସ୍ପରିକ ଆଲୋଚନା ହୋଇଥିଲା । ବିତ୍ତପରାମର୍ଶ ଦାତା ତଥା ଅତିରିକ୍ତ ଶାସନ ସଚିବ ଡ ଦେବୀଦତ୍ତ ତ୍ରିପାଠି ଧନ୍ୟବାଦ ଅର୍ପଣ କରିଥିଲେ ।

### ଶୁଣାଣି ଶେଷ ...

ଦେବଦତ୍ତ ମହାପାତ୍ରଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ମୋବାଇଲ ଫୋନ୍ ବ୍ୟବହାର ସଂପର୍କିତ ତଥ୍ୟ ଉପସ୍ଥାପନ କରାଯାଇଥିଲା । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଶ୍ରୀ ସେଠୀଙ୍କ ବାସଭବନରେ ସିବିଆଇ ଚଢାଉ କରିଥିଲା । ବ୍ରିଜ୍ ଆଣ୍ଡ ରୁଫ୍ କର୍ପୋରେସନ ଜିଏମ ଚଞ୍ଚଳ ମୁଖାର୍ଜୀ ଲାଞ୍ଚ ନେଇ ଗିରଫ ହୋଇଥିବା ବେଳେ ଏହି ଘଟଣାରେ ବିନା କାରଣରେ ତାଙ୍କୁ ଓ ତାଙ୍କ ପରିବାରକୁ ଟଣାଯାଉଛି ବୋଲି ଦର୍ଶାଇ ଶ୍ରୀ ସେଠୀ, ତାଙ୍କ ପତ୍ନୀ ଓ ଝିଅ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଜୁନ୍ ୨୦ରେ ହାଇକୋର୍ଟ ଶ୍ରୀ ସେଠୀ ଓ ଅନ୍ୟ ଦୁଇ ଜଣଙ୍କ ତରଫରୁ ଦାୟର ମାମଲାକୁ ଖାରଜ କରିବା ସହିତ ପୂର୍ବରୁ ପ୍ରଦାନ କରାଯାଇଥିବା ଅନ୍ତରୀଣ ନିର୍ଦ୍ଦେଶକୁ ଉଠାଇ ଦେଇଥିଲେ । ସେହି ଦିନ ଶ୍ରୀ ସେଠୀ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ ଦାୟର କରିଥିଲେ । ଜୁଲାଇ ୩ରେ ହାଇକୋର୍ଟ ଆଗୁଆ ଜାମିନ ଆବେଦନର ପ୍ରାରମ୍ଭିକ ଶୁଣାଣି କରି ଶ୍ରୀ ସେଠୀଙ୍କ ବିରୋଧରେ କେ ?ଣସି ପ୍ରକାର କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ଉପରେ ଅନ୍ତରୀଣ ଅଙ୍କୁଶ ଜାରି କରିଥିଲେ । ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଦେବାଶିଷ ପଣ୍ଡା ମାମଲା ପରିଚାଳନା କରୁଛନ୍ତି ।

### 'ଓଡ଼ିଶା ଏବେ ...

ମୋଦି ସରକାରରେ ବଦଳିଛି କାମ କରିବାର ତରିକା । ପ୍ରଶାସକମାନେ ପରିବାର ଭଳି କାମ କରୁଛନ୍ତି । ବିକଶିତ ଭାରତ ଗଠନ ଦିଗରେ ଯୁବ ଅଫିସର ଖାସ୍ କରି ଜିଲ୍ଲାପାଳମାନଙ୍କର ରହିବ ଗୁରୁତ୍ୱପୂର୍ଣ୍ଣ ଭୂମିକା । ସୁଶାସନ କ୍ଷେତ୍ରରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପୁରସ୍କୃତ ହୋଇଥିବା ବିଭିନ୍ନ ରାଜ୍ୟର ଅଧିକାରୀ ମାନେ ଏଥିରେ ଯୋଗ ଦେଇଥିଲେ । ପ୍ରଶାସନିକ ବ୍ୟବସ୍ଥାରେ ସଂସ୍କାର ଓ ସୁଶାସନ ନେଇ ଏଥିରେ ବିସ୍ତୃତ ଆଲୋଚନା ହୋଇଛି ।

### ଠିକ୍‌ରେ ...

ପ୍ରାଣଘାତୀ ବିମାରୀ ସାମିଲ ରହିଛି । ଖରାପ ଓରାଲ ହାଇଜିନ ସହ କ୍ୟାନସର, ଖାସ କରି ମୁଣ୍ଡ ଓ ଗର୍ଦ୍ଦନ କ୍ୟାନସରର ଗଭୀର ସମ୍ପର୍କ ରହିଛି । ମୁହଁରେ ଥିବା କିଛି ହାନିକାରଣ ବ୍ୟାକ୍ଟେରିଆ କ୍ୟାନସରର ସମ୍ଭାବନାକୁ ବଢ଼ାଇଥାନ୍ତି । ତେଣୁ ସକାଳୁ ଓ ଶୋଇବାକୁ ଯିବା ପୂର୍ବରୁ ଫ୍ଲୋରାଇଲ ଟୁଥେପଷ୍ଟରେ ଦାନ୍ତକୁ ବ୍ରସ କରନ୍ତୁ । ବ୍ରସକୁ ଧୀରେଧୀରେ ଗୋଲ-ଗୋଲ ବୁଲାନ୍ତୁ । କୀଟାଣୁଙ୍କୁ ମାରିବା, ମୁହଁକୁ ଫ୍ରେସ ରଖିବା ପାଇଁ ଆଣ୍ଟିବ୍ୟାକ୍ଟେରିୟଲ ମାଉଥୱାସ ବ୍ୟବହାର କରନ୍ତୁ । ମିଠା ସ୍ନାକ୍ସ ଓ ପାନୀୟ ସୀମିତ ମାତ୍ରାରେ ଖାଆନ୍ତୁ । ମଜବୁତ ଦାନ୍ତ ଓ ହାଡ଼ ପାଇଁ କ୍ୟାଲସିୟମ ଭରପୁର ଫୁଡସ ଯେପରିକି ଦୁଗ୍ଧଜାତ ସାମଗ୍ରୀ, ସବଜିକୁ ସାମିଲ କରନ୍ତୁ । ନିଜର ଟୁଥବ୍ରସକୁ ନିୟମିତ ଭାବେ ୩-୪ ମାସରେ ବଦଳାନ୍ତୁ । ମୁହଁକୁ ହାଇଡ୍ରେଟ ରଖିବା ପାଇଁ ପର୍ଯ୍ୟାପ୍ତ ପାଣି ପିଅନ୍ତୁ । ଧୂମ୍ରପାନ ଠାରୁ ଦୂରେଇ ରୁହନ୍ତୁ ।

### ୩୪ ସହରକୁ ...

ଚଳିତ ବର୍ଷ ମହାକୁମ୍ଭ ମେଳାରେ ୬୬ କୋଟି ଲୋକଙ୍କର ସମାଗମ ହୋଇଥିଲା । ଚଳିତ ବର୍ଷର ସ୍ୱଚ୍ଛ ସର୍ବେକ୍ଷଣ କେବଳ ବଡ଼ ସହରଗୁଡ଼ିକ ପାଇଁ ଢାଞ୍ଚାକୁ ବ୍ୟବସ୍ଥିତ ଏବଂ ସୁଗମ କରିନାହିଁ, ବରଂ ଛୋଟ ସହରଗୁଡ଼ିକ ପାଇଁ ଏହାକୁ ସରଳ କରିଛି । ଏସବୁ ସହରଗୁଡ଼ିକୁ ପ୍ରତିଯୋଗିତା କରିବା ଏବଂ ସ୍ୱଚ୍ଛତାର ସିଡ଼ି ଚଢ଼ିବାକୁ ଉତ୍ସାହିତ କରିଛି । ସର୍ବେକ୍ଷଣରେ ବଡ଼ ସହରଗୁଡ଼ିକ ସହିତ ଛୋଟ ସହରଗୁଡ଼ିକୁ ସମାନ ସୁଯୋଗ ମିଳିଛି । 'ଗୋଟିଏ ସହର, ଗୋଟିଏ ପୁରସ୍କାର' ନୀତି ଅନୁସରଣ କରି ପ୍ରତ୍ୟେକ ରାଜ୍ୟର ଶ୍ରେଷ୍ଠ ପ୍ରଦର୍ଶନକାରୀ ସହରଗୁଡ଼ିକୁ ପ୍ରତିଶ୍ରୁତିବଦ୍ଧ ସ୍ୱଚ୍ଛ ସହର ଭାବରେ ସ୍ୱୀକୃତି ଦିଆଯାଇଥିଲା । ବିଭିନ୍ନ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ମୋଟ ୩୪ ସହର ପୁରସ୍କାର ହାସଲ କରିଛନ୍ତି । ଏହା ସହରାଞ୍ଚଳ ସ୍ୱଚ୍ଛତା ଏବଂ ପରିମଳ ଉତ୍କୃଷ୍ଟତାରେ ସେମାନଙ୍କର ଉଲ୍ଲେଖନୀୟ ପ୍ରଗତିକୁ ପ୍ରଦର୍ଶନ କରିଛି । ଏହି କାର୍ଯ୍ୟକ୍ରମରେ ଉଦବୋଧନ ଦେଇ, ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ "ରିଡ୍ୟୁସ୍ (ହ୍ରାସ), ରିୟୁଜ୍(ପୁନଃବ୍ୟବହାର), ରିସାଇକ୍ଲିଂ(ପୁନଃଚକ୍ରଣ) (ଥ୍ରୀ ଆର)" ପଦ୍ଧତିକୁ ପ୍ରୋତ୍ସାହିତ କରିବା ପାଇଁ ମନ୍ତ୍ରଣାଳୟକୁ ପ୍ରଶଂସା କରିଛନ୍ତି । ସେ କହିଥିଲେ, ୱେଷ୍ଟ ଇଜ୍ ବେଷ୍ଟ (ବର୍ଜ୍ୟ ହିଁ ସମ୍ପଦ) ମନ୍ତ୍ର ଚକ୍ରାକାର ଅର୍ଥବ୍ୟବସ୍ଥାକୁ ସୁଦୃଢ଼ କରିଥାଏ । ସେ ଯୁବପିଢ଼ିଙ୍କୁ ସଶକ୍ତ କରିବା, ସବୁଜ ନିଯୁକ୍ତି ସୃଷ୍ଟି କରିବା ଏବଂ ଉଦ୍ୟୋଗ ସୁଯୋଗ ସୃଷ୍ଟି କରିବା, ଏସଏଚଜି ଗୁଡ଼ିକୁ ସାମିଲ କରିବାରେ ଏହାର ଭୂମିକା ଉପରେ ଆଲୋକପାତ କରିଥିଲେ । ସହରଗୁଡ଼ିକ ଆମର ସ୍ୱଭାବ ଏବଂ ସଂସ୍କାରର ଅଂଶ ଭାବରେ ଏକ ଚକ୍ରାକାର ଅର୍ଥବ୍ୟବସ୍ଥା ଏବଂ ସ୍ୱଚ୍ଛତାର ନୀତିକୁ ଗ୍ରହଣ କରିବା ଖୁସିର ବିଷୟ ବୋଲି ରାଷ୍ଟ୍ରପତି କହିଥିଲେ । ସେ ୧ ଲକ୍ଷ ଜନସଂଖ୍ୟାରୁ କମ୍ ସହରଗୁଡ଼ିକୁ ପ୍ରଶଂସା କରିଥିଲେ ଯେଉଁଗୁଡ଼ିକ ସ୍ୱଚ୍ଛତାର ଉତ୍କୃଷ୍ଟ ମାନଦଣ୍ଡ ସ୍ଥାପନ କରିଛନ୍ତି । ବିଦ୍ୟାଳୟ ସ୍ତରରେ ହସ୍ତକ୍ଷେପ, ଉତ୍ସ ପୃଥକୀକରଣ ଷ୍ଟାର୍ଟଅପ୍ ପାଇଁ ପଦକ୍ଷେପ, ଶୂନ୍ୟ ଅପଚୟ କଲୋନୀ ଆଦି ପ୍ରୟାସ କିପରି ସ୍ୱଚ୍ଛ ଭାରତ ପାଇଁ ସଂକଳ୍ପକୁ ଆହୁରି ମଜବୁତ କରୁଛି ତାହାକୁ ରାଷ୍ଟ୍ରପତି ପ୍ରଶଂସା କରିଥିଲେ । ୨୦୪୭ ସୁଦ୍ଧା ବିକଶିତ ଭାରତ ସାରା ବିଶ୍ୱ ପାଇଁ ଉଦାହରଣ ପାଲଟିବ ବୋଲି ଶେଷରେ ସେ ଆଶା ପ୍ରକାଶ କରିଥିଲେ । ସ୍ୱଚ୍ଛ ସହର ସହଭାଗୀତା ପ୍ରୟାସର ଶୁଭାରମ୍ଭ କରି କେନ୍ଦ୍ର ମନ୍ତ୍ରୀ ମନୋହର ଲାଲ ସମକକ୍ଷ ଶିକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ । ସେ କହିଥିଲେ ଯେ ସବୁ ଜନସଂଖ୍ୟା ବର୍ଗର ସମସ୍ତ ୭୮ଟି ଶ୍ରେଷ୍ଠ ପ୍ରଦର୍ଶନକାରୀ ସହର ସମ୍ପୃକ୍ତ ରାଜ୍ୟରୁ ଗୋଟିଏ ଲେଖାଏଁ ଖରାପ ପ୍ରଦର୍ଶନକାରୀ ସହରକୁ ଗ୍ରହଣ କରିବେ ଏବଂ ସ୍ୱଚ୍ଛତା ପାଇଁ ପରାମର୍ଶ ଦେବେ । ବ୍ୟାପକ ଅଳିଆଗଦା ପ୍ରତିକାର କାର୍ଯ୍ୟକ୍ରମ କାର୍ଯ୍ୟକ୍ରମ ଘୋଷଣା କରି କେନ୍ଦ୍ରମନ୍ତ୍ରୀ କହିଥିଲେ, ୧୫ ଅଗଷ୍ଟ, ୨୦୨୫ରୁ ଆରମ୍ଭ ହେଉଥିବା ଏହି ୧ ବର୍ଷର ସ୍ୱତନ୍ତ୍ର କାର୍ଯ୍ୟକ୍ରମ କେବଳ ପୁରୁଣା ବର୍ଜ୍ୟବସ୍ତୁ ପରିଚାଳନାକୁ ତ୍ୱରାନ୍ୱିତ କରିବାରେ ସହାୟକ ହେବ ନାହିଁ ବରଂ ବଡ଼ ସହରାଞ୍ଚଳ ସ୍ଥାନକୁ ମୁକ୍ତ କରିବାରେ ସାହାଯ୍ୟ କରିବ । ଏଥିସହିତ ବୈଜ୍ଞାନିକ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ କ୍ଷମତାକୁ ମଧ୍ୟ ବୃଦ୍ଧି କରିବ ।

# ତହସିଲଦାର ଭଲ, ହେଲେ କିରାଣୀ ମଦୁଆ ଦ୍ୱାଚର

**ଭଦ୍ରକ :** ଦକ୍ଷ ତହସିଲଦାର ଭଲ ହେଲେ କିରାଣୀ ବଡ଼ ଚୋର ବୋଲି ଚର୍ଚ୍ଚା ଜୋର ଧରିଛି । ଚାନ୍ଦବାଲି ତହସିଲରୁ ଭଦ୍ରକ ତହସିଲକୁ ଆସିଥିବା କିରାଣୀ କମଳାକାନ୍ତ ଗିରି ଯେବେ ଠାରୁ ଆସିଲେଣି ସେବେଠାରୁ ସେ ସବୁ ଅନିୟମିତତା କରି ଚାଲିଛନ୍ତି । ସକାଳୁ ରାତି ପର୍ଯ୍ୟନ୍ତ ମଦ ପିଇ ଅଫିସକୁ ଏକ ମଧୁଶାଳାରେ ପରିଣତ କରିଥିବା ନେଇ ଅନେକ ଅଭିଯୋଗ ଆସୁଛି । ଏହାର ପ୍ରମାଣ ପାଇଲା ପରେ ଭଦ୍ରକ ଜିଲ୍ଲା ସୂଚନା ଅଧିକାର ଅଭିଯାନର ସମ୍ପାଦକ ତଥା ସାମ୍ବାଦିକ ବିକାଶ କୁମାର ଧଳ, ସଭାପତି ପ୍ରକାଶ ଜେନା, ସଂଯୋଜକ ବିପ୍ଳବ ହୋତା ପ୍ରମୁଖ ଏ ବିଷୟ ବୁଝିବାକୁ ଯାଇ ଯାହା ବୁଝିଲେ ସେଥିରୁ ଜଣାପଡିଲା ଅଭିଯୋଗ ହେଉଥିବା ଘଟଣାରେ ସତ୍ୟତା ରହିଛି । ମାତ୍ର ୩ ମାସ ପାଇଁ ସ୍ଥାନୀୟ ତହସିଲଦାର ସଂଗ୍ରାମ ପ୍ରିୟଦର୍ଶୀ ଖୁଣ୍ଟିଆ ଟ୍ରେନିଂ ପାଇଁ ଛୁଟିରେ ରହିବା କାରଣରୁ କମଳାକାନ୍ତ ନିଜର କଳାକାରନାମା ବଢ଼ାଇ ଚାଲିଲା । ଏହି କିରାଣୀ ଜଣକ ସାଧାରଣ ବର୍ଗର ଲୋକଙ୍କୁ ଏସସି/ ଏସଟି ସାର୍ଟିଫିକେଟ କରେଇଦେବା ପାଇଁ ପ୍ରଚୁର ଅର୍ଥ ଲାଞ୍ଚ ଆକାରରେ



GOVERNMENT OF ODISHA

ନେଉଛନ୍ତି । ହେଲେ ତହସିଲଦାର ମହୋଦୟ ଜାଣିବା ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ସୂଚନା ଅଧିକାର ଟିମ୍‌କୁ କହିଛନ୍ତି । କମଳାକାନ୍ତଙ୍କ ଭଳି ଜଣେ ମଦ୍ୟପ କିଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଦାୟିତ୍ୱ ପାଇଲେ ତାହାକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଯଦି ଉପରିସ୍ଥ ଅଧିକାରୀ ଏଭଳି ଦ୍ୱାଚର କିରାଣୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନନେବେ ତେବେ ଆଗାମୀ ଦିନରେ ଏହାକୁ ନେଇ ଆନ୍ଦୋଳନ ଜୋରଦାର କରାଯିବ । ତେଣୁ ବିଭାଗୀୟ କର୍ତ୍ତୃପକ୍ଷ ଘଟଣାର ସତ୍ୟାସତ୍ୟ ଅନୁସନ୍ଧାନ କରନ୍ତୁ ବୋଲି ସାଧାରଣରେ ଦାବି ଜୋର ଧରିଛି ।

# ଭାରତୀୟ ତଟ ରକ୍ଷକ ଦ୍ୱାରା ପାରାଦୀପ ଠାରେ ପ୍ରଦୂଷଣ ପ୍ରତିକ୍ରିୟା ସମ୍ମିଳନୀ



**ପାରାଦୀପ :** ଭାରତୀୟ ତଟ ରକ୍ଷକ ଜିଲ୍ଲା ମୁଖ୍ୟାଳୟ, ନମ୍ବର- ୭, ଓଡ଼ିଶା ଦ୍ୱାରା ଓଡ଼ିଶାର ସମସ୍ତ ହିତାଧିକାରୀ ସଂଗଠନ ଗୁଡିକ ପାଇଁ ୧୫ ଓ ୧୬ ଜୁଲାଇ ୨୫ ତାରିଖରେ ପାରାଦୀପ ଠାରେ ଦ୍ୱି ଦିବସୀୟ ପ୍ରଦୂଷଣ ପ୍ରତିକ୍ରିୟା କାର୍ଯ୍ୟଶାଳା ଓ ଟେବୁଲ ଟପ୍ ଅଭ୍ୟାସ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପାରାଦୀପ ବନ୍ଦର ପ୍ରାଧିକରଣ, ଧାମରା ବନ୍ଦର, ଗୋପାଳପୁର ବନ୍ଦର, ବିପିସିଏଲ୍, ଏଚ୍‌ପିସିଏଲ୍, ଆଇଓସିଏଲ୍, ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ରାଜ୍ୟ ଆପତ୍କାଳୀନ ପରିଚାଳନା ପ୍ରାଧିକରଣ ସହିତ ଅନ୍ୟାନ୍ୟ ସଂଗଠନର ପ୍ରତିନିଧିମାନେ ଉପସ୍ଥିତ ଥିଲେ । ଭାରତୀୟ ତଟ ରକ୍ଷକ ଦେଶରେ ସମୁଦ୍ର ତଟ ଉପରେ ଘଟୁଥିବା ତୈଳ ପ୍ରଦୂଷଣ ସହ ପ୍ରତିରୋଧ କାର୍ଯ୍ୟ ପାଇଁ ମୁଖ୍ୟ ନୋଡାଲ୍ ସଂଗଠନ ଭାବରେ କାର୍ଯ୍ୟ କରୁଛି । ଏହି କାର୍ଯ୍ୟଶାଳାର ଉଦ୍ଦେଶ୍ୟ ହେଉଛି ବିଭିନ୍ନ ଏଜେନ୍ସିଙ୍କ ମଧ୍ୟରେ ସହଯୋଗ, ପ୍ରସ୍ତୁତି ଓ ସମନ୍ୱୟକୁ ଶକ୍ତିଶାଳୀ କରିବା, ଯାହା ଦ୍ୱାରା ଓଡ଼ିଶାର ସମୁଦ୍ର ତଟକୁ ପ୍ରଦୂଷଣରୁ ସୁରକ୍ଷା ଦିଆଯିବା । ଏହି କାର୍ଯ୍ୟକ୍ରମର ଉଦ୍ଘାଟନ କରିଥିଲେ ଭାରତୀୟ ତଟ ରକ୍ଷକ ଓଡ଼ିଶାର ଜିଲ୍ଲା କମାଣ୍ଡର । ସେ ସମସ୍ତ ଏଜେନ୍ସିଙ୍କୁ ସ୍ୱାଗତ ଓ ଧନ୍ୟବାଦ ଜଣାଇଥିଲେ ଓ କହିଥିଲେ ଯେ, ଏହି ପ୍ରକାର କାର୍ଯ୍ୟକ୍ରମ ଦ୍ୱାରା ସମସ୍ତ ହିତାଧିକାରୀ ମାନଙ୍କ ମଧ୍ୟରେ ସମନ୍ୱୟ, ପ୍ରସ୍ତୁତି ଓ ପ୍ରତିକ୍ରିୟା କ୍ଷମତା ବୃଦ୍ଧି ପାଇବ । ଏହା ଭବିଷ୍ୟତରେ ସମୁଦ୍ର ତଟ ପ୍ରଦୂଷଣ କୁ ପ୍ରତିହତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ । ପ୍ରଥମ ଦିନର କାର୍ଯ୍ୟକ୍ରମରେ ବିଭିନ୍ନ ସଂଗଠନ ପକ୍ଷରୁ ସମ୍ପୃକ୍ତ ବିଷୟରେ ପ୍ରସ୍ତୁତି କରଣ ଓ ଆଲୋଚନା କରାଯାଇଥିଲା । ଦ୍ୱିତୀୟ ଦିନ ଟେବୁଲ ଟପ୍ ଅଭ୍ୟାସ ପରେ ପ୍ରାକ୍ଟିକାଲ୍ ପ୍ରଦୂଷଣ ପ୍ରତିକ୍ରିୟା ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା, ଯାହା ଭାରତୀୟ ତଟ ରକ୍ଷକ ଜାହାଜ 'ବିଜୟା' ଓ ପାରାଦୀପ ବନ୍ଦର ପ୍ରାଧିକରଣ ର ଜାହାଜ 'ଓସେନ ଏଲିଗାନସ' ରେ କରାଯାଇଥିଲା । ଏହି ପ୍ରକାର କାର୍ଯ୍ୟକ୍ରମ ରାଜ୍ୟର ସମୁଦ୍ର ତଟକୁ ପ୍ରଦୂଷଣରୁ ସୁରକ୍ଷିତ ରଖିବା ଓ ସମନ୍ୱିତ ପ୍ରତିକ୍ରିୟା କ୍ଷମତାକୁ ବୃଦ୍ଧି କରିବାରେ ଏକ ଦୃଢ ପଦକ୍ଷେପ ଭାବରେ ଦୃଷ୍ଟିଗୋଚର ହୋଇଛି ।

# ଅସ୍ତରଙ୍ଗ ବ୍ଲକ୍ କଂଗ୍ରେସର ଶାନ୍ତିପୂର୍ଣ୍ଣ ବନ୍ଦ ପାଳିତ

**ଅସ୍ତରଙ୍ଗ :** ପୁରୀଜିଲ୍ଲା ଅସ୍ତରଙ୍ଗ ବ୍ଲକ୍‌ରେ ୧୨ ଘଣ୍ଟିଆ ଓଡିଶା ବନ୍ଦ ଶାନ୍ତି ପୂର୍ଣ୍ଣ ଭାବେ ପାଳିତ ହୋଇଥିଲା । ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ଡାକରାରେ ଓଡିଶା ପ୍ରଦେଶ କଂଗ୍ରେସ କମିଟି ଆହ୍ୱାନ କ୍ରମେ ଫକୀର ମୋହନ ବିଶ୍ୱ ବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶି ଯେପରି ଭାବେ ବିଶ୍ୱବିଦ୍ୟାଳୟ ପରିସରରେ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଆତ୍ମହତ୍ୟା କରିଛନ୍ତି । ସେ ଛାତ୍ରୀ ଜଣଙ୍କ ସମସ୍ତ ପ୍ରଶାସନିକ ଅଧିକାରୀ ଓ ପଦବୀରେ ଅଧିଷ୍ଠିତ ରାଜନୈତିକ ବ୍ୟକ୍ତି ତଥା ସାଂସଦ, ବିଭାଗୀୟ ମନ୍ତ୍ରୀ ଓ ବିଧାୟକଙ୍କୁ ଅବଗତ କରାଇବା ପରେ ମଧ୍ୟ କୌଣସି ପଦକ୍ଷେପ ନନେବାରୁ ସୌମ୍ୟାଶ୍ରୀ ବିଶି ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଆତ୍ମହତ୍ୟା କରିଥିବାରୁ ରାଜ୍ୟ କଂଗ୍ରେସର ଡାକରାରେ ବ୍ଲକ୍ କଂଗ୍ରେସ ନେତା ସୁକାନ୍ତ କୁମାର ମହାନ୍ତିଙ୍କ ନେତୃତ୍ୱରେ ବିଧାୟକ ପ୍ରାର୍ଥୀ ବିଶ୍ୱଭୂଷଣ ଦାସ ଅସ୍ତରଙ୍ଗ ବଜାର ସ୍ଥିତ ତାରିଣୀ ମନ୍ଦିର ଠାରୁ ଶୋଭାଯାତ୍ରାରେ ଯାଇ ଅସ୍ତରଙ୍ଗ ବ୍ଲକ୍ ଓ ତହସିଲ କାର୍ଯ୍ୟାଳୟ କୁ ଯାଇ ବନ୍ଦ କରିଥିଲେ ଓ ଏହାର ପ୍ରତିବାଦ କରିବା ସହ ଛାତ୍ରୀଙ୍କୁ ନ୍ୟାୟ ପ୍ରଦାନ ଦାବିରେ ଅସ୍ତରଙ୍ଗ ମୁଖ୍ୟାଳୟରେ ବିକ୍ଷୋଭ ପଦର୍ଶନ କରି ଥିବା ବେଳେ



ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା । ପୂର୍ବତନ ଜୋନ ସଭାପତି ବିକାଶ ବାରିକ୍‌ଙ୍କ ନେତୃତ୍ୱରେ ସମସ୍ତ ସ୍କୁଲ୍, କଲେଜ ଓ ସମସ୍ତ ସରକାରୀ ପ୍ରତିଷ୍ଠାନକୁ କଂଗ୍ରେସ କର୍ମୀମାନଙ୍କୁ ନେଇ ପିକେଟିଙ୍ଗ କରି ବନ୍ଦ କରିଥିବା ବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟ ବଂଶୀ ସୁରଜଙ୍କ ଇସ୍ତଫା ଦାବି କରିଥିଲେ । ଏହି ବନ୍ଦକୁ ସମର୍ଥନ କରି ସିପିଆଇର ବ୍ଲକ୍ ନେତା ସୁରେଶ ବିଶ୍ୱାଳଙ୍କ ନେତୃତ୍ୱରେ କର୍ମୀମାନେ ଯୋଗଦେଇ ବନ୍ଦରେ ସାମିଲି ହୋଇଥିଲେ । ଏହି ବନ୍ଦକୁ ଜନସାଧାରଣଙ୍କ ପକ୍ଷରୁ ସମ୍ପୂର୍ଣ ସମର୍ଥନ ଥିବା ବ୍ଲକ୍ କଂଗ୍ରେସ ନେତା ତୃଷାର କୁମାର ନାୟକ କହିଛନ୍ତି । ଅନ୍ୟ ମାନଙ୍କ ମଧ୍ୟରେ ପ୍ରତାପ କୁମାର ଖୁଣ୍ଟିଆ, ରାଜା ସ୍ୱାଇଁ, ଖିରୋଦ ବିଶ୍ୱାଳ, ଦୀନବନ୍ଧୁ ବେହେରାଙ୍କ ସମେତ ଛାତ୍ର କଂଗ୍ରେସ ନେତା ଓ ଯୁବ କଂଗ୍ରେସ ସମେତ ତିନିଶହରୁ ଉର୍ଦ୍ଧ୍ୱ କଂଗ୍ରେସ କର୍ମୀ ଅଂଶଗ୍ରହଣ କରି ବନ୍ଦ ପାଳନର ସାମିଲି ହୋଇଥିଲେ ।



# ରଥ ଖୋଲା ପରମ୍ପରା



ପ୍ରେମାନନ୍ଦ ପାଣିଗ୍ରାହୀ



କ୍ଷେତ୍ର ମଧ୍ୟରେ ଶ୍ରେଷ୍ଠ କ୍ଷେତ୍ର ହେଉଛି ଶ୍ରୀକ୍ଷେତ୍ର। ଯାତ୍ରା ମଧ୍ୟରେ ଶ୍ରେଷ୍ଠ ଯାତ୍ରା ହେଉଛି ମହାପ୍ରଭୁଙ୍କ ରଥଯାତ୍ରା ବା ଶ୍ରୀଗୁଣ୍ଡିଚା ଯାତ୍ରା। କାଳିଆ ସାଆନ୍ତ ବିଶ୍ୱର ଏକମାତ୍ର ଦେବତା, ଯିଏ ବରଷକେ ଥରେ ଭକ୍ତ ପାଇଁ ରତ୍ନବେଦୀରୁ ଓହ୍ଲାଇ ଆସନ୍ତି ବଡଦାଣ୍ଡକୁ। ଭକ୍ତକୁ କୋଳେଇ ନିଅନ୍ତି ନିଜ ବିଶାଳ ବାହୁରେ। ଭକ୍ତ ଓ ଭଗବାନ ଏକ ହୋଇଯାଇଥାନ୍ତି। ବଡଦାଣ୍ଡରେ ଜାତି ଅଜାତି, ବଡ ସାନର ସ୍ଥାନ ନଥାଏ, ଥାଏ କେବଳ ଭକ୍ତି ଓ ପ୍ରେମ । ରଥ ଉପରେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କଲେ ପୁନର୍ଜନ୍ମ ହୁଏ ନାହିଁ ବୋଲି ଯୁଗଯୁଗ ଧରି ବିଶ୍ୱାସ ରହିଆସିଛି। କୋଟି କୈବଲ୍ୟନାଥ ରଥରେ ବିଜେ କରୁଥିବାରୁ ରଥ ଗଢିବା ପାଇଁ ସ୍ୱତନ୍ତ୍ର ବିଧିବିଧାନକୁ ଅନୁକରଣ କରାଯାଏ । ମନ୍ତ୍ର ଓ ହୋମ ଆଦିରେ କାଠ ଅଭିମନ୍ତ୍ରିତ ହୋଇ ରଥ ନିର୍ମାଣ ଆରମ୍ଭ ହୁଏ । ତିନି ରଥ ନିର୍ମାଣ ପାଇଁ 'ରଥ ସଂହିତା' ରହିଛି । ଏଥିରେ ଆବଶ୍ୟକ ହେଉଥିବା କାଠର ମାପ ଓ ମାନ ନିର୍ଦ୍ଧାରିତ କରାଯାଇଛି। ରଥରେ କାଠ ବ୍ୟତିତ ଅନ୍ୟ କୌଣସି ସାମଗ୍ରୀ ବ୍ୟବହାର କରାଯାଏ ନାହିଁ । ରଥ ନିର୍ମାଣରେ ନୟାଗଡ ବନଖଣ୍ଡରୁ ୭୯୦ ଖଣ୍ଡ ଅସନ ଓ ଧଉରା,୭୨ ଖଣ୍ଡ ଫାସି ଓ ୩ ଖଣ୍ଡ ଶିମୁଳି କାଠ ଆସିଥାଏ। ଖୋର୍ଦ୍ଧା ବନଖଣ୍ଡରୁ ୨୧୪ ଖଣ୍ଡ କଞ୍ଚା କାଠ ଓ ୬୦ ଖଣ୍ଡ ବହ୍ଲ ଆସେ। ତିଥି



ଓ ପରମ୍ପରାକୁ ଆଧାର କରି ସମୟ ଅନୁସାରେ ରଥ ନିର୍ମାଣ କରାଯାଏ। ପରମ୍ପରା ଓ ବିଧି ଅନୁସାରେ ରଥ ତିଆରି କରିବା ଏବଂ ରଥକୁ ସଜାଇବାରେ ମୁଖ୍ୟ ନାୟକ ହେଉଛନ୍ତି ରଥକାର। ଏହି ରଥକାରମାନଙ୍କୁ ପ୍ରଥମେ ସାତଟି ଶ୍ରେଣୀରେ ବିଭକ୍ତ କରାଯାଉଥିଲା। ତେଣୁ ସେମାନଙ୍କୁ ସପ୍ତରଥକାର ବା ସପ୍ତନାୟକ ବୋଲି କୁହାଯାଏ। ଏହି ସପ୍ତ ରଥକାର ହେଲେ ୧.ମୁଖ୍ୟ ରଥକାର ୨.ଲୌହକାର ୩.ବୁଣାକାର ୪.ଛନ୍ଦାକାର ୫.ରୂପକାର ୬.ଚିତ୍ରକାର ୭.ସୂଚିକାର। ପରବର୍ତ୍ତୀ କାଳରେ ରଥ ନିର୍ମାଣର ସୁବିଧା ନିମନ୍ତେ ଏହି ସାତ ନିଯୋଗ ପରିଣତ ହେଲେ ୩୬ ନିଯୋଗରେ। ୩୬ ପ୍ରକାର ସେବକ ରଥ ନିର୍ମାଣ ସହିତ ସମ୍ପୃକ୍ତ ହେଲେ । ମହାପ୍ରଭୁଙ୍କ ରଥ ନିର୍ମାଣର ସ୍ୱତନ୍ତ୍ର ବିଧି ରହିଛି। କେଉଁଦିନ ରଥର କେଉଁ ଅଂଶ ନିର୍ମାଣ କରାଯିବ ତାହା ଏହି ବିଧି ଅନୁସାରେ କରାଯାଇଥାଏ। ରଥ ନିର୍ମାଣ ସଂହିତା ଅନୁଯାୟୀ ତିନି ରଥ ନିମନ୍ତେ ରଥ କାଠ ଚିହ୍ନଟ ଓ ସଂଗ୍ରହ କାର୍ଯ୍ୟ ନୟାଗଡ ଜିଲ୍ଲା ଗଣିଆ ବ୍ଲକର ଗଣିଆ ବନାଞ୍ଚଳରୁ କରାଯାଇଥାଏ। ପାରମ୍ପରିକ ପ୍ରଥା ଅନୁଯାୟୀ ମହାନଦୀ ବନ୍ୟପ୍ରାଣୀ ଡିଭିଜନ ଅଞ୍ଚଳରେ ଥିବା ବେଠିଆ ସାହି ଗ୍ରାମର ଜଗନ୍ନାଥ ମନ୍ଦିରରେ ପ୍ରଥମେ ପୂଜାର୍ଚ୍ଚନା କରାଯାଇଥାଏ । ପରେ ନିକଟବର୍ତ୍ତି ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତର ବଡମୂଳ ଗ୍ରାମରେ ବିଜେ କରିଥିବା ପ୍ରସିଦ୍ଧ ବଡରାଉଳ ଠାକୁରାଣୀଙ୍କ ପୀଠରେ ଶ୍ରୀମନ୍ଦିର ବିଧି ବ୍ୟବସ୍ଥା ଅନୁଯାୟୀ ଆନୁଷ୍ଠାନିକ ଭାବେ ହୋମ ଓ ପୂଜା କାର୍ଯ୍ୟ ସମ୍ପନ୍ନ କରାଯାଇଥାଏ । ମାଙ୍କ ଆଶୀର୍ବାଦ ନେଇ ରଥ କାଠ ଚିହ୍ନଟ କରାଯାଏ । ଶ୍ରୀପଞ୍ଚମୀ ପୂର୍ବରୁ ସମସ୍ତ କାଠ ରଥ ଖଳାରେ ପହଞ୍ଚିବାର ବିଧି ରହିଛି। ବସନ୍ତ ପଞ୍ଚମୀରେ ରଥଖଳାରେ ୧୨ଫୁଟିଆ ତିନି ଖଣ୍ଡ ଧଉରା କାଠ ପୂଜା କରାଯାଇ ରଥକାଠ ଅନୁକୂଳ କରାଯାଇଥାଏ । ଶ୍ରୀରାମ ନବମୀ ଦିନ ତିନି ରଥ ନିର୍ମାଣ ଲାଗି କାଠ ଚିରଟ ଅନୁକୂଳ ହେବାର ପରମ୍ପରା ରହିଛି । କଟକ ଖପୁରିଆକରତ କଳରେ ପୂଜାର୍ଚ୍ଚନା କରାଯିବା ପରେ ୩ ଖଣ୍ଡ ବାର ଫୁଟିଆ ଧଉରା କାଠ ଚିରଟ ଅନୁକୂଳ କରାଯାଏ। ଅକ୍ଷୟ ତୃତୀୟାରେ ରଥ ନିର୍ମାଣର ଶୁଭାରମ୍ଭ କରାଯାଇଥାଏ। ସେଦିନ ଶ୍ରୀଜିଉଙ୍କ ଶ୍ରୀଅଙ୍ଗଲାଗି ଆଜ୍ଞାମାଳ ସହ ତିନି ଜଣ ପୂଜାପଣ୍ଡା ସେବକ ରଥଖଳାକୁ ଯାଇଥାନ୍ତି । ତିନି ଖଣ୍ଡ ଧଉରା କାଠକୁ ବିଧିବିଧାନ ଅନୁଯାୟୀ ଧୁଆଯାଇ ସେଠାରେ ରଖାଯିବା ସହ ବନଯାଗ ପଦ୍ଧତିରେ ହୋମ କାର୍ଯ୍ୟ କରାଯାଏ । ରଥ ନିର୍ମାଣକାରୀ ବିଶ୍ୱକର୍ମା ମହାରଣା,ରୂପକାର, ଓଝା ଏବଂ ଭୋଇ ସେବକ ମାନଙ୍କୁ ଶାଢୀବନ୍ଧା ନୀତି ପାଟଯୋଶୀ ମହାପାତ୍ର କରିଥାନ୍ତି । ପରେ ତିନି ରଥର ମୁଖ୍ୟ ମହାରଣାଙ୍କ ଦ୍ୱାରା ଅନୁକୂଳ ନୀତି ସମ୍ପନ୍ନ ହୋଇଥାଏ । ଅକ୍ଷୟ ତୃତୀୟାରେ ରଥ ନିର୍ମାଣ ଆରମ୍ଭ ହୋଇ ପ୍ରାୟ ୫୭ ଦିନ ପରେ ସମ୍ପୂର୍ଣ୍ଣ ହୁଏ । ଫାସୀ କାଠରେ ରଥର ଚକ ନିର୍ମାଣ କରାଯାଇଥାଏ । ବାକି ଅଂଶଗୁଡିକ ଧଉରା, ସାହାଜ, ଉପର କାମକୁ ମଇ ଓ ଶିମିଳି କାଠ ଦରକାର ହୁଏ । ପାରା ଭାଡି ଓ ଦଧିନଉତି ପାଇଁ କଞ୍ଚା କାଠ ଲୋଡା ହୁଏ । ନବଯୌବନ ଦର୍ଶନ ଦିନ ରଥଗୁଡିକୁ ସିଂହଦ୍ୱାର ସମ୍ମୁଖକୁ ଅଣାଯାଇଥାଏ। ସରକାରୀ ଫିଟନେସ୍ ସାଟିଫିକେଟ ମିଳିଲେ ବଡଦାଣ୍ଡରେ ରଥ ଗଡେ। ବ୍ରିଟିଶ ଅମଳରୁ ଏହି ପ୍ରଥା ଚାଲି ଆସିଛି। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପୂର୍ତ୍ତ ବିଭାଗ ଯନ୍ତ୍ରୀଙ୍କ ନାମରେ ୫୦ ଟଙ୍କାର ଚାଲାଣ କଟାଯାଏ।

କ୍ଷେତ୍ର ମଧ୍ୟରେ ଶ୍ରେଷ୍ଠ କ୍ଷେତ୍ର ହେଉଛି ଶ୍ରୀକ୍ଷେତ୍ର। ଯାତ୍ରା ମଧ୍ୟରେ ଶ୍ରେଷ୍ଠ ଯାତ୍ରା ହେଉଛି ମହାପ୍ରଭୁଙ୍କ ରଥଯାତ୍ରା ବା ଶ୍ରୀଗୁଣ୍ଡିଚା ଯାତ୍ରା । କାଳିଆ ସାଆନ୍ତ ବିଶ୍ୱର ଏକମାତ୍ର ଦେବତା, ଯିଏ ବରଷକେ ଥରେ ଭକ୍ତ ପାଇଁ ରତ୍ନବେଦୀରୁ ଓହ୍ଲାଇ ଆସନ୍ତି ବଡଦାଣ୍ଡକୁ। ଭକ୍ତକୁ କୋଳେଇ ନିଅନ୍ତି ନିଜ ବିଶାଳ ବାହୁରେ । ଭକ୍ତ ଓ ଭଗବାନ ଏକ ହୋଇଯାଇଥାନ୍ତି। ବଡଦାଣ୍ଡରେ ଜାତି ଅଜାତି, ବଡ ସାନର ସ୍ଥାନ ନଥାଏ, ଥାଏ କେବଳ ଭକ୍ତି ଓ ପ୍ରେମ । ରଥ ଉପରେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କଲେ ପୁନର୍ଜନ୍ମ ହୁଏ ନାହିଁ ବୋଲି ଯୁଗଯୁଗ ଧରି ବିଶ୍ୱାସ ରହିଆସିଛି। କୋଟି କୈବଲ୍ୟନାଥ ରଥରେ ବିଜେ କରୁଥିବାରୁ ରଥ ଗଢିବା ପାଇଁ ସ୍ୱତନ୍ତ୍ର ବିଧିବିଧାନକୁ ଅନୁକରଣ କରାଯାଏ । ମନ୍ତ୍ର ଓ ହୋମ ଆଦିରେ କାଠ ଅଭିମନ୍ତ୍ରିତ ହୋଇ ରଥ ନିର୍ମାଣ ଆରମ୍ଭ ହୁଏ ।

ପ୍ରତି ବର୍ଷ ତିନୋଟି ରଥ ସମ୍ପୂର୍ଣ୍ଣ ଶିଳ୍ପ ଶାସ୍ତ୍ରୀୟ ପଦ୍ଧତିରେ ନିର୍ମାଣ କରାଯାଉଥିଲେ ହେଁ ପ୍ରତି ରଥରେ ଅଧିଷ୍ଠିତ ହେଉଥିବା ପାର୍ଶ୍ୱଦେବତାଙ୍କର ନିର୍ମାଣ ହୋଇନଥାଏ। କେବଳ ନବକଳେବର ବର୍ଷରେ ରୂପକାର ସେବକମାନେ ନିମ୍ବ କାଠରେ ମୋଟ ୨୭ଟି ପାର୍ଶ୍ୱ ଦେବଦେବୀଙ୍କର ବିଗ୍ରହ ନିର୍ମାଣ କରିଥାନ୍ତି। ପ୍ରତିବର୍ଷ ରଥଯାତ୍ରା ପୂର୍ବରୁ ଚିତ୍ରକର ସେବକମାନେ ଏହି ମୂର୍ତ୍ତିଗୁଡିକୁ କେବଳ ରଙ୍ଗ କରିଥାନ୍ତି। ଆବଶ୍ୟକ ପଡିଲେ ରୂପକାର ସେବକଙ୍କ ଦ୍ୱାରା ଏହାର ମରାମତି କାର୍ଯ୍ୟ ହୋଇଥାଏ। ରଥଯାତ୍ରାର ଦୁଇଦିନ ପୂର୍ବରୁ ପ୍ରତି ରଥରେ ନଅଟି ଲେଖାଏଁ ପାର୍ଶ୍ୱ ଦେବତାଙ୍କୁ ଅଧିଷ୍ଠିତ କରାଯାଏ। ମହାପ୍ରଭୁଙ୍କ ନିଳାଦ୍ରୀ ବିଜେ ପରେ ରଥ କରବକ୍ଷବ କାର୍ଯ୍ୟ ଆରମ୍ଭ ହୁଏ। ରଥ ନିର୍ମାଣରେ ଭୋଇ ସେବକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ରଥର ପରିଶ୍ରମ କାମ ଯଥା କାଠ ବୁହାବୁହି ଠୁ ଆରମ୍ଭ କରି ଚାରମାଳ ବାନ୍ଧିବା ଓ ଯାତ୍ରା ଶେଷରେ ରଥ ଖୋଲା କାମ ଏମାନେ କରିଥାନ୍ତି। ନିଳାଦ୍ରୀ ବିଜେ ପରେ ରଥ ଭଙ୍ଗା କାର୍ଯ୍ୟ ଆରମ୍ଭ ହୁଏ। ରଥ ଭଙ୍ଗା କାର୍ଯ୍ୟରେ ଭୋଇ ସେବକମାନଙ୍କର ବିଶେଷ ଭୂମିକା ରହିଛି। ଭୋଇ ସେବକମାନଙ୍କୁ କୋଠସୁଆଁସିଆ ସେବକ ସହଯୋଗ କରନ୍ତି । ଘୋଷଯାତ୍ରରେ ସାମିଲ ରଥର ସମସ୍ତ ଅଂଶବିଶେଷର ଗୁରୁତ୍ୱ ରହିଛି। ପୂର୍ବରୁ ଭଙ୍ଗା ରଥାଂଶଗୁଡିକ ଏଣେତେଣେ ବେପରୁଆ ଭାବେ ରଖାଯାଉଥିଲା। କେତେକ ରଥାଂଶ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ତ ଆଉ କେତେକ ଅଂଶ ଦୋଳବେଦୀ ସହ ଗୁଣ୍ଡିଚା ମନ୍ଦିରରେ ରଖାଯାଉଥିଲା। ବିଶେଷ କରି ଗୁଣ୍ଡିଚା ମନ୍ଦିର ପରିସରରେ ଦୀର୍ଘ ବର୍ଷ ଧରି ପୁରୁଣା ରଥ ଚକ ପଡି ରହି ଖରା,ବର୍ଷାରେ ଏହାର ସ୍ଥିତି ଦୟନୀୟ ହୋଇ ଯାଉଥିଲା । ପରବର୍ତ୍ତି ସମୟରେ ଏହାକୁ ଏକକାଳୀନ ନିଲାମ କରାଯାଇ ଭକ୍ତଙ୍କୁ ଯୋଗାଇ ଦିଆଯାଉଥିଲା। ତେବେ ରଥ ନିର୍ମାଣ ସାମଗ୍ରୀ ରହିବା ପାଇଁ ସ୍ୱତନ୍ତ୍ର ଜାଗା ନଥିବାରୁ ରଥର ଅନ୍ୟ ଅଂଶଗୁଡିକ ପୁରୁଯୋତ୍ତମ ଭକ୍ତ ନିବାସ ପଛ ପାର୍ଶ୍ୱରେ ରଖାଯାଉଥିଲା। ଏହା ବ୍ୟତୀତ ରଥ ଘୋଡା,ପାର୍ଶ୍ୱ ଦେବଦେବୀ, ଶୁଆ,ଅଂଳା ଆଦି ଭିନ୍ନଭିନ୍ନ ସ୍ଥାନରେ ରଖାଯାଏ। ଏସବୁ ପ୍ରତି ବର୍ଷ ଗଢାଯାଏ ନାହିଁ। ବରଂ ପୁରୁଣା ଲଗାଯାଇ ଥାଏ । ଗୁଣ୍ଡିଚା ମନ୍ଦିର ପରିସରରେ ରଥ ଘୋଡା ରଖାଯାଏ । ନରେନ୍ଦ୍ର ମହଲା ନିକଟରେ ପାର୍କିଂ ପରିସରରେ ରଥ ସାରଥୀଙ୍କୁ ରଖାଯାଏ। ପାର୍ଶ୍ୱ ଦେବଦେବୀ ଓ ଶୁଆ ଆଦିଙ୍କୁ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ରଖାଯାଏ। ରଥର ପ୍ରତିଟି ଅଂଶକୁ ଲୋକେ ଭକ୍ତିପୂତ ଭାବେ ଛୁଇଁ ମୁଣ୍ଡିଆ ମାରି ଆଶୀର୍ବାଦ ନେଉଥିବାରୁ ଏସବୁକୁ ଏଣେତେଣେ ନରଖି ଗୋଟିଏ ସ୍ଥାନରେ ରଖିବାକୁ ଦାବୀ ହୋଇ ଆସୁଥିଲା । ପାର୍ଶ୍ୱ ଦେବତାଙ୍କ ଠାରୁ ରଥ ଚକ ପର୍ଯ୍ୟନ୍ତ ଗୋଟିଏ ସ୍ଥାନରେ ରଖାଯିବା ପାଇଁ ଚଳିତ ବର୍ଷ ପୁରୀ ସହରର ମଶାଣିଚଣ୍ଡୀ ଠାରେ ନିର୍ମାଣ ହୋଇଛି ରଥ ଗୋଦାମ। 'ଅବଢା' ଯୋଜନାରେ ପ୍ରାୟ ୮.୯ କୋଟି ଟଙ୍କା ବ୍ୟୟରେ ୧୨ ହଜାର ୫୦୦ ବର୍ଗ ଫୁଟ ବିସ୍ତୃତ ଅଞ୍ଚଳରେ ଏହା ନିର୍ମିତ ହୋଇଛି । ଓଡିଶା ସେତୁ ଓ ନିର୍ମାଣ ନିଗମ ଏହା ନିର୍ମାଣ କରିଛି। ରଥରେ ବ୍ୟବହୃତ ସାମଗ୍ରୀଗୁଡିକୁ ସମ୍ମାନର ସହ ସୁରକ୍ଷିତ ଭାବେ ରଖିବା ପାଇଁ ନୂତନ ଭାବେ ନିର୍ମିତ ହୋଇଛି ଏହି ରଥ ଗୋଦାମ ଗୃହ। ରଥ ଭଙ୍ଗାଯିବା ପରେ ଏହି ସ୍ୱତନ୍ତ୍ର ଗୋଦାମ ଗୃହରେ ବଳକା କାଠ, ସାରଥୀ, ଘୋଡା, ପାର୍ଶ୍ୱଦେବତା, ଅଂଳା, ଦଉଡି, ଗୁଜ, ଚକ, ଅସୁମାରି ଆଦି ସୁରକ୍ଷିତ ଓ ସମ୍ମାନର ସହ ରଖାଯିବ । ଯେଉଁ ଭକ୍ତମାନେ ରଥ ଦେଖିପାରୁନାହାନ୍ତି ଏବଂ ରଥର ବିଭିନ୍ନ ଅଂଶର ନାମ ଜାଣିବାକୁ ଉତ୍ସୁକ ସେମାନେ ଦେଖି ଜାଣିପାରିବେ।

ରଥ ଖୋଲା ହେବା ପରେ ପୂର୍ବରୁ ରଥଚକକୁ ଗୁଣ୍ଡିଚା ମନ୍ଦିରରେ ରଖାଯାଉଥିଲା। କିଛି ବର୍ଷ ପରେ ଶ୍ରୀମନ୍ଦିର ସହ ସମ୍ପର୍କିତ ସ୍ଥାନ ଓ ମନ୍ଦିରକୁ ରଥ ଚକ ପ୍ରଦାନ କରାଗଲା । ଏସବୁ ଭିତରେ ସୁରକ୍ଷିତ ସ୍ଥାନ ଅଭାବରୁ ଅନେକ ଚକ ବର୍ଷା,ଖରାରେ ନଷ୍ଟ ହେବା ଫଳରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଧର୍ମ, ସଂସ୍କୃତି ସହ ସମ୍ପର୍କିତ ଅନୁଷ୍ଠାନକୁ ଅର୍ଥ ଦେୟରେ ଚକ ଦେବାକୁ ଘୋଷଣା କରାଗଲା। ତେଣୁ ରଥର ବିଭିନ୍ନ ଅଂଶକୁ ନେବା ପାଇଁ ଭକ୍ତଙ୍କ ମଧ୍ୟରେ ବିଶେଷ ଆଗ୍ରହ ରହିଥାଏ। ଏହି ଆଗ୍ରହ ଗତ କିଛି ବର୍ଷ ହେଲା ଅଧିକ ମାତ୍ରାରେ ଦେଖିବାକୁ ମିଳୁଛି। ୧୯୯୬ ନବକଳେବର ସମୟରେ ବୈଦ୍ୟୁତିକ ଗଣମାଧ୍ୟମରେ ଦର୍ଶକମାନେ ନବକଳେବର ଯାତ୍ରା ଓ ତାର ବିଧିବିଧାନ ଜାଣିଲେ। ରଥ ଚକ ଓ ରଥର ଅନ୍ୟାନ୍ୟ ଅଂଶ କ୍ରୟ କରିବା ପାଇଁ ଭକ୍ତଙ୍କ ଆଗ୍ରହ ବଢିଲା। ୨୦୧୭ ମସିହା ପରେ ଶ୍ରୀମନ୍ଦିର ପ୍ରଶାସନ ନିକଟରେ ୧୪୦ଟି ରଥ ଚକ ବିକ୍ରି ନହୋଇ ନଷ୍ଟ ହେଉଥିଲା। ୨୦୨୩ ମସିହାରେ ଏହାକୁ ଭକ୍ତମାନଙ୍କୁ ଯୋଗାଇ ଦେବାର ବ୍ୟବସ୍ଥା ହୋଇଥିଲା। ସେତେବେଳେ ପ୍ରତ୍ୟେକ ରଥର ଚକର ମୂଲ୍ୟ ୫୦ ହଜାର ଟଙ୍କା ରହିଥିଲା। ଚଳିତ ବର୍ଷ ରଥ ଚକଗୁଟିକର ମୂଲ୍ୟ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିର୍ଦ୍ଧାରଣ କରାଯାଇଛି । ବଡ ଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ରଥର ଚକର ମୂଲ୍ୟ ୨ ଲକ୍ଷ ଟଙ୍କା ରହିଥିବା ବେଳେ ମା ସୁଭଦ୍ରାଙ୍କ ଦେବଦଳନ ରଥର ଚକର ମୂଲ୍ୟ ଦେଢ ଲକ୍ଷ ଟଙ୍କା ରହିଛି। ସେହିପରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥର ଚକର ମୂଲ୍ୟ ତିନି ଲକ୍ଷ ଟଙ୍କା ଧାର୍ଯ୍ୟ କରାଯାଇଛି।



ପ୍ରଭାର ଦର ୨୫ ହଜାର ଟଙ୍କା ଏବଂ ଗୁଜର ଦର ୧୦ରୁ ୧୫ ହଜାର ଟଙ୍କାକୁ ବୃଦ୍ଧି ପାଇଛି । ଯିଏ ପ୍ୟାକେଜ୍‌ରେ ତିନିଗୋଟି ଚକ ନେବାକୁ ଚାହାନ୍ତି ତେବେ ତାଙ୍କ ଏକକାଳିନ ୬ ଲକ୍ଷ ଟଙ୍କା ଦେବାକୁ ହେବ। ଯେଉଁମାନେ ରଥ ଚକ କିମ୍ବା ରଥର ଅନ୍ୟାନ୍ୟ ଅଂଶକୁ ନେବାକୁ ଚାହିଁବେ ସେମାନେ ଶ୍ରୀମନ୍ଦିର ପ୍ରଶାସନ ଠାରୁ ଏକ ଆବେଦନ ଫର୍ମ ନେଇ ପୂରଣ କରି ସେପ୍ଟେମ୍ବର ୧୫ ତାରିଖ ସୁଦ୍ଧା ଶ୍ରୀମନ୍ଦିର ପ୍ରଶାସନକୁ ପ୍ରଦାନ କରିବେ। ଦରଖାସ୍ତ ଦେୟ ଏକ ହଜାର ଟଙ୍କା ଦେବାକୁ ପଡିବ। ରଥ ଚକ ନେବାକୁ ଯୋଗ୍ୟ ହୋଇଥିବା ବ୍ୟକ୍ତି ଶ୍ରୀମନ୍ଦିର ପ୍ରଶାସନ ଠାରୁ ସୂଚନା ପାଇବାର ସପ୍ତାହେ ମଧ୍ୟରେ ମୂଲ୍ୟ ପଇଠ କରିବେ। ସପ୍ତାହେ ମଧ୍ୟରେ ମୂଲ୍ୟ ପଇଠ ନକଲେ ଅନ୍ୟ ଆବେଦନକାରୀଙ୍କୁ କିଣିବାର ସୁଯୋଗ ଦିଆଯିବ। ମୂଲ୍ୟ ପଇଠରେ ୧୫ ଦିନ ମଧ୍ୟରେ ଚକ କିମ୍ବା ଅନ୍ୟ ଅଂଶ ନେବାର ବ୍ୟବସ୍ଥା କରିବେ। ଲୋଡିଂ,ଅନଲୋଡିଂ ଓ ପରିବହନ ଖର୍ଚ୍ଚ କିଣିବା ବ୍ୟକ୍ତି ବା ଅନୁଷ୍ଠାନ ବହନ କରିବେ। ଏହାପରେ ତାଙ୍କୁ ଚକ ପ୍ରଦାନ କରାଯିବ । ତେବେ ଯେଉଁମାନେ ଚକ ନେବେ ସେମାନେ ଯେପରି ରଥ ଚକ ଓ ରଥାଂଶର ପବିତ୍ରତା ବଜାୟ ସହ ପୂଜାର୍ଚ୍ଚନା କରିବେ ଶ୍ରୀମନ୍ଦିର ପ୍ରଶାସନକୁ ଏକ ଅଣ୍ଡରଟେକିଂ ଲେଖିକି ପ୍ରଦାନ କରିବେ । ଶୁଦ୍ଧତା ଓ ପରିଷ୍କାର ପରିଚ୍ଛନତା ରକ୍ଷା କରିବେ। ତେବେ ଯେଉଁ ଭକ୍ତମାନେ ଚକ ନେବା ସମୟରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କରାଯାଇଥିବା ମାନ ଦଣ୍ଡକୁ ପରବର୍ତ୍ତୀ ସମୟରେ ଉଲ୍ଲଂଘନ କରିବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ।





ଦୂରଭାଷ : ୯୪୩୭୭୨୯୩୮୪



ବିଶ୍ୱ ଯୁବ ଦକ୍ଷତା ଦିବସ ଉପଲକ୍ଷେ ଶୁଭେଚ୍ଛା ଓ ଶୁଭ କାମନା

# ପ୍ରବାସୀ ଭାରତୀୟ ଶ୍ରମିକଙ୍କ ଦକ୍ଷତା ବଢ଼ାଇବାକୁ ପ୍ରୟାସ କରାଯାଉ : ବିଶ୍ୱରଞ୍ଜନ



**କୁଏତ :** ବିଭିନ୍ନ ଆଧୁନିକ ଓ ଆତ୍ମନିର୍ଭରଶୀଳ ଯୋଜନା କାର୍ଯ୍ୟକାରିତା ଉପରେ ସମୀକ୍ଷା କରିବାକୁ ବିଦେଶକୁ ଆସୁଥିବା ପ୍ରବାସୀ ଭାରତୀୟଙ୍କ ତରଫରୁ ଏକ ସ୍ୱତନ୍ତ୍ର ଚିଠି ମାଧ୍ୟମରେ ଅନୁରୋଧ କରାଯାଇଛି । ଏହି ସମୟରେ ରାଜ୍ୟରୁ ଶତାଧିକ ପ୍ରବାସୀ ଭାରତୀୟ ଶ୍ରମିକଙ୍କ ଦକ୍ଷତା ବଢ଼ାଇବାକୁ ପ୍ରୟାସ କରାଯିବ ଉଚିତ୍ । ବିଶ୍ୱ ରଞ୍ଜନ କହିଛନ୍ତି ଯେ, ଦକ୍ଷତା ବିକାଶ କାର୍ଯ୍ୟକ୍ରମକୁ ନିର୍ଦ୍ଦିଷ୍ଟ କେତେକ ଟ୍ରେନି ଛାତ୍ରଛାତ୍ରୀ ମଧ୍ୟରେ ସୀମିତ ନରଖି ଏହାକୁ ଶିକ୍ଷାନୁଷ୍ଠାନ, ମହାବିଦ୍ୟାଳୟ ଓ ମିଶନଶକ୍ତି ପରିସରଭୁକ୍ତ କରାଯିବା ଆବଶ୍ୟକ । ବିଭିନ୍ନ ଶିକ୍ଷାନୁଷ୍ଠାନ ଓ କମ୍ପାନୀଗୁଡ଼ିକରେ ଓଡ଼ିଆ ଛାତ୍ରଛାତ୍ରୀଙ୍କ ଯୋଗଦାନ ପୂର୍ବରୁ ସେମାନଙ୍କୁ ଦକ୍ଷ କରିବା ଆବଶ୍ୟକ । ବିଭିନ୍ନ କମ୍ପାନୀ ଓ ଶିକ୍ଷାନୁଷ୍ଠାନ ବୁଝାମଣାପତ୍ରରେ ଓଡ଼ିଆ ଯୁବକ ଯୁବତୀଙ୍କୁ ସେମାନଙ୍କ ଅନୁଷ୍ଠାନ ଗୁଡ଼ିକରେ ନିଯୁକ୍ତି ସୁଯୋଗ ପାଇଁ ଚୁକ୍ତିବଦ୍ଧ ସହିତ ଯୋଗ୍ୟ ପ୍ରାର୍ଥୀମାନେ କୁଶଳୀ ହେବା ନିହାତି ଜରୁରୀ ଅଟେ । ସେଥିପାଇଁ ସେହି ପ୍ରାର୍ଥୀମାନଙ୍କୁ ଦକ୍ଷତା ବିକାଶ ପ୍ରଶିକ୍ଷଣ ଦିଆଯିବା ଆବଶ୍ୟକ । କମ୍ପାନୀ ଓ ଶିକ୍ଷାନୁଷ୍ଠାନଗୁଡ଼ିକୁ ମଧ୍ୟ ଉପଯୁକ୍ତ ଟ୍ରେନର ଓ ଭିତ୍ତିଭୂମି ଯୋଗାଇ ଦେବା ପାଇଁ ଚୁକ୍ତି କରାଯାଇପାରିବ । ଯେଉଁ ଅଞ୍ଚଳରେ ଦକ୍ଷତା ବିକାଶ ଯେତେ ଉନ୍ନତ ସେ ଅଞ୍ଚଳର ଶିକ୍ଷାନୁଷ୍ଠାନ ଓ କମ୍ପାନୀଗୁଡ଼ିକ ସେତିକି ଦକ୍ଷ ହେବ । ତେଣୁ ଦକ୍ଷତା ବିକାଶ କାର୍ଯ୍ୟକ୍ରମକୁ ବ୍ୟାପକ କରି ଶିକ୍ଷାନୁଷ୍ଠାନ, ମହାବିଦ୍ୟାଳୟ ଓ ମିଶନ ଶକ୍ତି ସହ ଯୋଡ଼ିବା ଆବଶ୍ୟକ । ମହାବିଦ୍ୟାଳୟ ଗଡ଼ିକରେ ପାଠପଢ଼ା ସମୟରେ ଛାତ୍ରଛାତ୍ରୀ ଓ ପାଠପଢ଼ା ସମୟ ବାହାରେ ଯୁବକ ଯୁବତୀଙ୍କୁ ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ସାମିଲ କରିବା ଆବଶ୍ୟକ । ରାଜ୍ୟର ପ୍ରତି ଜିଲ୍ଲାର ଉଚ୍ଚଶିକ୍ଷା ଅନୁଷ୍ଠାନରେ ସ୍କିଲ୍ - ହବ ପରିଚାଳନା କରାଯିବ ନିତ୍ୟାନ୍ତ ଜରୁରୀ । ଉଚ୍ଚ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କୁ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ସମ୍ପର୍କରେ ସଚେତନତା କରାଯିବା ସହ ପ୍ରଶିକ୍ଷଣ ଦିଆଯିବ ଆବଶ୍ୟକ । ବିଭିନ୍ନ ଦକ୍ଷତା ଉପରେ ସଚେତନତା ପାଇଁ ସରକାରଙ୍କ ବିଭିନ୍ନ ବିବରଣୀ, ରୋଲ ମଡେଲ୍ ଓ ଉଚ୍ଚ ଶିକ୍ଷା ସ୍କିମ୍ ଏହି କୌଶଳ ଆବଶ୍ୟକ । ଯେଉଁଥରେ ହାଇସ୍କୁଲ, ଆଶ୍ରମ ବିଦ୍ୟାଳୟ, ଶିଶୁ ଯନ୍ତ୍ର ଅନୁଷ୍ଠାନ, ଆଇଟିଆଇ ଓ ପଲିଟେକ୍ନିକ୍ ଉଚ୍ଚଶିକ୍ଷା ଅନୁଷ୍ଠାନ ଉପରେ ଗୁରୁତ୍ୱ ଦିଆଯିବ ଉଚ୍ଛିତ । ଯୁବକମାନଙ୍କୁ ଆତିଥେୟଳା ସମ୍ପୂର୍ଣ୍ଣ ସୁବିଧା ଓ ନିରାପଦ ପୂର୍ଣ୍ଣ ପ୍ରଶିକ୍ଷଣ ପାଇଁ ବିଶ୍ୱ ଦକ୍ଷତା କେନ୍ଦ୍ରଠାରେ ଶାନ୍ତି ଓ ସୁରକ୍ଷା ସ୍ଥାପନର ଆବଶ୍ୟକ । ଏକ ନୂତନ ଓ ଆଧୁନିକ କୌଶଳ ଭବନ ନିର୍ମାଣ ହେବା ଆବଶ୍ୟକ । ଏହି ଭବନରେ ଯୁବକମାନଙ୍କୁ ଦକ୍ଷତା ପୂର୍ଣ୍ଣ ପ୍ରଶିକ୍ଷଣ ଦେବା ସହିତ ଦକ୍ଷତା କେନ୍ଦ୍ର ପରିସରରେ ଉତ୍ତମ କୌଶଳ ଶିକ୍ଷା ପ୍ରଦାନ ଆବଶ୍ୟକ ବୋଲି ବିଶ୍ୱ ରଞ୍ଜନ ସାହୁ, ସଭାପତି, ଭାରତୀୟ ପ୍ରବାସୀ ପରିଷଦ ଓଡ଼ିଶା ସଙ୍ଘ, କୁଏତ ତରଫରୁ ରାଜ୍ୟ ଓ ଭାରତ ସରକାରଙ୍କୁ ଅନୁରୋଧ କରିଛନ୍ତି ।

# ସ୍କୁଲ ଶିକ୍ଷାରେ ସାମିଲ ହେବ 'ମିଶନ ଲାଇଫ୍' : ଧର୍ମେନ୍ଦ୍ର



**ନୂଆଦିଲ୍ଲୀ/ଭୁବନେଶ୍ୱର, (ପିଆଇବି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନ କ୍ରମେ ସ୍କୁଲ ଶିକ୍ଷାରେ 'ମିଶନ ଲାଇଫ'କୁ ସମନ୍ୱିତ କରି ଏକ ସ୍ଥାୟୀ ଭବିଷ୍ୟତ ପାଇଁ କାର୍ଯ୍ୟ କରିବା ଦିଗରେ ନୂଆଦିଲ୍ଲୀ ଠାରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ କେନ୍ଦ୍ର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବଙ୍କ ମଧ୍ୟରେ ଏକ ପ୍ରାରମ୍ଭିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଏବଂ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ଅବସରରେ ଶ୍ରୀ ପ୍ରଧାନ ଗୁରୁତ୍ୱାରୋପ କରିଥିଲେ ଯେ ଜାତୀୟ ଶିକ୍ଷା ନୀତି ସ୍କୁଲ ପାଠ୍ୟକ୍ରମରେ ପରିବେଶ ସଚେତନତା ଏବଂ ଜଳବାୟୁ ପରିବର୍ତ୍ତନ ଶିକ୍ଷାକୁ ସମନ୍ୱିତ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଉଛି । ପୂର୍ବରୁ ମଧ୍ୟ ସ୍କୁଲ ଶିକ୍ଷାରେ ପରିବେଶଗତ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯାଇଛି । ଏହାକୁ ପାଠପଢାର ଅଂଶ ଭାବରେ ନିଆଯାଇ ବାଳବାଟିକାରୁ ବିଭିନ୍ନ କାର୍ଯ୍ୟକ୍ରମ ଓ ଅଭିଯାନ ମାଧ୍ୟମରେ ପରିବେଶ ସୁରକ୍ଷାକୁ ପ୍ରୋତ୍ସାହିତ କରାଯାଇଛି । ସ୍କୁଲ ପାଠ୍ୟକ୍ରମରେ ମିଶନ ଲାଇଫକୁ ଯୋଡାଗଲେ ସାରା ଭାରତବର୍ଷରେ ୧୪.୭ ଲକ୍ଷରୁ ଅଧିକ ସ୍କୁଲ ଏବଂ ୩୦ କୋଟିରୁ ଅଧିକ ଛାତ୍ରଛାତ୍ରୀମାନେ ଏହି ଜନଆନ୍ଦୋଳନରେ ଯୋଡ଼ିହେବେ, ଯାହା ପରିବେଶ ପାଇଁ ସୁସ୍ଥ ଜୀବନଶୈଳୀକୁ ବ୍ୟାପକ କରିବାରେ ସାହାଯ୍ୟ କରିବ । ସ୍ଥାୟୀତ୍ୱ ଏଜେଣ୍ଡାକୁ ଆଗେଇ ନେବା, ପିଲାମାନଙ୍କ ମଧ୍ୟରେ ପରିବେଶ ଅନୁକୂଳ ମାନସିକତା ଏବଂ ବ୍ୟବହାର ବଢାଇବା ଦିଗରେ ମୂଲ୍ୟବାନ ପରାମର୍ଶ ଦେଇଥିବାରୁ ଶ୍ରୀ ପ୍ରଧାନ ଉଭୟ ମନ୍ତ୍ରଣାଳୟକୁ ଧନ୍ୟବାଦ ଦେଇଛନ୍ତି । ତୃଣମୂଳ ସ୍ତରରେ ଜଳବାୟୁ ଶିକ୍ଷାକୁ ଗ୍ରହଣ କରିବା, ଗାମିଫିକେସନ୍ ଏବଂ ଡିଜିଟାଲ୍ ପଦ୍ଧତି ମାଧ୍ୟମରେ ପରିବେଶଗତ ଶିକ୍ଷା ଏବଂ ତାଲିମକୁ ପ୍ରୋତ୍ସାହିତ କରିବା, ମିଶନ୍ ଲାଇଫ୍ ?ର ଉପାଦାନଗୁଡ଼ିକ ଉପରେ ଶିକ୍ଷକ ହ୍ୟାଣ୍ଡବୁକକୁ ବିକଶିତ କରିବା ଏବଂ ଛାତ୍ରଛାତ୍ରୀ ତଥା ସମସ୍ତ ଷ୍ଟେକହୋଲଡରଙ୍କ ଦ୍ୱାରା ପରିବେଶ-ଅନୁକୂଳ ଆଚରଣକୁ ପ୍ରୋତ୍ସାହିତ କରିବା ପାଇଁ ମିଶନ ଲାଇଫର ସକାରାତ୍ମକ ଦିଗକୁ କ୍ରେଡିଟ୍ ଫ୍ରେମୱାର୍କରେ ଅନ୍ତର୍ଭୁକ୍ତ କରିବା ପାଇଁ ଡାଏଟଗୁଡ଼ିକୁ ସାମିଲ କରିବାକୁ ଶ୍ରୀ ପ୍ରଧାନ ପରାମର୍ଶ ଦେଇଛନ୍ତି । ଶିକ୍ଷା ମନ୍ତ୍ରଣାଳୟ ଏବଂ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ମନ୍ତ୍ରଣାଳୟ ଜଳବାୟୁ-ସଚେତନ ନାଗରିକଙ୍କୁ ଯୋଡ଼ିବା ସହ ଆମ ପରିବେଶ ସୁରକ୍ଷା ପାଇଁ ସାମୂହିକ କାର୍ଯ୍ୟ କରିବ । ଜଳବାୟୁ ପ୍ରତିବଦ୍ଧତାକୁ ସାକାର କରିବା ସହ ଭାରତର ଜଳବାୟୁ ଲିଡରସିପ ପ୍ରତିଷ୍ଠା କରିବା ପାଇଁ ମିଳିତ ଭାବରେ କାର୍ଯ୍ୟ କରିବା ଉପରେ ଶ୍ରୀ ପ୍ରଧାନ ଗୁରୁତ୍ୱାରୋପ କରିଥିଲେ ।

# ପଞ୍ଚାୟତ ପ୍ରତିନିଧିଙ୍କ ମୃତ୍ୟୁ ଓ ଅକ୍ଷମତା ପାଇଁ ସରକାର ଦେବେ ଅନୁକମ୍ପା ସହାୟତା

**ଭୁବନେଶ୍ୱର :** ରାଜ୍ୟରେ ତ୍ରିସ୍ତରୀୟ ପଞ୍ଚାୟତ ବ୍ୟବସ୍ଥାରେ ନିର୍ବାଚିତ ପ୍ରତିନିଧିମାନଙ୍କ ସାମାଜିକ ନିରାପତ୍ତା ଦିଗରେ ରାଜ୍ୟ ସରକାର ଆଜି ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି । କାର୍ଯ୍ୟରତ ୱାର୍ଡମେମ୍ବରରୁ ଜିଲ୍ଲା ପରିଷଦ ସଭାପତିଙ୍କ ପର୍ଯ୍ୟନ୍ତ ପଞ୍ଚାୟତ ପ୍ରତିନିଧିଙ୍କ ମୃତ୍ୟୁ କ୍ଷେତ୍ରରେ ୨ ଲକ୍ଷ ଟଙ୍କା ଓ ଅକ୍ଷମତା ପାଇଁ ୧ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ମିଳିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଜାରି ପ୍ରେସ୍ ରିଲିଜ୍ ଅନୁସାରେ, ପଞ୍ଚାୟତ ପ୍ରତିନିଧିମାନଙ୍କ କାର୍ଯ୍ୟଅବଧି ସମୟରେ କୌଣସି କାରଣରୁ ମୃତ୍ୟୁ ଘଟିଲେ ତାଙ୍କର ନିକଟତମ ସଂପର୍କୀୟଙ୍କୁ ୨ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବ । ସେହିଭଳି ଉଭୟ ଆଖି, ହାତ କିମ୍ବା ଗୋଡ଼ ନଷ୍ଟ ହେଲେ ସଂପୃକ୍ତ ପଞ୍ଚାୟତ ପ୍ରତିନିଧିଙ୍କୁ ୨ ଲକ୍ଷ ଟଙ୍କା ଏବଂ ଯଦି ଗୋଟିଏ ଆଖି କିମ୍ବା ଗୋଟିଏ ହାତ କିମ୍ବା ଗୋଡ଼ ନଷ୍ଟ ହୁଏ ତେବେ ତାଙ୍କୁ ୧ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯିବ । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ସାମ୍ବିଧାନିକ ବ୍ୟବସ୍ଥାରେ ପଞ୍ଚାୟତ ପ୍ରତିନିଧିମାନେ ହେଉଛନ୍ତି ତୃଣମୂଳ ସ୍ତରରେ ନିର୍ବାଚିତ ପ୍ରତିନିଧି । ସେମାନେ ସିଧାସଳଖ ଲୋକଙ୍କ ସହ ଯୋଡ଼ିହୋଇ ରହିଥାନ୍ତି । ଲୋକଙ୍କ ସୁବିଧା ଅସୁବିଧାରେ ସେମାନଙ୍କୁ ସହାୟତା କରନ୍ତି । ଗ୍ରାମାଞ୍ଚଳ ବିକାଶରେ ସେମାନଙ୍କର ମହତ୍ୱପୂର୍ଣ୍ଣ ଅବଦାନ ରହିଥାଏ । କିନ୍ତୁ, ସେମାନଙ୍କ କ୍ଷେତ୍ରରେ କୌଣସି ଦୁର୍ଘଟଣା ଘଟିଲେ ସେମାନେ ବହୁତ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ଏସବୁକୁ ଦୃଷ୍ଟିରେ ରଖି ଏହି ସହାୟତା ରାଶି ପ୍ରଦାନ ପାଇଁ ନିଷ୍ପତ୍ତି ନିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି ।

ମିଆଁମାରରେ ସାଇବର ଠକଙ୍କ ହାବୁଡ଼ରେ ଫସିଛନ୍ତି ନିଆଳିର ୪ ଯୁବକ

# ଉଦ୍ଧାର ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଆକୁଳ ନିବେଦନ



**ନିଆଳି :** ବିଦେଶ ଯାଇ ଅଧିକ ରୋଜଗାର କରିବାର ବଦଳରେ ସାଇବର ଠକଙ୍କ କବଜାରେ ମିଆଁମାର ଦେଶରେ ଫସିରହିଛନ୍ତି ନିଆଳି ଅଞ୍ଚଳ ର ୪ ଜଣ ଯୁବକ । ସେଠାରେ ତାଙ୍କୁ ଖାଇବା ପିଇବାକୁ ନ ଦିଆଯାଇ ଅକଥନିୟ ନିର୍ଯାତନା ଦିଆଯାଉଛି । ପିଲାମାନଙ୍କ ଠାରୁ ଏପରି ବିକଳ ଶୁଣି ପରିବାର ଲୋକେ ସହି ନ ପାରି ତୁରନ୍ତ ସେମାନଙ୍କୁ ଉଦ୍ଧାର କରିବା ପାଇଁ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି । ପରିବାରର ଆକୁଳ ନିବେଦନ ପରେ ନିଜେ ମୁଖ୍ୟମନ୍ତ୍ରୀ କିପରି ଉକ୍ତ ୪ ଯୁବକ ମିଆଁମାରରୁ ଉଦ୍ଧାର କରାଯିବ ସେ ନେଇ ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା କରି ଉଦ୍ଧାର ପକ୍ରିୟା ଆରମ୍ଭ କରାଯାଇଥିବା ଜଣାଯାଇଛି । ଘଟଣାରୁ ପ୍ରକାଶ ନିଆଳି ବ୍ଲକ ଜଲ୍ଲାରପୁର ପଞ୍ଚାୟତ କୂଳ ଜଲ୍ଲାରପୁରର ପ୍ରତ୍ୟୁଷ ସ୍ୱାଇଁ (୩୦), ବିଜୟ ନାୟକ (୩୦) ବାହାରଣା ପଞ୍ଚାୟତ ବରିମୁଣ୍ଡେଇର ଲକ୍ଷ୍ମୀକାନ୍ତ ପଣ୍ଡା (୨୯) ଓ ସୌମ୍ୟରଞ୍ଜନ ବିହାରୀ (୩୬) ଏଜେଣ୍ଟଙ୍କ ମାଧ୍ୟମରେ ଗତ ଫେବୃଆରୀ ୨୭ ତାରିଖରୁ ଘରୁ ବାହାରି ଯାଇଥିଲେ । ତାଙ୍କୁ ବ୍ୟାଙ୍କଙ୍ଗର ଏକ ଫୁଡ୍ ପ୍ୟାକେଜିଙ୍ଗ କମ୍ପାନୀରେ ନିୟୋଜିତ କରିବା ପାଇଁ କହି ଏଜେଣ୍ଟ ନେଇଥିଲେ । ମାତ୍ର ସେମାନଙ୍କର ଭିସା ହୋଇ ନ ଥିବା ବେଳେ କିଛି ଦିନ କାମ କରିବା ପରେ ଭିସା ମିଳିଯିବ ବୋଲି କହି ବେଆଇନ୍ ଭାବେ ଉକ୍ତ ଯୁବକଙ୍କୁ ସୀମା ଅତିକ୍ରମ କରାଇ ମିଆଁମାର ଆଣିଥିଲେ । ସେଠାରେ ଉକ୍ତ ୪ ଜଣ ଯୁବକଙ୍କୁ ଅଲଗା ଅଲଗା ସ୍ଥାନରେ ରଖି ଓଡିଆ ଓ ହିନ୍ଦୀ ଭାଷାରେ ଫୋନ୍ କରି ଭାରତ ଓ ବିଶେଷ କରି ଓଡିଶା ଲୋକଙ୍କୁ ଫସାଇ ସାଇବର ଠକେଇ ଜାଲରେ ଛନ୍ଦିବାକୁ ଉକ୍ତ ଯୁବକ ମାନଙ୍କୁ ବାଧ କରାଯାଇଥିଲା । ସେମାନେ ରାଜି ନ ହେବାରୁ ସେମାନଙ୍କ ଖାଇବା ପିଇବା ବନ୍ଦ କରିବା ସହ ଶାରୀରିକ ଓ ମାନସିକ ନିର୍ଯ୍ୟାତନା ଦିଆଯାଉଥିଲା । ଏମିତିକି ଦିନକୁ ଗୋଟିଏ ବେଳା ମ୍ୟାଗି ଖାଇବାକୁ ଦିଆଯାଉଥିବା ବେଳେ ଅଧା ଲିଟର ପାଣି ପିଇବାକୁ ଦିଆଯାଉଥିଲା ବୋଲି ଜଣେ ଯୁବକ ଫୋନ୍ କରି ତାଙ୍କ ପରିବାରକୁ ଜଣାଇଛି । ଦିନକୁ ମାତ୍ର ୧୦ ମିନିଟ୍ ପାଇଁ ସେମାନଙ୍କୁ ମୋବାଇଲ୍ ଦିଆ ଯାଉଥିଲା । ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇ ୪ ଜଣ ଯାକ ଯୁବକ ସେମାନଙ୍କ ପରିବାରକୁ ଫୋନ୍ କରି ତାଙ୍କୁ ସେଠାରୁ ଉଦ୍ଧାର ପାଇଁ ଆକୁଳ ନିବେଦନ କରିଥିଲେ । ପରିବାର ଲୋକେ ସେମାନଙ୍କୁ ଫେରାଇ ଆଣିବା ପାଇଁ ଉଦ୍ୟମ କରି ପ୍ରଥମେ ଲେବର କମିଶନରଙ୍କୁ ଜଣାଇଥିଲେ । ପରେ ମିଆଁମାର ଦୂତାବାସ ସହିତ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ଫଳ ମିଳି ନ ଥିଲା । ଦିନ ଗଡିବା ସହ ଉକ୍ତ ଯୁବକ ମାନଙ୍କ ଉପରେ ଅତ୍ୟାଚାର ବଢି ଚାଲିଥିଲା ଫଳରେ ସେମାନଙ୍କର ସ୍ୱାସ୍ଥ୍ୟ ଅବସ୍ଥା ବିଗିଡିବାରେ ଲାଗିଥିଲା । ଫଳରେ ପରିବାର ଲୋକେ ଚିନ୍ତାରେ ପଡିଥିଲେ । ଗତ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି କଟକ ଆସୁଥିବା ବେଳେ କଟକ ଜିଲ୍ଲା ବିଜେପି ସଭାପତି ସୁକାନ୍ତ ବିଶ୍ୱାଳଙ୍କୁ ଉକ୍ତ ଯୁବକଙ୍କ ପରିବାର ଲୋକେ ଏ ନେଇ ଜଣାଇବା ପରେ ଶ୍ରୀ ବିଶ୍ୱାଳ ମୁଖ୍ୟମନ୍ତ୍ରୀଙ୍କୁ ଏ ନେଇ ଅବଗତ କରାଇବା ପରେ ମୁଖ୍ୟମନ୍ତ୍ରୀ ତାଙ୍କ ବ୍ୟକ୍ତିଗତ ସଚିବ ମନୋଜ ସାହୁଙ୍କୁ ଦାୟୀତ୍ୱ ଦେଇଥିଲେ । ଶ୍ରୀ ସାହୁ ଉକ୍ତ ଯୁବକ ମାନଙ୍କର ପରିବାର ସହ ଆଲୋଚନା କରି ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ସହ ଆଲୋଚନା କରି କିପରି ଖୁବ୍ ଶୀଘ୍ର ସେମାନଙ୍କୁ ଉଦ୍ଧାର କରାଯାଇ ପାରିବ ସେ ନେଇ ପକ୍ରିୟା ଆରମ୍ଭ ହୋଇଥିବା ଜଣାଯାଇଛି । ତେବେ ଉକ୍ତ ଯୁବକଙ୍କ ଫେରିବା ବାଟକୁ ଚାହିଁ ପରିବାର ଲୋକେ ଦୁଃଖରେ ଆଖିରୁ ଲୁହ ଗଡାଉଛନ୍ତି ।






# ସ୍କୁଲରେ ସୁରକ୍ଷା ଉପରେ ଗୁରୁତ୍ୱ, ହେଲ୍ପଲାଇନ୍ ନମ୍ବର ଜାରି

**ଭୁବନେଶ୍ୱର :** ବାଲେଶ୍ୱରର ଫକୀର ମୋହନ ସ୍ୱୟଂଶାସିତ କଲେଜ ଘଟଣା ପରେ ରାଜ୍ୟ ସରକାର ଚେତିଛନ୍ତି । ସମସ୍ତ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ପାଇଁ ଏକ ସୁରକ୍ଷିତ ପରିବେଶ ସୃଷ୍ଟି କରିବା ଏବଂ ମହିଳା କର୍ମଚାରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ଗଠନ କରିବା ଲାଗି ଓଡ଼ିଶା ସରକାରଙ୍କ ଓଡ଼ିଶା ସ୍କୁଲ ଏବଂ ଗଣଶିକ୍ଷା ବିଭାଗ ଗୁରୁବାର ରାଜ୍ୟର ସମସ୍ତ ଡିଇଓମାନଙ୍କୁ ନିର୍ଦ୍ଦେଶ ଜାରି କରିଛି । ଏକ ଚିଠିରେ କୁହାଯାଇଛି ଯେ, କର୍ମକ୍ଷେତ୍ରରେ ମହିଳାମାନଙ୍କ ପ୍ରତି ଯୌନ ଉତ୍ପୀଡ଼ନ ନିବାରଣ, ନିଷେଧ ଏବଂ ପ୍ରତିକାର) ଆଇନ, ୨୦୧୩ ଅନ୍ତର୍ଗତ ବ୍ୟବସ୍ଥାଗୁଡ଼ିକ ପାଳନ କରିବା ପାଇଁ ସମୟ ସମୟରେ ନିର୍ଦ୍ଦେଶ ଜାରି କରାଯାଇଛି । ସମସ୍ତ ଯୋଗ୍ୟ ପ୍ରତିଷ୍ଠାନରେ ଆସିସିର ଗଠନ ଏବଂ ପୁନଃଗଠନ ସହିତ କାର୍ଯ୍ୟାନ୍ୱୟନ ସମୀକ୍ଷା କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହା ମଧ୍ୟ ନିଶ୍ଚିତ କରିବାକୁ ଚିଠିରେ କୁହାଯାଇଛି, ଆପଣଙ୍କ ଅଧିକାର କ୍ଷେତ୍ର ଅନ୍ତର୍ଗତ ସମସ୍ତ କାର୍ଯ୍ୟସ୍ଥଳରେ ଆଇନର ସମସ୍ତ ବ୍ୟବସ୍ଥାଗୁଡ଼ିକୁ ପାଳନ କରାଯାଉଥିବା ନେଇ ନିଶ୍ଚିତ କରିବା ଜରୁରୀ । ଏହା ସହିତ, ସମସ୍ତ ଛାତ୍ରଛାତ୍ରୀଙ୍କ ପାଇଁ, ବିଶେଷକରି ଛାତ୍ରୀମାନଙ୍କ ଶାରୀରିକ, ମାନସିକ ଏବଂ ସାମାଜିକ-ଭାବପ୍ରବଣ ସୁସ୍ଥତା ପାଇଁ ବିଦ୍ୟାଳୟଗୁଡ଼ିକରେ ଏକ ସୁରକ୍ଷିତ ପରିବେଶ ସୃଷ୍ଟି କରିବା ଅତ୍ୟନ୍ତ ଜରୁରୀ । ଏହି ପରିପ୍ରେକ୍ଷୀରେ, ଛାତ୍ର, ଶିକ୍ଷକ ଏବଂ ଅଭିଭାବକମାନଙ୍କ ମଧ୍ୟରେ ସକାରାତ୍ମକ ଲିଙ୍ଗ ମନୋଭାବ ଏବଂ ଆଚରଣକୁ ପ୍ରୋତ୍ସାହିତ କରିବା ଏବଂ ଲିଙ୍ଗଭିତ୍ତିକ ହିଂସାକୁ ଦୂର କରିବା ପାଇଁ ଉଦ୍ଦିଷ୍ଟ 'ବର୍ଣ୍ଣାଳୀ' ଲିଙ୍ଗ ସମାନତା କାର୍ଯ୍ୟକ୍ରମ ପାଠ୍ୟକ୍ରମକୁ ରାଜ୍ୟର ସମସ୍ତ ପ୍ରାଥମିକ ଏବଂ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ସାମାଜିକ ଅଧ୍ୟୟନ ପାଠ୍ୟକ୍ରମ ସହିତ ସମନ୍ୱୟ କରି କଡ଼ାକଡ଼ି ଭାବେ ଅନୁସରଣ କରାଯିବା ଉଚିତ୍ ବୋଲି ଚିଠିରେ କୁହାଯାଇଛି । ଏହା ସହିତ ନିର୍ଦ୍ଦେଶ ଦିଆଯାଇଛି,ଡିଇଓମାନଙ୍କ ଅଧିକାର କ୍ଷେତ୍ର ଅନ୍ତର୍ଗତ ସମସ୍ତ କର୍ମକ୍ଷେତ୍ର, ବିଦ୍ୟାଳୟ ଏବଂ ଆବାସିକ ଛାତ୍ରାବାସର ପ୍ରମୁଖ ସ୍ଥାନରେ ହେଲ୍ପଲାଇନ୍ ନମ୍ବରଗୁଡ଼ିକ ପ୍ରଦର୍ଶିତ ହେବା ଉଚିତ୍ । ରାଜ୍ୟ ସରକାରଙ୍କ କମିସନର-କମ୍-ସେକ୍ରେଟାରି ଶାଳିନୀ ପଣ୍ଡିତଙ୍କ ଦ୍ୱାରା ସ୍ୱାକ୍ଷରିତ ଏହି ଚିଠିକୁ ସମସ୍ତ ଡିଇଓଙ୍କୁ ପଠାଯାଇଛି । ଏହାର କପି ଅନୁପାଳନ ଏବଂ ତଦାରଖ ପାଇଁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ନିକଟକୁ ମଧ୍ୟ ଜାରି କରାଯାଇଛି ।






# ସାମୁଦ୍ରିକ ଜୈବପ୍ରଯୁକ୍ତି ପାଇଁ ଓଡ଼ିଶାର ଖଣିଜ ଶକ୍ତିର ବ୍ୟବହାର ହେବ : କେନ୍ଦ୍ର ମନ୍ତ୍ରୀ



**ଭୁବନେଶ୍ୱର, (ପିଆଇବି) :** କେନ୍ଦ୍ର ବିଜ୍ଞାନ ଓ କାରିଗରୀ; ଭୂବିଜ୍ଞାନ ଓ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ, ଆଣବିକ ଶକ୍ତି, ମହାକାଶ, କାର୍ମିକ, ସାଧାରଣ ଅଭିଯୋଗ ଓ ପେନସନ ପ୍ରଶାସନ ରାଷ୍ଟ୍ର ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂ ଭୁବନେଶ୍ୱରସ୍ଥିତ ବୈଜ୍ଞାନିକ ଏବଂ ଔଦ୍ୟୋଗିକ ଗବେଷଣା ପରିଷଦ-ଖଣିଜ ଓ ବସ୍ତୁ ପ୍ରଯୁକ୍ତି ପ୍ରତିଷ୍ଠାନ (ସିଏସଆଇଆର-ଆଇଆଇଏମଟି) ପରିସରରେ ଡିବିଟି-ଆଇଏଲଏସ ସହଯୋଗରେ ପ୍ରତିଷ୍ଠିତ ମିଳିତ ସାମୁଦ୍ରିକ ବାୟୋମାନୁଫାକ୍ଚରିଂ ୟୁନିଟ୍ ପାଇଁ ଶିଳାନ୍ୟାସ କରିଛନ୍ତି । ଏହା ପ୍ରତିଷ୍ଠାନର ସାମୁଦ୍ରିକ ଖଣିଜ ଗବେଷଣା ସହିତ ଜୈବ ପ୍ରଯୁକ୍ତିବିଦ୍ୟାକୁ ସଂଯୋଗ କରିବ । କେନ୍ଦ୍ର ମନ୍ତ୍ରୀ ତାଙ୍କ ଗସ୍ତ ସମୟରେ ପିଏମଏନ ପର୍ଯ୍ୟାୟ ଦୁଇ, ଏକ ଭୂଲମ୍ବ ଶାଫ୍ଟ ପାଇଲଟ୍ ପ୍ଲାଣ୍ଟ ଏବଂ ଏକ ଦୀର୍ଘସ୍ଥାୟୀ ପୁନଃଚକ୍ରଣ କେନ୍ଦ୍ର ସମେତ ବିଭିନ୍ନ ପ୍ରକଳ୍ପର ଉଦଘାଟନ ମଧ୍ୟ କରିଥିଲେ । ସେ ଡିବିଟି-ଆଇଏଲଏସ ସହଯୋଗରେ ପ୍ରତିଷ୍ଠା କରାଯିବାକୁ ଥିବା ମିଳିତ ସାମୁଦ୍ରିକ ଜୈବ ଉତ୍ପାଦନ ସୁବିଧା ପାଇଁ ମଧ୍ୟ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଏହା ପ୍ରତିଷ୍ଠାନର ସାମୁଦ୍ରିକ ଖଣିଜ ଗବେଷଣା ସହିତ ଜୈବପ୍ରଯୁକ୍ତିକୁ ସଂଯୋଗ କରିବ । ଏହି ପଦକ୍ଷେପଗୁଡ଼ିକ ମୋଦୀ ସରକାରଙ୍କ ସମନ୍ୱିତ ବିଜ୍ଞାନ ଆଭିମୁଖ୍ୟ 'ସମ୍ପୂର୍ଣ୍ଣ ବିଜ୍ଞାନ ଏବଂ ସମଗ୍ର ରାଷ୍ଟ୍ର'କୁ ପ୍ରତିଫଳିତ କରେ ବୋଲି କେନ୍ଦ୍ର ମନ୍ତ୍ରୀ କହିଥିଲେ । ସିଏସଆଇଆର-ଆଇଆଇଏମଟି ପରିସରରେ ପ୍ରମୁଖ ଗବେଷଣା ଏବଂ ପାଇଲଟ୍-ସ୍ତରର ପ୍ରକଳ୍ପର ଉଦଘାଟନ କରିବା ସମୟରେ ଡକ୍ଟର ଜିତେନ୍ଦ୍ର ସିଂହ ଏକ ଆତ୍ମନିର୍ଭରଶୀଳ ଏବଂ ପ୍ରଯୁକ୍ତିବିଦ୍ୟା ଦୃଷ୍ଟିରୁ ଉନ୍ନତ ରାଷ୍ଟ୍ରର ସ୍ୱପ୍ନ ପୂରଣ କରିବାରେ ଭାରତର ଖଣି ଏବଂ ଖଣିଜ କ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ । ଏହି ଅଗ୍ରଣୀ ପ୍ରତିଷ୍ଠାନର ବୈଜ୍ଞାନିକ, ପ୍ରଯୁକ୍ତିବିଦ୍ ? ଏବଂ ଗବେଷକମାନଙ୍କୁ ସମ୍ବୋଧିତ କରି କେନ୍ଦ୍ର ମନ୍ତ୍ରୀ ସମ୍ବଳ ଉପଯୋଗ, ସ୍ୱଦେଶୀ ପ୍ରଯୁକ୍ତି ବିକାଶ ଏବଂ ଦୀର୍ଘସ୍ଥାୟୀ ଖଣିଜ କ୍ଷେତ୍ରରେ ସିଏସଆଇଆର-ଆଇଆଇଏମଟିର ଅବଦାନକୁ ପ୍ରଶଂସା କରିଥିଲେ । ସେ ଗୁରୁତ୍ୱାରୋପ କରି କହିଥିଲେ ଯେ 'ବିକଶିତ ଭାରତ ୨୦୪୭' ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆତ୍ମନିର୍ଭର ଭାରତ ପରିକଳ୍ପନାକୁ ସାକାର କରିବା ପାଇଁ ଏପରି ବୈଜ୍ଞାନିକ ପ୍ରୟାସ ଅତ୍ୟନ୍ତ ଜରୁରୀ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉକ୍ତିକୁ ଉଦ୍ଧାର କରି ଡକ୍ଟର ଜିତେନ୍ଦ୍ର ସିଂ କହିଥିଲେ, 'ଆମ ଅର୍ଥବ୍ୟବସ୍ଥାର ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ହୋଇଥିବାରୁ ଏକ ଦୃଢ଼ ଖଣି ଏବଂ ଖଣିଜ କ୍ଷେତ୍ର ବିନା ଆତ୍ମନିର୍ଭରଶୀଳତା ସମ୍ଭବ ନୁହେଁ । ଏହି ପ୍ରତିଷ୍ଠାନଟି ଭୌଗୋଳିକ ଏବଂ ବିଶେଷଜ୍ଞତା ଦୃଷ୍ଟିରୁ, ଗୁରୁତ୍ୱପୂର୍ଣ୍ଣ ଖଣିଜ ଏବଂ ଦୀର୍ଘସ୍ଥାୟୀ ବସ୍ତୁ ବିକାଶ କ୍ଷେତ୍ରରେ ନବସୃଜନକୁ ପ୍ରୋତ୍ସାହିତ କରିବା ପାଇଁ ଅନନ୍ୟ ଭାବରେ ସ୍ଥାନିତ ହୋଇଛି ।' ୧୯୬୪ ମସିହାରେ ପ୍ରତିଷ୍ଠିତ ସିଏସଆଇଆର-ଆଇଏମଏମଟି, ପର୍ଯ୍ୟାୟ ସାରଣୀରୁ ୪୧ଟି ଉପାଦାନ ଉପରେ ଜ୍ଞାନ ଆଧାର ବିକଶିତ କରିଛି । ଲୁହାପଥର, ଫେରୋକ୍ରୋମ, ତମ୍ବା, କୋବାଲ୍ଟ ଏବଂ ନିକେଲ୍ ସମେତ ବିଭିନ୍ନ ଧାତୁର ଲାଭଦାୟକ ଗୁଣ ଏବଂ ନିଷ୍କର୍ଷଣ ପାଇଁ ଅଗ୍ରଣୀ ପ୍ରଯୁକ୍ତିବିଦ୍ୟାର ବିକଶିତ କରିଛି । ଲାଲ ମାଟି, ଫ୍ଲାଇ ଆଶ୍ ଏବଂ ଫସ୍ଫୋ-ଜିପ୍ସମ ଭଳି ଶିଳ୍ପ ବର୍ଜ୍ୟର ଉପଯୋଗ ଏବଂ ଶିଳ୍ପ କ୍ଷେତ୍ରରେ ବର୍ତ୍ତମାନ ଫ୍ଲୋଟେସନ କଲମ୍ ଏବଂ ସ୍କ୍ରୁ ସ୍କ୍ରବର ଭଳି ସ୍ୱଦେଶୀ ଉପକରଣ ବିକାଶ କ୍ଷେତ୍ରରେ ପ୍ରତିଷ୍ଠାନର କାର୍ଯ୍ୟ ବିଷୟରେ କେନ୍ଦ୍ର ମନ୍ତ୍ରୀ ଉଲ୍ଲେଖ କରିଥିଲେ ।

Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com
Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ
Editor : **Tarak Mohanty**
ସମ୍ପାଦକ : ତାରକ ମହାନ୍ତି